visit us at
www.paryabekhyak.com

# ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

PARYABEKHYAK ପର୍ଯ୍ୟବେକ୍ଷକ

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.200 Bhubaneswar Saturday September 17 2022 ୨୫ତମ ବର୍ଷ ସଂଖ୍ୟା-୨୦୦ ଭୁବନେଶ୍ୱର, ଶନିବାର, ସେପ୍ଟେମ୍ବର ୧୭, ୨୦୨୨ ୨୮.୦୦ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS

# କୋଇଲା ବୋଝେଇ ହାଇୱା ମାଡିଗଲା, ଜେଏସଡବ୍ଲ୍ୟୁ ଭୂଷଣ ପାୱାରର ୫ ଶ୍ରମିକ ମୃତ

ଭୁବନେଶ୍ୱର,୧୬।୯(ପି.ଏନ): ଏକ କୋଇଲା ବୋଝେଇ ଟ୍ରକ ଆଜି ସନ୍ଧ୍ୟାରେ ଝାରସୁଗୁଡା-ସମ୍ବଲପୁର ବିଜୁ ଏକ୍ସପ୍ରେସ ୱେର ନିଖିଳ ?ାବା ଛକ ନିକଟରେ ଜେଏସଡବ୍ଲ୍ୟୁ ଭୂଷଣ ପାୱାର ଆଣ୍ଡ ଷ୍ଟିଲ କମ୍ପାନୀର ବସ୍ ଉପରେ ମାଡି ଯିବାରୁ ୫ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଛି । ଅନ୍ୟ ୧୮ଜଣ ଆହତ ହୋଇଥିବାବେଳେ ୫ଜଣଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡିଛି । ମିଳିଥିବା ସୂଚନା ଅନୁସାରେ, ଆଜି ସନ୍ଧ୍ୟାରେ ଜେଏସଡବ୍ଲ୍ୟୁ ଭୂଷଣ କମ୍ପାନୀର ଏକ ବସରେ ଶ୍ରମିକମାନେ ଆସୁଥିବାବେଳେ ଝାରସୁଗୁଡାର ନିଖିଳ ?ାବା ନିକଟରେ ଏକ କୋଇଲା ବୋଝେଇ ହାଇୱା ଉକ୍ତ ବସକୁ ପଛପଟୁ ଜୋରସୋରରେ ଧକ୍କା ଦେଇଥିଲା । ଏଥିରେ ୫ଜଣଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି । ସେମାନେ ହେଲେ ପଙ୍କଜ ଝା(୪୦), ବିଜ୍ରପାଲ ସିଂ(୩୫), ରାଜେନ୍ଦ୍ର ତିୱାରୀ, ଶେର ବାହାଦୂର ଓ ବିକାଶ କୁମାର । ଗୁରୁତର ଅବସ୍ଥାରେ ଥିବା ଅନ୍ୟ ୮ଜଣଙ୍କୁ ବୁର୍ଲାସ୍ଥିତ ଭୀମସାର ମେଡିକାଲ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି । ସାମାନ୍ୟ ଆହତଙ୍କୁ ଝାରସୁଗୁଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ହସ୍ପିଟାଲ କରାଯାଉଥିବା ଜଣାପଡିଛି ।ଏ ସମ୍ପର୍କରେ ଝାରସୁଗୁଡା ଜିଲ୍ଲାପାଳ ସରୋଜ କୁମାର ସାମଲ କହିଛନ୍ତି ଯେ, ଏକ ମର୍ମନ୍ତୁଦ ଦୁର୍ଘଟଣାରେ କୋଇଲା



ବୋଝେଇ ହାଇୱା ଜେଏସଡବ୍ଲ୍ୟୁ ଭୂଷଣ କମ୍ପାନୀର ବସକୁ ପଛପଟୁ ଧକ୍କା ଦେବାରୁ ୪ଜଣଙ୍କ ମୃତ୍ୟୁ ହୋଇଛି । ଅନ୍ୟ ୧୮ଜଣ ଜିଲ୍ଲା ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି ଓ ଗୁରୁତରଙ୍କୁ ବୁର୍ଲା ମେଡିକାଲକୁ ସ୍ଥାନାନ୍ତର କରାଯାଉଛି । କିଛି ଲୋକ ମଧ୍ୟ ସମଲେଶ୍ୱରୀ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି । ସମସ୍ତଙ୍କ ଚିକିତ୍ସା ଖର୍ଚ୍ଚ ଜିଲ୍ଲା ପ୍ରଶାସନ ବହନ କରିବ । ତେବେ ମୃତକଙ୍କ କ୍ଷତିପୂରଣ ଦେବା ପାଇଁ ଜିଲ୍ଲା ପ୍ରଶାସନର କିଛି ବ୍ୟବସ୍ଥା ନାହିଁ । ଯଦି ସେମାନେ ଡ୍ୟୁଟିରେ ଥିବେ ତା'ହେଲେ କମ୍ପାନୀ ସହ ଆଲୋଚନା କରି ସେମାନଙ୍କୁ କ୍ଷତିପୂରଣ ଦିଆଯିବ ।ସେହିପରି ଝାରସୁଗୁଡା ଜିଲ୍ଲା ହସ୍ପିଟାଲର ସିଡିଏମଓ ଡାକ୍ତର ଦୋଳମଣି ପଟେଲ କହିଛନ୍ତି ଯେ, ସନ୍ଧ୍ୟା ୬ଟା ୨୦ମିନିଟରେ ଏହି ଦୁର୍ଘଟଣା ସମ୍ପର୍କରେ ହସ୍ପିଟାଲକୁ ସୂଚନା ମିଳିଲା । ସଙ୍ଗେସଙ୍ଗେ ୨ଟି ବଡ ଆମ୍ବୁଲାନ୍ସ ପଠାଇ ଆହତମାନଙ୍କୁ ହସ୍ପିଟାଲକୁ ଅଣାଯାଇଛି । ୪ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ୧୮ଜଣ ଏବେ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି । ୬ଜଣଙ୍କୁ ବୁର୍ଲା ମେଡିକାଲକୁ ସ୍ଥାନାନ୍ତର କରାଯାଇଛି ।

## ଭୁବନେଶ୍ୱର ବାଲିଯାତ୍ରା ପଡିଆରେ ଚିତାକର୍ଷକ ଏୟାର ଶୋ

### ଆକାଶରେ ସୂର୍ଯ୍ୟକିରଣ ଟିମର ଉଡାଣ କୌଶଳ ଦେଖିଲେ ଲକ୍ଷାଧିକ ଜନସାଧାରଣ

ଭୁବନେଶ୍ୱର, ୧୬।୯(ପି.ଏନ): ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି 'ଆଜାଦୀ କା ଅମୃତ ମହୋତ୍ସବ' ପାଳନ ଅବସରରେ ଶୁକ୍ରବାର ଭୁବନେଶ୍ୱର ଉପକଣ୍ଠଜରିପାଟଣା ନିକଟସ୍ଥ ବାଲିଯାତ୍ରା ପଡିଆ ଠାରେ ବାୟୁସେନାର ସୂର୍ଯ୍ୟକିରଣ ଏରୋବେଟିକ୍ ଟିମ୍ ଆକାଶମାର୍ଗରେ ଦୁଃସାହସିକ ତଥା ଚିତାକର୍ଷକ ସମରକଳା ପ୍ରଦର୍ଶନ କରିଛନ୍ତି । ସକାଳ୧୦ ଟା ୧୮ ମିନିଟ୍ ସମୟରେ ପ୍ରଦର୍ଶନୀ ସ୍ଥଳରେ ସୂର୍ଯ୍ୟକିରଣ ଟିମର ୯ଟି ହକ୍ ଏୟାର ଉଡାଜାହାଜ କୁଆଖାଇ ନଦୀ ଉପରେ ବିଭିନ୍ନ ପ୍ରକାର ସାହସିକତା ପ୍ରଦର୍ଶନର ସହ ବିମାନ ଉଡାଣ କରିଥିଲେ, ଯାହାକୁ ନଦୀର ଉଭୟ ପାର୍ଶ୍ୱରେ ଥିବା ଲକ୍ଷାଧିକ ଜନସାଧାରଣ ଉପସ୍ଥିତ ରହି ମନଭରି ଉପଭୋଗ କରିଥିଲେ । ଭାରତୀୟ ବାୟୁସେନାର ପରିଚାଳନାରେ ଓଡିଶା ରାଜ୍ୟ ପ୍ରଶାସନର ବିଭିନ୍ନ ବିଭାଗର ସହଯୋଗରେ ଏହି ଏୟାର ଶୋ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଓଡିଶାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ସମେତ ରାଜ୍ୟ ମନ୍ତ୍ରୀମଣ୍ଡଳର ସଦସ୍ୟ, ବିଭିନ୍ନ ବରିଷ୍ଠ ପ୍ରଶାସନିକ ଅଧିକାରୀ, ଛାତ୍ରଛାତ୍ରୀ, ସ୍ଥାନୀୟ ଜନସାଧାରଣ ବହୁସଂଖ୍ୟାରେ ଯୋଗଦେଇଥିଲେ । ବିଭିନ୍ନ ବିଦ୍ୟାଳୟରୁ ଛାତ୍ରଛାତ୍ରୀମାନେ ଜାତୀୟ ପତାକା ଧରି 'ମା ତୁଝେ ସଲାମ'ଦେଶାତ୍ମବୋଧ ସଂଗୀତର ଧୂନ ତାଳେ ତାଳେ ସୂର୍ଯ୍ୟକିରଣ ଟିମ୍ କୁ ସ୍ୱାଗତ କରିଥିଲେ । ସ୍କ୍ୱାଡର୍ଣ୍ଣ ଲିଡର ଏ.ସାଲାରିଆ, ସ୍କ୍ୱାଡର୍ଣ୍ଣ ଲିଡର ପି.ଭରଦ୍ୱାଜ, ଉଇଙ୍ଗ କମାଣ୍ଡର ଏ.ଯାଦବ, ଗ୍ରୁପ୍ କ୍ୟାପଟେନ୍ ଜି.ଏସ୍.ଧିଲନ, ଉଇଙ୍ଗ କମାଣ୍ଡର ଆଁ.ବରଡୋଲୋଇ, ଉଇଙ୍ଗ କମାଣ୍ଡର ଏ.ଗାଓକର, ସ୍ୱାଡର୍ଣ୍ଣ ଲିଡର ଡି.ଗର୍ଗ, ସ୍ୱାଡର୍ଣ୍ଣ ଲିଡର ଏମ୍ ଭାଲା, ସ୍ୱାଡର୍ଣ୍ଣ ଲିଡର ଏ.ଗର୍ଗ ,ସ୍କ୍ୱାଡର୍ଣ୍ଣ ଲିଡର ଏଚ୍.ସିଂ, ଉଇଙ୍ଗ କମାଣ୍ଡର ଏନ୍. ନେଗୀ, ସ୍କ୍ୱାଡର୍ଣ୍ଣ ଲିଡର ସୁଦରର୍ଶନ, ଉଇଂ କମାଣ୍ଡର ଏ.ପ୍ରସାଦ ,ସ୍କାଡର୍ଣ୍ଣ ଲିଡର ଏଚ୍, ଚନ୍ଦେଲ, ଉଇଙ୍ଗ କମାଣ୍ଡର ଏନ୍. ରାଇନା( ସିନିୟର ଟେକ୍ନିକାଲ ଅଫିସର) , ସ୍କ୍ୱାଡର୍ଣ୍ଣ ଲିଡର ଏସ୍. ଦୟାଲ(ଇଂଜିନିୟରିଂ ଅଫିସର), ଫ୍ଲାଇଟ୍ ଲେଫ୍ଟନାଂଟ ଆର୍ . ଗୁରୁଙ୍ଗ ପ୍ରମୁଖ ଆକାଶ ମାର୍ଗରେ ଏହି ଦୁଃସାହସିକ ଉଡାଣରେ ସାମିଲ ହୋଇଥିଲେ । ସୂର୍ଯ୍ୟକିରଣ ଟିମକୁ ଏୟାର ମାର୍ଶାଲ,ଏୟାର ଅଫିସର କମାଣ୍ଡିଂ, ଇଷ୍ଟର୍ଣ୍ଣ ଏୟାର କମାଣ୍ଡଦିଲ୍ଲୀପ କୁମାର ପଟ୍ଟନାୟକ,ଗ୍ରୁପ୍ କ୍ୟାପଟେନ୍ ଆଁ. ଏସ୍, ରାୱତ୍, ଉଇଙ୍ଗ କମାଣ୍ଡର ସୁନ୍ଦର, ଉଇଙ୍ଗ କମାଣ୍ଡର ଦତ ଏବଂ ସ୍କ୍ୱାଡର୍ଣ୍ଣ ଲିଡର ଗୋପାଳ ଆୟାର,ଫ୍ଲାଇଟ୍ ଲେଫ୍ଟନାଂଟ ତେଜପାଲ, ଫ୍ଲାଇଂ ଅଫିସର ସଞ୍ଜୟ କୁମାର ପ୍ରମୁଖ ଉପସ୍ଥିତ ରହି ଗତକାଲି ଉଡାଣ ଅଭ୍ୟାସ ଏବଂ ଆଜିର ଉଡାଣ କାର୍ଯ୍ୟ ପରିଚାଳନା କରିଥିଲେ । ଫ୍ଲାଇଟ୍ ଲେଫ୍ଟନାଂଟ ରିଧିମା ଭାରତୀୟ ସୂର୍ଯ୍ୟକିରଣ ଟିମ୍ ତରଫରୁ ବିମାନଗୁଡିକ ଆକାଶରେ ଚିତାକର୍ଷକ ଶୋ ପ୍ରଦର୍ଶନ କରୁଥିବା ସମୟରେ ଧାରା ବିବରଣୀ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ବହୁ ଜନ ସମାଗମକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ଡିସିପି ପ୍ରତୀକ ସିଂ, ଅତିରିକ୍ତ ଡିସିପି ସଂଜୀବ ଶତପଥୀଙ୍କ ନେତୃତ୍ୱରେ ଟ୍ରାଫିକ୍ ନିୟନ୍ତ୍ରଣ ଓ ଶୃଙ୍ଖଳା ରକ୍ଷା ପାଇଁ କାର୍ଯ୍ୟକ୍ରମ ସ୍ଥଳରେ ବେରିକେଡିଂ ବ୍ୟବସ୍ଥା ସହ ବ୍ୟାପକ ପୁଲିସ୍ ମୁତୟନ ସହ ସମସ୍ତ କାର୍ଯ୍ୟକ୍ରମର ପ୍ରତ୍ୟକ୍ଷ ତତ୍ତ୍ୱାବଧାନ କରିଥିଲେ । ପୂର୍ତ୍ତ ବିଭାଗ ତରଫରୁ ବାଲିଯାତ୍ରା ପଡିଆରେ ବେରିକେଡିଂବ୍ୟବସ୍ଥା, ମଂଚ ପ୍ରସ୍ତୁତି, ଅତିଥି ଓ ପଦାଧିକାରୀମାନଙ୍କ ପାଇଁ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଥିଲା । ସୂଚନା ଓ ଲୋକ ସଂପର୍କ ବିଭାଗ ତରଫରୁ ଏହି କାର୍ଯ୍ୟକ୍ରମ ନିମନ୍ତେ ଲାଇଭ୍ କମନ୍ ଫିଡ୍ ସିଷ୍ଟମ ଜରିଆରେ କାର୍ଯ୍ୟକ୍ରମର ସିଧାପ୍ରସାରଣ ଆୟୋଜନ କରାଯିବା ସହ କରାଯିବା ସହ ଆନୁଷଙ୍ଗିକ ସହଯୋଗ ପ୍ରଦାନ କରାଯାଇଥିଲା ।କାର୍ଯ୍ୟକ୍ରମ ଶେଷରେ ଏୟାର ମାର୍ଶାଲ,ଏୟାର ଅଫିସର ଶ୍ରୀ ପଟ୍ଟନାୟକ ଏକ ସ୍ଥାନୀୟ ତାରକା ହୋଟେଲରେ ପାଇଲଟମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଆସନ୍ତା କାଲି ପୁରୀ ବେଳାଭୂମିଠାରେ ଏୟାର ଶୋ ନିମନ୍ତେ ଅଭ୍ୟାସ କାର୍ଯ୍ୟକ୍ରମ ଓ ୧୮ ତାରିଖରେ ଏଠାରେ ମୁଖ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ନେଇ ପ୍ରସ୍ତୁତି ଜାରି ରହିଛି ।

## ୨୦ରେ ଲଘୁଚାପ !

ଭୁବନେଶ୍ୱର, ୧୬।୯(ପି.ଏନ): ଆସନ୍ତା ୨୦ ତାରିଖ ବେଳକୁ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି । ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଆସନ୍ତା ୧୮ ତାରିଖ ବେଳକୁ ଉତର-ପଶ୍ଚିମ ପାର୍ଶ୍ୱବର୍ତୀ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ପରବର୍ତୀ ୪୮ ଘଂଟା ମଧ୍ୟରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇପାରେ । ଫଳରେ ୧୮ରେ ଦକ୍ଷିଣ ଓଡ଼ିଶାରେ ଓ ୧୯ରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ନେଇ ଆଂଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି ।ଏହାର ପ୍ରଭାବରେ ଆସନ୍ତା ୨୪ ଘଂଟା ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ସୁନ୍ଦରଗଡ, ଦେବଗଡ, କେନ୍ଦୁଝର, ମୟୁରଭଂଜ , ଖୋର୍ଦ୍ଧା ଓ ପୁରୀ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ବଜ୍ରପାତ ସହ ବର୍ଷା ହେବାର ସମ୍ଭାବନା ରହିଛି । ଏହି ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିପରି ୧୭ରୁ ୧୮ ତାରିଖ ମଧ୍ୟରେ ସୁନ୍ଦରଗଡ, କେନ୍ଦୁଝର, ମୟୁରଭଂଜ, ଦେବଗଡ, ଅନୁଗୁଳ, ସମ୍ବଲପୁର, ସୋନପୁର, ବୌଦ୍ଧ, ବଲାଙ୍ଗୀର, କଳାହାଣ୍ଡି ଓ କନ୍ଧମାଳ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ବଜ୍ରପାତ ସହ ବର୍ଷା ହେବାର ସମ୍ଭାବନା ରହିଛି ।

## ୱାର୍ଲ୍ଡ ସ୍କିଲ ସେଂଟରରେ ୨ ଟି ନୂଆ ପାଠ୍ୟକ୍ରମରେ ନାମଲେଖା ଆରମ୍ଭ

ଭୁବନେଶ୍ୱର, ୧୬।୯(ପି.ଏନ): 'ବ୍ୟୁଟି ୱେଲନେସ୍ ଆଣ୍ଡ ସ୍ପା' ଏବଂ 'ହେୟାର ଫ୍ୟାସନ ଆଣ୍ଡ ଡିଜାଇନିଂ'ରେ ବୃତି ଆପଣେଇବାକୁ ଚାହୁଁଥିବା ଯୁବକଯୁବତୀ ୱାର୍ଲ୍ଡ ସ୍କିଲ ସେଂଟରରେ ତାଲିମ ନେଇପାରିବେ । ଏ ନେଇ ଚଳିତ ଶିକ୍ଷାବର୍ଷ ୨୦୨୨-୨୩ ନିମନ୍ତେ ପାଠ୍ୟକ୍ରମ ଆରମ୍ଭ କରାଯାଇଛି । ଏହି ମର୍ମରେ ସ୍କୁଲ ଅଫ ସର୍ଭିସେସ ଅଧୀନରେ 'ବ୍ୟୁଟି ୱେଲନେସ୍ ଆଣ୍ଡ ସ୍ପା' ଏବଂ 'ହେୟାର ଫ୍ୟାସନ ଆଣ୍ଡ ଡିଜାଇନିଂ' ଭଳି ଦୁଇଟି ଦୀର୍ଘ ମିଆଦି ପାଠ୍ୟକ୍ରମର ପ୍ରଶିକ୍ଷଣ ନିମନ୍ତେ ନାମଲେଖା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ସ୍କୁଲ ଅଫ ସର୍ଭିସେସର ନିର୍ଦ୍ଦେଶିକା ସୁଗୁଣା ଶ୍ରୀନିବାସନ କହିଛନ୍ତି ଯେ ପ୍ରତ୍ୟେକ ପାଠ୍ୟକ୍ରମର ଅବଧି ଏକ ବର୍ଷ ରହିବ । ଯୁକ୍ତ ଦୁଇ କିମ୍ବା ଯେକୌଣସି ବିଷୟରେ ଡିପ୍ଲୋମା ଉତୀର୍ଣ୍ଣ କରିଥିବା ଛାତ୍ରଛାତ୍ରୀ ଏଥି ନିମନ୍ତେ ଆବେଦନ କରିପାରିବେ । ଏଥିପାଇଁ ପ୍ରାର୍ଥୀଙ୍କ ବୟସ ସତରରୁ ତିରିଶ ବର୍ଷ ଭିତରେ ହୋଇଥିବା ଆବଶ୍ୟକ । ଏହି ପାଠ୍ୟକ୍ରମରେ ନାମ ଲେଖା ପାଇଁ ପ୍ରାର୍ଥୀଙ୍କୁ ମାତ୍ର ପାଂଚ ହଜାର ଟଙ୍କା ଦେବାକୁ ପଡ଼ିବ । ପ୍ରାର୍ଥୀମାନଙ୍କୁ ବିଭିନ୍ନ ପାଠ୍ୟ ଉପକରଣ ଯୋଗାଇଦେବା ସହିତ ସେମାନଙ୍କର ଖାଇବା ଓ ରହିବା ତଥା କେନ୍ଦ୍ରକୁ ଯାତାୟତ ବାବଦରେ ସମସ୍ତ ସୁବିଧା ମାଗଣାରେ ଉପଲବ୍ଧ ହେବ । ଆଗ୍ରହୀ ପ୍ରାର୍ଥୀମାନେ www.worldskillcenter.org/admissions ୱେବ୍‌ସାଇଟ୍ ଜରିଆରେ ନାମ ଲେଖା ବାବଦରେ ଅଧିକ ସୂଚନା ପାଇପାରିବେ ।ୱାର୍ଲ୍ଡ ସ୍କିଲ ସେଂଟରରେ ପ୍ରଶିକ୍ଷାର୍ଥୀଙ୍କର ସୁବିଧା ପାଇଁ ଅତ୍ୟାଧୁନିକ ପ୍ରୟୋଗଶାଳା, ଶ୍ରେଣୀଗୃହ, ପାଠ୍ୟକ୍ରମ ଏବଂ ଉନ୍ନତମାନର ଉପକରଣ ରହିଛି । ଏହି ପାଠ୍ୟକ୍ରମକୁ ସିଙ୍ଗାପୁର ଆଇଟିଇଇଏସ ସଂସ୍ଥା ଢାଂଚାରେ ପ୍ରସ୍ତୁତ କରାଯାଇଛି । ଏଠାରେ କାର୍ଯ୍ୟରତ ପ୍ରଶିକ୍ଷକ ସିଙ୍ଗାପୁରର ଆଧୁନିକ ଶିକ୍ଷା କୌଶଳରେ ତାଲିମପ୍ରାପ୍ତ ବୋଲି ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମା କହିଛନ୍ତି । ଓଡ଼ିଶାର ଶିକ୍ଷିତ ଯୁବକଯୁବତୀମାନଙ୍କୁ ଅନ୍ତର୍ଜାତୀୟ ମାନର ତାଲିମ ପ୍ରଦାନ ସହ ଆଗାମୀ ଦିନରେ ବିଶ୍ୱସ୍ତରୀୟ ପ୍ରଫେସନାଲ୍ ଭାବେ ପ୍ରସ୍ତୁତ କରିବାକୁ ଲକ୍ଷ୍ୟ ରଖି ଏହି ପାଠ୍ୟକ୍ରମ ଆରମ୍ଭ କରାଯାଇଛି । ୱାର୍ଲ୍ଡ ସ୍କିଲ ସେଂଟର ଯୁବକଯୁବତୀମାନଙ୍କ ଦକ୍ଷତା ବିକାଶ ପାଇଁ ପ୍ରମୁଖ ଆକର୍ଷଣ ହେବାକୁ ଯାଉଛି । ଏଠାରେ ପ୍ରାର୍ଥୀମାନଙ୍କୁ ଅତ୍ୟାଧୁନିକ ପାଠ୍ୟକ୍ରମରେ ତାଲିମ ସହ ବ୍ୟକ୍ତିତ୍ୱ ବିକାଶର ଶିକ୍ଷା ଦିଆଯାଇ ସେମାନଙ୍କୁ ଦକ୍ଷ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି ।

## ଆସନ୍ତାକାଲି ୨ ଦିନିଆ ଓଡିଶା ଗସ୍ତରେ ଆସିବେ କଂଗ୍ରେସ ନେତୃବୃନ୍ଦ

ଭୁବନେଶ୍ୱର, ୧୬।୯(ପି.ଏନ): ଆସନ୍ତାକାଲି (ଶନିବାର) କଂଗ୍ରେସର ବରିଷ୍ଠ ନେତୃବୃନ୍ଦ ଦୁଇ ଦିନିଆ ଓଡିଶା ଗସ୍ତରେ ଆସିବେ । ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟ ମନ୍ତ୍ରୀ ତଥା ସାଂସଦ ଦିଗ୍‌ବିଜୟ ସିଂ, ସାଂସଦ ଜୟରାମ ରମେଶ, ଓଡ଼ିଶା ପ୍ରଭାରୀ ଡ. ଏ ଚେଲ୍ଲା କୁମାର, ସହ ପ୍ରଭାରୀ ଜି. ରୁଦ୍ର ରାଜୁ, ଭାରତ ଯୋଡ଼ୋ ଯାତ୍ରାର ଓଡ଼ିଶା ରାଜ୍ୟ ପାଇଁ ଏଆଇସିସି ସଂଯୋଜକ ଡ. ରାଗିଣୀ ନାୟକ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସି ସେପ୍ଟେମ୍ବର ୧୭ ତାରିଖ ଅର୍ଥାତ୍ ଶନିବାର ଦିନ ସନ୍ଧ୍ୟାରେ ଭୁବନେଶ୍ୱରରେ ପଂହଚିବେ । କଂଗ୍ରେସ ନେତୃବୃନ୍ଦ ରବିବାର ପୂର୍ବାହ୍ନରେ ଭୁବନେଶ୍ୱର ରେଡକ୍ରସ ଭବନରେ ନାଗରିକ ସମାଜ ସହ ବିଚାର ବିମର୍ଷ କରିବେ । ଏହାପରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକଙ୍କ ଅଧକ୍ଷତାରେ କଂଗ୍ରେସ ଭବନ ଠାରେ ଆୟୋଜିତ ବୈଠକରେ ଭାରତ ଯୋଡ଼ୋ କାର୍ଯ୍ୟକ୍ରମ ସଂକ୍ରାନ୍ତରେ କଂଗ୍ରେସ ନେତୃବୃନ୍ଦଙ୍କ ସହ ଆଲୋଚନା କରିବେ ।

## ରାତିପାହିଲେ ପୁରୀ ବେଳାଭୂମିରେ ଫୁଲ୍ ଡ୍ରେସ୍ ଏୟାର ଶୋ ରିହରସେଲ, ୧୮ରେ ପାଗକୁ ଭୟ

ପୁରୀ,୧୬।୯(ପି.ଏନ): ଆସନ୍ତାକାଲି ପୂର୍ବାହ୍ନ ୧୦.୨୦ରୁ ୧୧ ଟା ଯାଏଁ ପୁରୀ ବେଳାଭୂମିର ବ୍ଲୁ ଫ୍ଲାଗ ବିଚ୍‌ରେ ଫୁଲ୍ ଡ୍ରେସ୍ ସୂର୍ଯ୍ୟକରଣ ଏୟାର ଶୋ ରିହରସେଲ ହେବ । ୧୮ ତାରିଖରେ ପାଗ ଖରାପ ରହିବା ନେଇ ଆଶଙ୍କା ଥିବାରୁ ଆସନ୍ତାକାଲି ଇଣ୍ଡିଆନ ଏୟାର ଫୋର୍ସ ପକ୍ଷରୁ ଏହି ଏୟାର ଶୋ କରାଯିବ ବୋଲି ଜିଲ୍ଲା ପ୍ରଶାସନ ସୂତ୍ରରୁ ଜଣାପଡିଛି । ତେବେ ପାଗ ଠିକ୍ ରହିଲେ, ଆସନ୍ତା ୧୮ ତାରିଖରେ ଏୟାର ଶୋ କରାଯିବ ବୋଲି ସୂଚନା ଦେଇଛନ୍ତି ପୁରୀ ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ ।ସେ କହିଛନ୍ତି, ପୁରୀ ରାଜଭବନ ପଛପାର୍ଶ୍ୱ ତଥା ବ୍ଲୁ ଫ୍ଲାଗ ବିଚ୍‌ରେ ଆସନ୍ତା ୧୮ ତାରିଖରେ ବାୟୁ ସେନା ପକ୍ଷରୁ ଏୟାର ଶୋ ହେବାର ଥିଲା । ଏଥିପାଇଁ ବାୟୁ ସେନାର ପାଇଲଟମାନେ ଗତ ଦୁଇଦିନ ଧରି



ମ୍ୟାପିଂ, ଏରିଏଲ୍ ରେକିଂ କରିଥିଲେ । ଆସନ୍ତା ୧୮ ତାରିଖରେ ଆକାଶ ମାର୍ଗରେ ବାୟୁ ସେନାର ୭ଟି ବିମାନ ଦୁର୍ଦ୍ଦଶ କଳା କୌଶଳ ପ୍ରଦର୍ଶନ କରିବାର ଥିଲା । କିନ୍ତୁ ବଙ୍ଗୋପ ସାଗରରେ ଲଘୁଚାପ ସୃଷ୍ଟି ଜନିତ ପାଗ ଖରାପ ରହୁଥିବାରୁ ଆସନ୍ତା କାଲି ହିଁ ଫୁଲ ଡ୍ରେସ ରିହରସେଲ ହେବ ।ଆସନ୍ତାକାଲି ଆନ୍ତର୍ଜାତିକ ବେଳାଭୂମି ସୁରକ୍ଷା ଦିବସ ଅବସରରେ ପୁରୀ ବେଳାଭୂମି ସଫେଇ କରାଯିବ । ପରେପରେ ବାୟୁସେନା ପକ୍ଷରୁ ଫୁଲ ଡ୍ରେସ ରିହରସେଲ କରାଯିବ । ପୁରୀ ବାସିନ୍ଦା ୯ଟା ସୁଦ୍ଧା ବ୍ଲୁ ଫ୍ଲାଗ ବିଚ୍, ନୀଳାଦ୍ରି ବିଚ୍ ଓ ଦିଗବାରିଣି ଛକ ସ୍ଥିତ ବେଳାଭୂମିରେ ଏକତ୍ରିତ ହେବା ପାଇଁ କୁହାଯାଇଛି । ପୁରୀରେ ପ୍ରଥମ ଥର ପାଇଁ ଏଭଳି ଏକ ଶୋ ଆୟୋଜନ କରାଯାଉଥିବାରୁ ସରକାର, ବାୟୁସେନାର ଅଧିକାରୀ, ପାଇଲଟ ଓ ସହଯୋଗୀ କର୍ମଚାରୀମାନେ ଉତ୍ସାହିତ ହୋଇପଡ଼ିଛନ୍ତି । ପ୍ରଶାସନ ପକ୍ଷରୁ ଆଇନ ଶୃଙ୍ଖଳା ରକ୍ଷା, ଟ୍ରାଫିକ ନିୟନ୍ତ୍ରଣ, ଶୋ ଦେଖିବା ବ୍ୟବସ୍ଥା, ପାର୍କିଂ ବ୍ୟବସ୍ଥା, ପ୍ରଚାର ପ୍ରସାର, ସ୍ୱାସ୍ଥ୍ୟ, ଅଗ୍ନିଶମ ବ୍ୟବସ୍ଥା, ପାନୀୟ ଜଳ ବ୍ୟବସ୍ଥା ହୋଇଛି ବୋଲି ଶ୍ରୀ ସାହୁ କହିଛନ୍ତି । ସୂଚନା ଥାଉକି, ଆଜି ଭୁବନେଶ୍ୱରର କୁଆଖାଇ ନଦୀପଠା ବାଲିଯାତ୍ରା ପଡିଆରେ ସୂର୍ଯ୍ୟକରଣ ଏୟାର ଶୋ ହୋଇଥିଲା । ଶୋ ଦେଖିବା ନିମନ୍ତେ ଲୋକଙ୍କ ଭିଡ ଏଠାରେ ଜମିଥିଲା ।



ପବିତ୍ର ବିଶ୍ୱକର୍ମା ପୂଜା ଉପଲକ୍ଷେ ବ୍ୟାସନଗର ଓ ଯାଜପୁର ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ଆନ୍ତରିକ ଅଭିନନ୍ଦନ ଓ ଶୁଭେଚ୍ଛା ।











# ଟି ଟାଇମ୍

## ଟ୍ୟାକ୍ସି ଡ୍ରାଇଭରଙ୍କ ଖାତାକୁ ଆସିଲା ୧୦ହଜାର କୋଟି

ବରନାଲା ବ୍ୟାଙ୍କ ଅଧିକାରୀଙ୍କ ଦାୟିତ୍ୱହୀନତା କାରଣରୁ ଜଣେ ଟ୍ୟାକ୍ସି ଡ୍ରାଇଭରଙ୍କ ଆକାଉଣ୍ଟରେ ପ୍ରଥମେ ୯୮୦୫କୋଟି ଏବଂ ପରେ ୯୯୯କୋଟି (ମୋଟଓ ୧୦୮୦୪କୋଟି)ଟଙ୍କା ଜମା ହୋଇଗଲା। ଦୈନିକ ୫୦୦ଟଙ୍କା ରୋଜଗାର କରୁଥିବା ପାବର ବରନାଲାର ଏହି ଟ୍ୟାକ୍ସି ଡ୍ରାଇଭର ବଲବିନ୍ଦର ସିଂ ହଠାତଓ ଆଶ୍ଚର୍ଯ୍ୟ ହୋଇପଡିଥିଲେ। ମୋବାଇଲରେ ବ୍ୟାଙ୍କ ବାଲାନ୍ସ ମେସେଜଓ ପଢି ତୁରନ୍ତ ଦୌଡିଥିଲେ ଆୟକର କାର୍ଯ୍ୟାଳୟକୁ। ସିଧାସଳଖ ଆୟକର ଅଧିକାରୀଙ୍କ ଗୋଡତଳେ ପଡି ସେ କହିଥିଲେ ଯେ ମୋ ଆକାଉଣ୍ଟକୁ କିପରି ଏତେ ଟଙ୍କା ଆସିଲା ତାହା ମୁଁ ଜାଣିନାହିଁ। ଦୟାକରି ମୋତେ ଜେଲ ପଠାନ୍ତୁ ନାହିଁ। ବଲବିନ୍ଦରଙ୍କ ଷ୍ଟେଟ ବ୍ୟାଙ୍କ ଅଫଓ ପାଟିଆଲାରେ ଏକ ବ୍ୟାଙ୍କ ଆକାଉଣ୍ଟ ରହିଛି। ଏହି ବ୍ୟାଙ୍କର ଅଧିକାରୀମାନଙ୍କ ଦାୟିତ୍ୱ ହୀନତା ଯୋଗୁ ତାଙ୍କ ଆକାଉଣ୍ଟକୁ ଏହି ଟଙ୍କା ଆସିଥିଲା। ଘଟଣା ସମ୍ପର୍କରେ ଜଣାପଡିବା ପରେ ବ୍ୟାଙ୍କ ପ୍ରବନ୍ଧକ ରବିନ୍ଦର କୁମାର ସଫେଇ ଦେଇ କହିଥିଲେ ଯେ ଏହା ଏକ ବୈଷୟିକ ତ୍ରୁଟି ଥିଲା। ତୁରନ୍ତ ଏହି ଖାତାକୁ ଆମେ ବ୍ଲକଓ କରିଛୁ। ଯେଉଁ ଅଧିକାରୀଙ୍କ ଭୁଲ ଯୋଗୁ ଏହା ଘଟିଛି ତାଙ୍କ ବିରୁଦ୍ଧରେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟପଟେ ଖବର ପାଇବା ପରେ ଆୟକର ବିଭାଗର ଅଧିକାରୀମାନେ ଏହି ବ୍ୟାଙ୍କ ଉପରେ ରେଡଓ କରିଥିଲେ।

## ପ୍ଲାଷ୍ଟିକ୍ ବେବି

ଏହି ବ୍ୟସ୍ତ ବହୁଳ ଜୀବନରେ ଜଣେ ସାଧାରଣ ବ୍ୟକ୍ତି ଠିକ୍ ଭାବରେ ଖାଦ୍ୟ ଖାଇବାକୁ ସମୟ ପାଉନଥିବା ବେଳେ ୮ବର୍ଷୀୟ ପିଲା ଖାଦ୍ୟ ଖାଇବା ଛାଡ଼ି ପ୍ଲାଷ୍ଟିକ୍ ଜିନିଷ ଖାଇ ଯାଉଛି । ୮ବର୍ଷର ଝିଅ ଜେସିକା ୱାକର, ପିକା ନାମକ ରୋଗରେ ପୀଡ଼ିତ । ଏହି ରୋଗରେ ଜେସିକା ପୌଷ୍ଟିକ ଆହାରକୁ ଛାଡ଼ି ଅନ୍ୟ ସବୁ କିଛି ଖାଇବାକୁ ଇଚ୍ଛା ହୋଇଥାଏ ଯାହା ଜଣେ ସାଧାରଣ ବ୍ୟକ୍ତି କେବେ ଖାଇନଥାଏ । ଜେସିକାର ମା’ ଲିଣ୍ଡସେ କହନ୍ତି ଯେତେବେଳେ ଜେସିକା ଛୋଟଥିଲେ ବାଲି, ମାଟି ଓ ମହମବତୀ ଖାଇଦେଉଥିଲେ । ଯଦି ପ୍ଲେଟରେ ମାଂସ ତରକାରି କିମ୍ବା ଅନ୍ୟ କୌଣସି ବ୍ୟଞ୍ଜନ ରଖାଯାଇଥାଏ ତେବେ ଜେସିକା ତାକୁ କେବେବି ଛୁଅନ୍ତି ନାହିଁ । ଝିଅର ଏଭଳି ସମସ୍ୟା ଦେଖି ତାଙ୍କ ମା’ ତାକୁ ବାଳ ସୁରକ୍ଷା ଗୃହରେ ଛାଡ଼ିଥିଲେ କିନ୍ତୁ ସେଠାରେ ମଧ୍ୟ ଏକା ପରିସ୍ଥିତି ଉପୁଜିଥିଲା । ଜେସିକା କଞ୍ଚା ପରିବା ଖାଆନ୍ତି, ଜିନିଷ ପତ୍ର ଉପରେ ଲାଗିଥିବା ର୍ୟାପ୍ ବା ଜରିକୁ ଖାଆନ୍ତି । ଡାକ୍ତରଙ୍କ କହିବା ଅନୁସାରେ ଜେସିକାଙ୍କର ଏହି ରୋଗ ଭିଟାମିନ୍‌ର ଅଭାବ କାରଣରୁ ହୋଇଥାଏ । ପାଞ୍ଚ ବର୍ଷ ହେବ ଜେସିକାଙ୍କର ଏହି ରୋଗ ହୋଇଥିଲେ ହେଁ ତାଙ୍କର ଚିକିତ୍ସା ଠିକ୍ ଭାବେ କରାଯାଇପାରୁନାହିଁ । ଏଥିପାଇଁ ଜେସିକାର ମା’ ବହୁତ ଚିନ୍ତିତ ଅଛନ୍ତି ।

# ପୁରାଣ କାହାଣୀ

## ଅଂହକାରରୂପୀ ସାପ




ମହାରାଷ୍ଟ୍ରର ସନ୍ଥ ଜ୍ଞାନେଶ୍ୱର, ନାମଦେବ ଓ ମୁକ୍ତାବାଇଙ୍କ ସହ ତର୍ଥୀ କରି ପ୍ରସିଦ୍ଧ ସନ୍ଥ ଗୋରାଙ୍କ ନିକଟରେ ପହଂଚିଲେ । ସନ୍ଥ ସମାଗମ ହେଲା, ଚର୍ଚ୍ଚ ଚାଲିଲା । ତବସ୍ୱନୀ ମୁକ୍ତାବାଇ ପାଖରେ ପଡିଥିବା ଏକ ବାଡ଼ିକୁ ଲକ୍ଷ୍ୟ କରି ଗୋରା କୁମ୍ଭାରଙ୍କୁ ପଚାରିଲେ ଇଏ କାଣ ? ଗୋରା ଉତ୍ତର ଦେଲେ ମାଠିଆ ପାକଳ ହୋଇଛି କି କଂଚା ଅଛି, ଜାଣିବା ପାଇଁ ଏହି ବାଡିରେ ଯାଂଚ କରେ । ମୁକ୍ତାବାଇ ହସିଦେଇ କହିଲେ ଆମେ ବି ତ ମାଟିର ପାତ୍ର । ଏଥିରେ ଆମକୁ ଯାଂଚ କରିପାରିବ ? ହଁ କାହିଁକି ନୁହେଁ, କହି ଗୋରା ଉଠିଲା ଏବଂ ସେଠାରେ ଉପସ୍ଥିତ ପ୍ରତ୍ୟେକ ମହାତ୍ମାଙ୍କ ମୁଣ୍ଡକୁ ବାଡ଼େଇଲେ । ସେମାନଙ୍କୁ ମଧ୍ୟରୁ କିଛି ଏଥିରେ ଖୁସି ହେଲେ , ଆଉ କିଛି ସାଧୁଙ୍କୁ ଏହା ରହସ୍ୟ ମନେହେଲା । କିନ୍ତୁ ନାମଦେବଙ୍କୁ ଖରାପ ଲାଗିଲା । ଜଣେ କୁମ୍ଭାର ତାଙ୍କ ଭଳି ସନ୍ଥଙ୍କୁ ବାଡ଼ିରେ ପରୀକ୍ଷା କରୁଛି, ଏହା ତାଙ୍କର ପସନ୍ଦ ହେଲା ନାହିଁ । ତାଙ୍କ ଚେହେରାରେ କ୍ରୋଧ ସ୍ପଷ୍ଟ ବାରି ହେଉଥିଲା। ନାମଦେବଙ୍କ ପାଳି ପଡ଼ିଲା । ଗୋରା ତାଙ୍କ ମୁଣ୍ଡରେ ରଖି କହିଲା ଏ ପାତ୍ର କଂଚା ଅଛି । ତା ପରେ ନାମଦେବଙ୍କୁ ଧୀର ସ୍ୱରରେ କହିଲେ ତପସ୍ୱୀ ଶ୍ରେଷ୍ଠ, ଆପଣ ନିଶ୍ଚୟ ସନ୍ଥ କିନ୍ତୁ ଆପଣଙ୍କର ହୃଦୟରେ ଅହଂକାର ରୂପୀ ସାପ ଏବେ ବି ମରିନାହିଁ । ସେଥିପାଇଁ ମାନ ଆପମାନ ଆନକୁ ଆପଣଙ୍କ ଧ୍ୟାନ ତୁରନ୍ତ ଚାଲିଯାଉଛି । ଯେତେବେଳେ ଜଣେ ସଦ୍‌ଗୁରୁ ଆପଣଙ୍କ ମାର୍ଗଦର୍ଶନ କରିବେ, ଏସାପ ସେତେବେଳ ମରିବ । ସନ୍ଥ ନାମଦେବ ବୁଝିପାରିଲେ । ନିଜ ଭିତରେ ଅହଂକାର ମରିଗଲା । ନାମଦେବଙ୍କୁ ଆଜି ସମସ୍ତେ ଜାଣନ୍ତି, କିନ୍ତୁ ମୂଳଦୁଆ ତଳ ପଥର ଭଳି ଲୋକଙ୍କ ଆଖିରୁ ଦୁରେଇ ଯାଇଛନ୍ତି ଗୋରା । ନାମଦେବଙ୍କୁ ଅଂହକାରମୁକ୍ତ କରିବାରେ ତାଙ୍କର ସବୁଠୁ ବଡ ଯୋଗଦାନ ଥିଲା । ପ୍ରକୃତରେ କହିବାକୁ ଗଲେ ନାମଦେବଙ୍କ ଅସଲ ଗୁରୁ ଗୋରା । ତାଙ୍କ କଥାରେ ନାମଦେବ ବିଠୋବା ଖେଚରଙ୍କଠୁ ଦୀକ୍ଷା ନେଲେ ।

## ୨୮ ବର୍ଷ ପରେ ସନ୍ତାନ



ଇଟାଲିର ଛୋଟ ସହର ଓସଟାନାରେ ୧୯୮୭ ପରେ ପ୍ରଡମ ତର ଶିଶୁର କାନ୍ଦ ସ୍ୱର ଶୁଣିବାକୁ ମିଳିଛି । ପାବ୍‌ଲୋ ନାମକ ଏହି ଶିଶୁ ତୁରିନ୍ ହସ୍ପିଟାଲ୍‌ରେ ଜନ୍ମ ହୋଇଛି । ତାର ଜନ୍ମ ପରେ ସମଗ୍ର ଅଂଚଳରେ ଖୁସିର ଲହରୀ ଖେଳିଯାଇଛି, ବେଶ ଧୂମଧାମ୍‌ରେ ଉତ୍ସବ ପାଳିତ ହୋଇଛି । ଓସଟାନାର ଲୋକସଂଖ୍ୟା ୮୪ । ଏବେ ଏହି ସଂଖ୍ୟା ୮୫ ହୋଇଛି । ପିଡ୍‌ମଂଟ ଅଂଚଳରେ ପାହାଡ ମଝିରେ ସ୍ଥିତ ଓସଟାନାର ମେୟର୍ ଗିୟାକୋମା ଲୋମ୍‌ବାରଡୋ ଏ ନେଇ ବହୁତ ଖୁସି । ଦୀର୍ଘ ଦିନର ସ୍ୱପ୍ନ ସତ ହୋଇଛି ବୋଲି ସେ କହିଛନ୍ତି । ଉନବିଂଶ ଶତାବ୍ଦୀ ଆରମ୍ଭରେ ୧ ହଜାର ଲୋକ ଏଁଠାରେ ବାସ କରୁଥିଲେ । ଧୀରେ ଦୀରେ ଜନସଂଖ୍ୟା କମିଲା । ୧୯୭୫ରେ ଜନ୍ମହାର ବହୁତ କମିଲା । ୧୯୭୬ ଓ ୧୯୮୭ ମଧ୍ୟରେ ୧୭ ପିଲା ଜନ୍ମ ହୋଇଥିଲେ । ଏହି ସମସ୍ୟାରୁ ମୁକୁଳିବା ପାଇଁ ଓସଟୋନା ନୂଆ ଚାକିରି ସୃଷ୍ଟି କରିବାକୁ ଯୋଜନା କରୁଛି । ସହରର ପରମ୍ପରା ରକ୍ଷା କରିବା ପାଇଁ ଏହାର ପ୍ରବେଶ ଦ୍ୱାରରେ ଏକ ବଗ ମଡେଲ ନିର୍ମିତ ହୋଇଛି । ତା ଥଂଟରେ ନୀଳ ରଙ୍‌ଗର ଗୋଟିଏ ଛୋଟ ବିଡ଼ା ଅଛି ।

## ଭୋଡକା ନେଲା ଜୀବନ



ଜୋସରେ ଆସି ହୋସ ଉଡାଇବା ଅନୁଚିତ । ବ୍ରାଜିଲର ବାଉର ମସକିଟୋ ୟୁନଭରସିଟିର ଛାତ୍ର ସାଙ୍ଗମାନଙ୍କ ସହ ମିଶି ଭୋଡକା ପିଇବାର ବାଜି ଲଗାଇଥିଲେ । ୨୩ ବର୍ଷୀୟ ହମବ୍ରୋଟ ମୁର ଫୋନସକା ୧ ମିନିଟରେ ୨୫ ଭୋଡକା ସୋଟସ ପିଇଥିଲେ । ହମବ୍ରୋଟଙ୍କଠାରୁ ଅନ୍ୟ କେହି ଶୀଘ୍ର ପିଇ ପାରିନଥିଲେ । ୨୫ଟି ଭୋଡକା ପିଇବା ପରେ ଜ୍ୱର ହେବା ପରି ଅନୁଭବ କରିଥିଲେ । ନିଶା ଅଧିକ ହୋଇ ଯାଇଥିବାରୁ ସେ ଅଚେତ ହୋଇପଡିଥିଲେ । ହମବ୍ରୋଟଙ୍କ ଅନ୍ୟ ସାଙ୍ଗମାନେ ବାନ୍ତି କରିବାରେ ଲାଗିଲେ । ସ୍ୱାସ୍ଥ୍ୟବସ୍ଥା ଖରାପ ହେବାରୁ ଆମ୍ବୁଲାନ୍ସ ଡାକିବାକୁ ପଡିଥିଲା । ଭୋଟକା ପିଇଥିବା ସମସ୍ତ ଛାତ୍ରଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା । କିନ୍ତୁ ହମବ୍ରୋଟଙ୍କ ହସ୍ପିଟାଲ ଯିବା ରାସ୍ତାରେ ମୃତ୍ୟୁ ହୋଇଥିଲା ।

## ଲାଭଦାୟକ ୱେବ୍‌ସାଇଟ୍



ଅନ୍‌ଲାଇନ୍ ସପିଂର ମଜା ଯିଏ କରିଛି ସିଏ ଜାଣିଛି । ଗୋଟିଏ କ୍ଲିକ୍‌ରେ ଜିନିଷ ପାଖରେ ଆସି ହାଜର ହୋଇଯାଏ । ନା ମୁଲେଇ କରିବାକୁ ପଡ଼ିଥାଏ ନା ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥାଏ । କଥାରେ କହନ୍ତି ବାପାମା’ଙ୍କୁ ଛାଡ଼ିଦେଇ ସବୁକିଛି ଇଣ୍ଟରନେଟ୍‌ରେ ଉପଲବ୍ଧ । କିନ୍ତୁ ଆଜି ଆପଣଙ୍କୁ ଆମେ ଏପରି ଏକ ୱେବ୍‌ସାଇଟ୍ ବିଷୟରେ ଜଣାଇବୁ ଯେଉଁଥିରୁ ଆପଣ ଯାହା ଚାହିଁବେ ତାହା କିଣିପାରିବେ । ଜାପାନର ଏକ ୱେବ୍‌ସାଇଟ୍ ନ୍ତରେଣ୍ଟଏବାଇଫଅଟୋବା ଡଟ୍ କମ୍’ରେ ଆପଣଙ୍କୁ ଅନ୍ତଃବସ୍ତ୍ରଠାରୁ ଆରମ୍ଭ କରି ମା-ବାପା, ପତି-ପତ୍ନୀ ଏବଂ ପିଲା ମଧ୍ୟ ଭଡ଼ାରେ ମିଳିଥାନ୍ତି । ବର୍ତ୍ତମାନ ଜାପାନରେ ଏହି ୱେବ୍‌ସାଇଟ୍ ଅନେକ ଲୋକପ୍ରିୟ ହୋଇଗଲାଣି । ଏହି ୱେବ୍‌ସାଇଟ୍‌ଟି ଗ୍ରାହକମାନଙ୍କୁ ସମସ୍ତ ପ୍ରକାରର ସୁବିଧା ଯୋଗାଇବା ପାଇଁ ଗ୍ରାହକମାନଙ୍କଠାରୁ ମୋଟା ପରିମାଣର ଅର୍ଥ ନେଇଥାଏ । ଜାଣିରଖନ୍ତୁ ଏହି ୱେବ୍ ସାଇଟ୍‌ରେ କ’ଣ ସବୁ ମିଳୁଛି ? ଯଦି ଆପଣ ଏକଲା ଅଛନ୍ତି ତେବେ ଏହି ୱେବ୍‌ସାଇଟ୍‌ଟି ଆପଣଙ୍କ ଏକୁଟିଆପଣ ଦୂର କରିବା ପାଇଁ ଗ୍ରାହକଙ୍କ ଇଚ୍ଛା ମୁତାବକ ପୁରୁଷ କିମ୍ବା ସ୍ତ୍ରୀ ବନ୍ଧୁ ମଧ ଉପଲବ୍ଧ କରେଇଥାଏ ।

## ମୋଗଲ ଯୁଗର ଘଣ୍ଟେୱାଲା ଦୋକାନ

ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଣ୍ଟେୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି। ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା। ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି। ତେବେ ବର୍ତ୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି। ତାଙ୍କ ଯୁକ୍ତି ହେଉଛି ଯେ, କ୍ୱାଲିଟ କଣ୍ଟ୍ରୋଲ ବିଭାଗର ଚାପ ଯୋଗୁ ଦୋକାନ ଚଳାଇବା କଷ୍ଟ ହେଉଛି। ଏଥିସହ ଦୋକାନ ବନ୍ଦ କରିବାର ଅନ୍ୟ କାରଣ ମଧ୍ୟ ରହିଛି। ଦୋକାନ ବନ୍ଦ କାରଣରୁ ପୁରୁଣା ଦିଲ୍ଲୀର ଲୋକମାନଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ଦୋକାନ ବିକ୍ରି ହେବାର ଚର୍ଚ୍ଚା ଯୋର ଧରିଥିବାରୁ ବହୁ ଦୋକାନି ଦୋକାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ୧୦କୋଟିରୁ ଅଧିକ ଟଙ୍କାର ଅଫର ମଧ୍ୟ ସେମାନେ ଦେଲେଣି।

## କର୍କଟ ରୋଗୀଙ୍କୁ କେଶ ଦାନ

ମୁମ୍ବାଇର ପ୍ରାୟ ୫୨ ଯୁବତୀ ସେମାନଙ୍କର କେଶ କର୍କଟ ଗୋଗୀଙ୍କର କେଶ କର୍କଟ ଗୋଗୀଙ୍କୁ ଦାନ କରିଛନ୍ତି । କର୍କଟ ରୋଗୀଙ୍କ ମନୋବଳ ବଢାଇବା ପାଇଁ ସ୍ଥାନୀୟ ପେଦାର୍ ରୋଡ଼ ସ୍ଥିତ ଯଶଲୋକ ଡାକ୍ତରଖାନା ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି । କର୍କଟ ପୀଡ଼ିତମାନେ ହଠାତ୍ ନିଜର ଶାରୀରିକ ପରିବର୍ତ୍ତନକୁ ଗ୍ରହଣ କରିପାରନ୍ତି ନାହିଁ । ଫଳରେମାନସିକ ଦୁଶ୍ଚିନ୍ତା ଓ ଅବସାଦର ଶିକାର ହୁଅନ୍ତି । ଡାକ୍ତରକାନା ସହ ହେୟାର୍ ଷ୍ଟାଇଲିଶ ସପ୍‌ନା ଭବାନାନୀ ସାମିଲ ହୋଇଛନ୍ତି । କେଶ ଦାତାଙ୍କୁ ସେ ନୂଆ ଲୁକ୍ ଦେଇଛନ୍ତି । ଦାନ କରାଯାଇଥିବା କେଶକୁ କର୍କଟ ରୋଗୀଙ୍କ କଲ୍ୟାଣ ପାଇଁ କାର୍ଯ୍ୟରତ ଏକ ଏନ୍‌ଜିଓରେ ପ୍ରଦାନ କରାଯାଇଛି । ଏହା କେଶରେ ୱିଗ୍ ତିଆରି କରି କର୍କଟ



ରୋଗୀଙ୍କୁ ଦିଆଯିବ । କେଶ ଦାନ କରିଥିବା ୨୧ ବର୍ଷୀୟ ସ୍ନେହ ଶେଟ୍ଟୀ କହନ୍ତି ମୋ କେଶ ପାଇଥିବା ମହିଳା ଏବେ ଖୁସି ହୋଇପାରିବେ ଏବଂ ପୂର୍ବ ଭଳି ପୁଣି ଥରେ ସୌନ୍ଦର୍ଯ୍ୟ ଫେରିପାଇଥିବେ ।

# ଆଜିର ଭାଗ୍ୟ

**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନ କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ଥି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆମ୍ପ୍ରିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** — ଇଚ୍ଛା ନଥିଲେ ମଧ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

## ୬ବର୍ଷ ବୟସରୁ ଦିଆଯାଏ ଶାରିରୀକ ସମ୍ପର୍କ ରଖିବାର ଶିକ୍ଷା

ପାପୁଆ ନ୍ୟୁ ଗିନି ସାଧାରଣତଃ ୬/୭ବର୍ଷ ବୟସର ଶିଶୁମାନେ ନିଜକୁ ପାଠ ପଢା ଓ ଖେଳ କୁଦରେ ମସଗୁଲ ରଖିଥାନ୍ତି। ହେଲେ ଏପରି ଏକ ଜନଜାତି ଆଜି ବି ପୃଥିବୀ ପୃଷ୍ଠରେ ବାସ କରୁଛନ୍ତି ଯେଉଁମାନେ ସେମାନଙ୍କର ପିଲାମାନଙ୍କୁ ୬ବର୍ଷ ବୟସରୁ ଶାରିରୀକ ସମ୍ପର୍କ ରକ୍ଷା କରିବାର ଶିକ୍ଷା ପ୍ରଦାନ କରିଥାନ୍ତି। ଏହି ଜନଜାତି ହେଉଛନ୍ତି ପାପୁଆ ନ୍ୟୁ ଗିନିରେ ରହୁଥିବା ଟ୍ରୋବ୍ରିଆଣ୍ଡ। ୬ବର୍ଷ ବୟସରୁ ସେମାନଙ୍କୁ ଏହି ଶିକ୍ଷା ଦେବାପରେ ୧୦ବର୍ଷ ବୟସରୁ ସେମାନଙ୍କୁ ବିବାହ ବନ୍ଧନରେ ବାନ୍ଧିଥାନ୍ତି। ଏହି ଜନଜାତିର ଅଭିଭାବକମାନେ ସେମାନଙ୍କର ଶିଶୁମାନଙ୍କୁ କିପରି ଶାରିରୀକ ସମ୍ପର୍କ ରକ୍ଷା କରାଯିବ ତା’ର ପ୍ରଶିକ୍ଷଣ ଦିଅନ୍ତି। ପୁଅ ଓ ଝିଅ ମନୋନୀତ କରିବା ଏହା ଉଭୟ ପରିବାରର ସହମତିରେ ହିଁ ହୋଇଥାଏ। ସାଧାରଣତଃ ଯେଉଁ ପୁଅ ଝିଅଙ୍କ ମଧ୍ୟରେ ଶାରିରୀକ ସମ୍ପର୍କ ପାଇଁ ଅଭିଭାବକମାନେ ସହଯୋଗ ଯୋଗାଇଥାନ୍ତି ସେମାନଙ୍କ ମଧ୍ୟରେ ହିଁ ହୁଏ ବିବାହ। ଅନେକ ବର୍ଷ କାଳରୁ ଏହି ପରମ୍ପରା ଚାଲିଆସୁଛି। ସେହିପରି ଜନଜାତିର ଅନେକ ଅଜବ ନିୟମ ଆଜି ବି ରହିଛି। ଯେଉଁ କାରଣରୁ ଏହି ଆଇଲାଣ୍ଡରେ ରହୁଥିବା ଜନଜାତିଙ୍କୁ ନ୍ତର୍ଫି ଲଭ କମ୍ୟୁନିଟଓ’ କୁହାଯାଏ। ବର୍ତ୍ତମାନ ଏହି ଜନଜାତିଙ୍କ ସଂଖ୍ୟା ୧୨ହଜାର ଥିଲା ବେଳେ ବାହାର ଦୁନିଆ ସହ ସେମାନଙ୍କ ଯୋଗାଯୋଗ ଆଦୌ ନାହିଁ କହିଲେ ଚଳେ।




# ପୁଅ ଜିଉନ୍ତିଆ ଦୂତୀବାହନ ଓଷା




ସନ୍ତାନ ପ୍ରତି ମଆର ସ୍ନେହ ଅନନ୍ତ ଅସୀମ। ଝିଅଟିଏ ମାଆ ଭୂମିକାକୁ ଆସିବା ପରେ ସେ ସାଜିଯାଏ ତ୍ୟାଗ, ମମତା ଓ ପ୍ରୀତିର ଅଫୁରନ୍ତ ଉତ୍ସଟିଏ। କେତେବେଳେ ସ୍ୱାମୀର ମଙ୍ଗଳ କାମନା କରି ସେ ପୂଜିବସେ ସାବିତ୍ରୀଙ୍କୁ ତ ପୁଣି କେତେବେଳେ ନିଜ ଭାଇ ପାଇଁ ଭଉଣୀ ସାଜି ପୂଜା ଭ୍ରାତୃ ଦ୍ୱିତୀୟାରେ ପୂଜା କରିବସେ ଭାଇ। ପୁଣି କେତେବେଳେ ମାଆଟିଏ ହୋଇ ସନ୍ତାନର ମଙ୍ଗଳ ପାଇଁ ପୂଜା କରେ



ଦୂତୀ ବାହନ ବା ପୁଅଜିଉନ୍ତିଆ। ନାରୀଟିଏ ପରିବାରର ସବୁ ସଦସ୍ୟଙ୍କ ମଙ୍ଗଳ ପାଇଁ ବାରମାସରେ ଆୟୋଜନ କରେ ତେର ଓଷା ବ୍ରତ। ଦରକାର ହେଲେ ସେ ନିଜ ଜୀବନକୁ ମଧ୍ୟ ବାଜି ଲଗାଇ ଦିଏ। ସାରା ପରିବାରର ମଙ୍ଗଳ ଯେମିତି ନାରୀଟିଏ ଏକାନ୍ତ କାମ୍ୟ। ହସି ହସି ସେ ସବୁ ଦୁଃଖକୁ ସହି ନିଏ, କଷ୍ଟକୁ ବି ଆପଣେଇ ନିଏ। ପୁଅ ଜିଉନ୍ତିଆ ପଶ୍ଚିମ ଓଡ଼ିଶାରେ ଯେପରି ଏକ ନିଆରା ପର୍ବ, ଠିକ୍ ସେହିପରି ଦୂତୀବାହାନ ଓଷା ବା ଦୂତୀୟା ଓଷା ଉତ୍ତର ଓ ଦକ୍ଷିଣ ଓଡ଼ିଶାରେ ଏକ ପ୍ରସିଦ୍ଧ



ଦୂତି ବାହାନ ଓଷା

ଓଷା। ସମ୍ବଲପୁର, ସୁନ୍ଦରଗଡ଼ ଓ ବରଗଡ଼ରେ ଏହି ଦୂତିବାହନ ଓଷା ବେଶ ନିଷ୍ଠା ଓ କାଷ୍ଠାର ସହ ପାଳିତ ହୋଇଥାଏ। ଠିକ୍ ସେହିପରି କଟକ ଭୁବନେଶ୍ୱର, ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା ଓ ବାଲେଶ୍ୱର ଆଦି ଅଞ୍ଚଳରେ ଦୂତୀବାହନ ଓଷା ବା ଦୂତୀୟା ଓଷା ଏକ ପାରିବାରିକ ଓ ସାମାଜିକ ଓଷା ଭାବରେ ଗ୍ରାମୀଣ ଜୀବନଧାରାରେ ଏକ ଧର୍ମୀୟ ବାତାବରଣ ସୃଷ୍ଟି କରିଛି। ସନ୍ତାନର ମଙ୍ଗଳ ସହ ଆୟୁଷ କାମନା କରି ମାଆ ଓ ବିବାହିତ ମହିଳାମାନେ ଏହି ଓଷାକୁ ନିଷ୍ଠାର ସହିତ ପାଳନ କରିଥାନ୍ତି। ଏହି ଓଷା ଗ୍ରାମୀଣ ଜୀବନ ଧାରାରେ ଏକ ପାରିବାରିକ ସମ୍ବନ୍ଧ ଓ ସାମାଜିକ ଦୃଢ଼ତା ସୃଷ୍ଟି କରେ। ଗାଁ ମଣିଷର ଚଳନୀ ଓ ସାଣ୍ଠାଣାକୁ ଦୃଢ଼ କରିଥାଏ। ଏହି ଓଷା ମଣିଷଙ୍କ ଜୀବନଧାରାକୁ ଏକତାର ରଜ୍ଜୁରେ ବାନ୍ଧିବା ସହ ଉତ୍ସବ ମୁଖର କରିତୋଳେ। ଦୂତୀବାହନଙ୍କୁ ପୂଜା କରି ମାଆଙ୍କୁ ସନ୍ତୁଷ୍ଟ କରିବା ପାଇଁ ସାରା ଦିନ ନିର୍ଜଳା ଉପବାସ କରି ନିଷ୍ଠାର ସହ ଏହି ବ୍ରତଧାରଣ କରିବା ହେଉଛି ଓଷାର ମୁଖ୍ୟ କାର୍ଯ୍ୟ।

ଆଶ୍ୱିନର ଅଷ୍ଟମୀ ତିଥିରେ ପୁଅ ଜିଉନ୍ତିଆ ପାଳନ କରାଯାଏ। ପୂଜାର ପୂର୍ବଦିନ ଶିଳ ଶିଆଳୀ ପୂଜା କରାଯାଏ। ଏହିଦିନ ଶିଳକୁ ହଳଦୀ ପାଣିରେ ଧୋଇ ଦିଆଯାଏ। ଏଥିରେ ଗୁଆ ସହ ପୁଞ୍ଜାଏ କରି ଚାଉଳ ରଖାଯାଏ। ଏହିଥିରେ ଦୀପ କଳସ ବସାଇ ପିଠା ଭୋଗ ଲଗାଯାଏ। ସେଥିରୁ ଚାରୋଟି ପିଠା ଉପରକୁ ଫିଙ୍ଗାଯାଏ ଏବଂ ଚାରୋଟି ପିଠା ତଳେ ପୋତି ଦିଆଯାଏ। ପୂଜା ଦିନ ମାଆମାନେ ନିର୍ଜଳା ଉପବାସ ରୁହନ୍ତି। ସଂଜହେଲେ ସ୍ନାନସାରି ନଦୀବାଲିରେ ବେଦୀ କରନ୍ତି। ସେଇ ବେଦୀରେ ଚାରିଖଣ୍ଡ କାଠି ପୋତାଯାଏ। ଚାରି କାଠି ଉପରେ ଚାରୋଟି ଚକା କାକୁଡ଼ି ରଖାଯାଏ। ଗାଧୋଇ ସାରିବା ପରେ କାଠିରେ ଆଖୁ କଦଳୀ ଏପରି ୫ଟି ଗଛର ଡାଳ ପୋତାଯାଏ। ବ୍ରାହ୍ମଣ ସହ ଲକ୍ଷ୍ମୀନାରାୟଣଙ୍କ ପୂଜା ପାଠ କରାଯାଏ। ସୂର୍ଯ୍ୟାସ୍ତ ପରେ ହିଁ ଏହି ପୂଜା ହୋଇଥାଏ। ଏହି ପୂଜାରେ ୨୧ ପ୍ରକାର ଫଳ ଭୋଗ ଲାଗି ହୋଇଥାଏ। ଏଥିସହ ୧୦୮ ଦୂବ, ୧୦୮ ଚାଉଳ ଓ ପରଦିନ ହିଁ ବ୍ୟବହୃତ ହୋଇଥାଏ। ସକାଳେ ପୂଜାସ୍ଥାନରେ ୪ଖଣ୍ଡ କାଠି ଖଣ୍ଡୁଆଳ ଚକି ପ୍ରତୀକ ଭାବରେ ଗୌରୀ ପୂଜା କରାଯାଏ। ଏହି ଦିନ ମୁଗ ଆଠଟି, ଚାଉଳ ଆଠଟି, ଦହି ଗୁଡ଼ ସହ ଜଳିବା ପରେ ପୁଅମାନଙ୍କୁ ବନ୍ଦାପନା କରାଯାଏ। ସମସ୍ତେ ଭୋଗ ବାଡ଼ନ୍ତି। ଏହି ଭୋଗକୁ ପଶ୍ଚିମ ଓଡ଼ିଶାରେ ଜିଉନ୍ତିଆ ବୋଲି କୁହନ୍ତି। ଏହାପରେ ଆରମ୍ଭ ହୋଇଯାଏ ମଉଜ ମଜଲିସ ଓ ପିଠା ପଣାରେ ପରିବାର ହସି ଉଠେ। ମାଆ ଖାଇବା ପରେ ଅନ୍ୟ ସନ୍ତାନମାନେ ଖାଇଥାନ୍ତି। ଉତ୍ତର ଓଡ଼ିଶାରେ ଅନେକ ଗାଁ ପରିବେଶରେ ମଉଜ ମଜଲିସରେ ଛକ ଜାଗାମାନ ଫାଟି ଉଠେ। ଠିକ୍ ସେହିପରି ପଶ୍ଚିମ ଓଡ଼ିଶାରେ ବିଭିନ୍ନ ସ୍ଥାନରେ ଜିଉଁନ୍ତିଆ ମହୋତ୍ସବ ଅନୁଷ୍ଠିତ ହୋଇଥାଏ। ଗାଉଣା, ବାଜଣା ଭିତରେ ପରିବେଶ ଜୀବନ୍ତ ହୋଇଉଠେ। ପଶ୍ଚିମ ଓଡ଼ିଶାର ଅନେକ ସ୍ଥାନରେ ପୁଅ ଜିଉନ୍ତିଆ ଓଷାକୁ ନେଇ ଜିଉନ୍ତିଆ ଉତ୍ସବମାନ ପାଳିତ ହୋଇଥାଏ। ଭାଦ୍ରବ ମାସ ଶୁକ୍ଳପକ୍ଷ ଅଷ୍ଟମୀର ରାତ୍ରକାଳରୁ ଦୁର୍ଗାଙ୍କର ଶୟନ ଉତ୍ସବ ଆରମ୍ଭ ହୋଇଥାଏ। ଏହା ୧୫ ଦିନ ପର୍ଯ୍ୟନ୍ତ ଚାଲେ। ଏହି ସମୟଟି ଅତ୍ୟନ୍ତ ଅଶୁଭ ସମୟ। କାରଣ ହରିଙ୍କ ଶୟନ ସାଥିକୁ ଦେବୀଙ୍କ ଶୟନ ଅଶୁଭର ପ୍ରତୀକ। ୧୫ ଦିନ ଶୋଇବା ପରେ ଶଯ୍ୟା ତ୍ୟାଗ କରି ମାଆ ଦୁର୍ଗାଙ୍କର ଉପାସନା ଉତ୍ସବ ପାଳିତ ହୁଏ। ସେ ରାତ୍ରିରେ ସହସ୍ର କୁମ୍ଭାରିଷ୍ଟ କରାଯାଏ ଏବଂ ପରଦିନ ଠାରୁ ଦେବୀଙ୍କ ଷୋଠଶ ପୂଜାରମ୍ଭ ହୋଇଥାଏ। ଆଶ୍ୱିନ ଅଷ୍ଟମୀରେ ମୂଳାଷ୍ଟମୀ ଅବକାଶରେ ମାଆ ଦୂତୀବାହନଙ୍କୁ ପୂଜା କରିବା ସମୟରେ ଯେଉଁ ପସରା ପୂଜା ଅନୁଷ୍ଠିତ ହୋଇଥାଏ ସେହି ପସରାରେ ପୂଜା ପାଉଥିବା ୪୭ ପ୍ରକାର ପନିପରିବା ଓ ଫଳମୂଳକୁ ନେଇ ଆଶ୍ୱିନ ନବମୀରେ ଆୟୋଜିତ ହୁଏ ଘାଣ୍ଟ। ଓଡ଼ିଆ ଘରର ଘାଣ୍ଟ ବେଶ ପ୍ରସିଦ୍ଧ। ଏହି ଘାଣ୍ଟକୁ ଗ୍ରାମୀଣ ଜୀବନଧାରାରେ ପରିବାର ସହିତ ଜ୍ଞାତି କୁଟୁମ୍ବ ଓ ଆତ୍ମୀୟସ୍ୱଜନଙ୍କୁ ବାଣ୍ଟି ଖିଆଯାଏ। ଆଶ୍ଚର୍ଯ୍ୟର କଥା ଏହି ଘାଣ୍ଟ ଏବେ ଅନ୍ତର୍ଜାତୀୟ ଖାଦ୍ୟ ତାଲିକାରେ ମେନ୍ୟୁରେ ସ୍ଥାନ ପାଇଛି।

**—ଡଃ. ଅରୁନ୍ଧତୀ ଦେବୀ**
*ନିର୍ଦ୍ଦେଶିକା-ସମ୍ପାଦିକା, ଅନ୍ତର୍ଜାତୀୟ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦*

# ବିଦ୍ୟାଦାତାଙ୍କ ଉତ୍ସବରେ ବିଦ୍ୟାର୍ଥୀଙ୍କୁ ପାଠ୍ୟ ଉପକରଣ ପ୍ରଦାନ




ଭୁବନେଶ୍ୱର (ପିଏନ୍): ଦୁଇବର୍ଷର ବ୍ୟବଧାନ ପରେ ଅଗ୍ରପୂଜ୍ୟ ବିଘ୍ନ ବିନାଶକ ମହାପ୍ରଭୁ ଶ୍ରୀ ଗଣେଶଙ୍କ ପୂଜା ସ୍ମାର୍ଟନଗରୀ ଭୁବନେଶ୍ୱର ସମେତ ରାଜଧାନୀ ଉପକଣ୍ଠରେ ମହାଆଡ଼ମ୍ବର ରୂପେ ପାଳନ ହୋଇଥିବା ସମୟରେ ରାଜଧାନୀ ବେଶ୍ ଚଳଚଞ୍ଚଳ ହୋଇଉଠିଥିଲା। ଗଳିକନ୍ଦିରେ ରଙ୍ଗୀନ ଆଲୋକମାଳା ସହ ସୁସଜ୍ଜିତ ତୋରଣରେ ଝଲସୁଥିବା ବେଳେ ଯୁବ ଅନୁଷ୍ଠାନ, କ୍ଲବ ଇତ୍ୟାଦିଗୁଡ଼ିକ ଉତ୍ସବମୁଖର ହୋଇ ଉଠିଥିଲା। ସବୁଠି ଉତ୍ସାହ ଓ ଉତ୍କଣ୍ଠା ଦେଖିବାକୁ ମିଳୁଥିବା ବେଳେ ସହରର କିଛି ସାମାଜିକ କର୍ମୀ ଏକତ୍ରିତ ହୋଇ ଏହି ବିଦ୍ୟାଦାତା ଶ୍ରୀ ଗଣେଶଙ୍କ ଉତ୍ସବରେ ସହର ଉପକଣ୍ଠରେ ଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟ, କୃଷ୍ଣନଗରର ୪୫ଜଣ ଗରିବ ଆଦିବାସୀ ବିଦ୍ୟାର୍ଥୀଙ୍କୁ ଖାତା, ପେନ୍‌ସିଲ୍, ରବର୍, ପେନ୍ ଇତ୍ୟାଦି ପାଠ୍ୟ ଉପକରଣ ଯୋଗାଇ ଦେଇଛନ୍ତି। ଯାହା ସେମାନଙ୍କୁ ପାଠ ପଢିବାରେ ବେଶ୍ ସହାୟକ ହୋଇପାରିବ ବୋଲି କର୍ମୀମାନେ ମତପ୍ରକାଶ କରିଛନ୍ତି। ସାମାଜିକ କର୍ମୀ ସୁଶାନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ, ବିଦ୍ୟାଳୟର ଶିକ୍ଷକ ତ୍ରୈଲୋକ୍ୟନାଥ ପାତ୍ର, ସାମାଜିକ କର୍ମୀ ତ୍ରିଲୋଚନ ବେଉରା, ପ୍ରିୟବ୍ରତ ପଣ୍ଡା, ବାପିନା ନାୟକ ପ୍ରମୁଖ ଉପସ୍ଥିତ ରହି ପାଠ୍ୟ ଉପକରଣ ବଣ୍ଟନରେ ସହଯୋଗ କରିଥିଲେ।

# ପିତୃପୁରୁଷ ଶ୍ରାଦ୍ଧପକ୍ଷ

**ଉତ୍କଳାନନ୍ଦ ଅଜୟ କୁମାର ବେହେରା**



ଭାରତୀୟ ଧର୍ମଗ୍ରନ୍ଥ ଅନୁସାରେ ମନୁଷ୍ୟ ଉପରେ ମୁଖ୍ୟତଃ ତିନିପ୍ରକାର ଋଣ ପିତୃଋଣ, ଦେବଋଣ ଓ ଋଷିଋଣ ରହିଥାଏ। ଏମାନଙ୍କ ମଧ୍ୟରେ ପିତୃଋଣ ସର୍ବପ୍ରଧାନ ବୋଲି କୁହାଯାଇଛି। ପିତୃଋଣରେ ପିତାଙ୍କ ବ୍ୟତୀତ ମାତା ଏବଂ ଅନ୍ୟ ସମସ୍ତ ଗୁରୁଜନଙ୍କୁ ମଧ୍ୟ ଅନ୍ତର୍ଭୁକ୍ତ କରାଯାଇଥାଏ। ପ୍ରଥମରେ ଏକବର୍ଷ ପର୍ଯ୍ୟନ୍ତ ପ୍ରତି ମାସ ମୃତ୍ୟୁ ତିଥିରେ ମାସିକିଆ ଶ୍ରାଦ୍ଧ କରାଯାଏ ଏହାପରେ ଶ୍ରାଦ୍ଧ କରିବା ନିମନ୍ତେ ହିନ୍ଦୁଧର୍ମ ଗ୍ରନ୍ଥମାନଙ୍କରେ ଉପଦେଶ ଦିଆଯାଇଅଛି। ଭାଦ୍ରପଦ ପୂର୍ଣ୍ଣମାଠାରୁ ଆରମ୍ଭ କରି ଆଶ୍ୱିନମାସ କୃଷ୍ଣପକ୍ଷ ଅମାବାସ୍ୟା ପର୍ଯ୍ୟନ୍ତ ମୋଟ ୧୫ଦିନ ସମୟକୁ ପିତୃପକ୍ଷ କୁହାଯାଏ। ଏହାକୁ ଜନାଗତ ମଧ୍ୟ କହନ୍ତି ଯାହାକି କନ୍ୟାର୍କଗତର ଅପଭ୍ରଂଶ ମାତ୍ର। ଏହି ସମୟରେ ଅର୍କ ବା ସୂର୍ଯ୍ୟ କନ୍ୟା ରାଶିରେ ଥାଆନ୍ତି ବୋଲି ଏହି ୧୫ଦିନ ସମୟକୁ କନ୍ୟାର୍କଗତ ବା କନାଗତ ସମୟ କୁହାଯାଏ। ମୃତ୍ୟୁପରେ ମନୁଷ୍ୟ ଯେତେବେଳେ ତା'ର ଶରୀର ତ୍ୟାଗ କରେ ସେତେବେଳେ ତା'ର ଆତ୍ମା ପ୍ରେତଯୋନିରେ ପ୍ରବେଶ କରେ। ମୃତ୍ୟୁ ପରଠାରୁ ୧୨ ଦିନ ପର୍ଯ୍ୟନ୍ତ ମୃତ ବ୍ୟକ୍ତି ଉଦ୍ଦେଶ୍ୟରେ ଶ୍ରଦ୍ଧାଯୁକ୍ତ ଶ୍ରାଦ୍ଧ ଓ ପିଣ୍ଡଦାନ କରାଗଲେ, ସେ ପିତୃଲୋକରେ ପ୍ରବେଶ କରେ। ବ୍ରହ୍ମପୁରାଣରେ ଲେଖାଅଛି ଯେ, ଆଶ୍ୱିନ ମାସର କୃଷ୍ଣ ପକ୍ଷରେ ଯମରାଜ ସମସ୍ତ ପିତରମାନଙ୍କୁ ୧୫ ଦିନ ନିମିତ୍ତ ମୁକ୍ତି ପ୍ରଦାନ କରିଥାଆନ୍ତି ଯାହାଦ୍ୱାରା ସେମାନେ ନିଜ ସନ୍ତାନମାନଙ୍କ ଠାରୁ ପିଣ୍ଡଦାନ ପାଇଁ ଧରାପୃଷ୍ଠକୁ ଆସିପାରିବେ। କର୍ମପୁରାଣରେ କୁହାଯାଇଛି ଯେ, ଏହି ପିତୃପକ୍ଷରେ ସମସ୍ତ ପିତର ନିଜ ନିଜର ପୂର୍ବ ବାସଗୃହକୁ ଯାଆନ୍ତି ଏବଂ ନିଜ ସନ୍ତାନମାନଙ୍କଠାରୁ ସ୍ନେହ ଶ୍ରଦ୍ଧା, ଭକ୍ତିପୂତ ଜଳ ତିଳ ପିଣ୍ଡ ଆଶା କରନ୍ତି। ବ୍ରହ୍ମ ପୁରାଣରେ କୁହାଯାଇଛି ଯେ, ଏହି ୧୫ ଦିନ ମଧ୍ୟରେ ଯଦି ପିତୃପୁରୁଷଙ୍କୁ ତର୍ପଣ ଶ୍ରାଦ୍ଧ ନକରାଯାଏ ତେବେ ସେମାନେ ନିରାଶ ହୋଇ ପୁଣି ପିତୃଲୋକକୁ ଫେରି ଯାଆନ୍ତି। ଅପରପକ୍ଷରେ ଯେଉଁ ବ୍ୟକ୍ତି ପିତୃପକ୍ଷର ୧୫ ଦିନ ନିଜ ପିତୃପୁରୁଷଙ୍କୁ ଶ୍ରଦ୍ଧା ଓ ଭକ୍ତି ଦ୍ୱାରା ତର୍ପଣ ଶ୍ରାଦ୍ଧରେ ମୁଖ୍ୟ ଉପାଦାନ ହେଉଛି କେବଳ ଶ୍ରଦ୍ଧା ଏବଂ ଭକ୍ତି।



ସେପ୍ଟେମ୍ବର ୧୬ରୁ ୩୦ ଯାଏ ରହୁଛି ଶ୍ରାଦ୍ଧପକ୍ଷ। ଏହି ଦିନଗୁଡ଼ିକରେ ତର୍ପଣ କଲେ ପିତୃପୁରୁଷ ଖୁସି ହୋଇଥାନ୍ତି ଏବଂ ତାଙ୍କ କୃପାରୁ ସୁଖ-ସମୃଦ୍ଧି ଲାଭ ହୁଏ। ଶ୍ରାଦ୍ଧପକ୍ଷରେ ସ୍ନାନ ତଥା ଦିନଚର୍ଯ୍ୟାରେ କିଛି ପରିବର୍ତ୍ତନ କରିବାକୁ ପଡ଼େ। ରସୁଣ, ଗାଜର, ପିଆଜ, ଦହିମିଶା ଅଟା ଆଦି ଆଉ କିଛି ଖାଦ୍ୟ ଯାହା ରସ ଓ ଗନ୍ଧଯୁକ୍ତ ତାହା ଶ୍ରାଦ୍ଧପକ୍ଷରେ ବର୍ଜନୀୟ ବୋଲି ଶାସ୍ତ୍ରରେ ବର୍ଣ୍ଣନା କରାଯାଇଛି। ଶାସ୍ତ୍ର ଅନୁସାରେ, ରସୁଣ ପିଆଜ ତାମସିକ। ଏହା ସେବନ କଲେ ବିଚାରର ପବିତ୍ରତା ନଷ୍ଟ ହୁଏ। କ୍ରୋଧୀ ସ୍ୱଭାବ ଦେଖାଦିଏ। ମନ ଏକାଗ୍ର ରହେନି। ଶ୍ରାଦ୍ଧ ସମୟ ପୂଜା ଓ ଧ୍ୟାନ ଲାଗି ଶ୍ରେଷ୍ଠ। ଏହାଲାଗି ଏକାଗ୍ରତା ଓ ପବିତ୍ରତା ଜରୁରୀ। ଏଣୁ ଶ୍ରାଦ୍ଧ ସମୟରେ ଏହି ଖାଦ୍ୟ ଖାଇବା ଉଚିତ ନୁହେଁ। ଯଦି କୌଣସି ବ୍ୟକ୍ତି ଏଭଳି ବର୍ଜିତ ଖାଦ୍ୟ ସେବନ କରନ୍ତି ସେମାନଙ୍କ ପିତୃପୁରୁଷ ଦୁଃଖୀ ହୁଅନ୍ତି। ଏହା ଗୃହର ସୁଖ-ଶାନ୍ତି ଆଣିବାରେ ବାଧା ସୃଷ୍ଟି କରେ। ପରିବାର ସଦସ୍ୟ ସମସ୍ୟାର ସମ୍ମୁଖୀନ ହୁଅନ୍ତି। ପିତୃପୁରୁଷଙ୍କ କୃପା ବିନା ଅନ୍ୟ ଦେବଦେବୀଙ୍କ କୃପା ବି ମିଳିବା ସମ୍ଭବ ହୁଏନି। ଶ୍ରାଦ୍ଧରେ ଗଙ୍ଗାଜଳ, ଦୁଗ୍ଧ, ମହୁ, କୁଶ ଓ ତିଳ ଜରୁରୀ। ପୂଜାରେ ଏହା ଉପଯୋଗ କରାଗଲେ ପିତୃପୁରୁଷ ଶାନ୍ତି ପାଆନ୍ତି। ଶାସ୍ତ୍ର ଅନୁସାରେ, ତୁଳସୀ ଅର୍ପଣ କଲେ ପିତୃଗଣ ସନ୍ତୁଷ୍ଟ ହୁଅନ୍ତି। ଶ୍ରାଦ୍ଧ ପକ୍ଷରେ ପୂଜାରେ ସୁନା, ରୂପା, କଂସା, କିମ୍ବା ତମ୍ବା ପାତ୍ର ବ୍ୟବହାର କରନ୍ତୁ। ଏହା ଅଭାବରେ ପିତ୍ତଳ ଉପଯୋଗ କରିପାରିବେ। କଦଳୀ ପତ୍ରରେ ଶ୍ରାଦ୍ଧରେ ଭୋଜନ କରନ୍ତୁ। ରେଶମ, କମ୍ବଳ, ଉଲ, କାଠ କିମ୍ବା କୁଶାସନ ଶ୍ରାଦ୍ଧ ଲାଗି ଶ୍ରେଷ୍ଠ। ଆସନରେ ଲୁହା କୌଣସି ପ୍ରକାରରେ ଉପଯୋଗ ହେବା ଉଚିତ ନୁହେଁ। ପିତୃପୁରୁଷଙ୍କ ଲାଗି ଅର୍ଘ୍ୟ ଦେବା ଆବଶ୍ୟକ। ଅର୍ଘ୍ୟ ଦେବା ସମୟରେ ଡାହାଣ ହାତ ଆଙ୍ଗୁଳିରେ ଜଳ ଅର୍ପଣ କରିବା ଉପରେ ଧ୍ୟାନ ଦେବାଲାଗି ଶାସ୍ତ୍ରରେ କୁହାଯାଇଛି।



ପ୍ରେତ ଏବଂ ପିତରମାନଙ୍କ ନିମନ୍ତେ ନିଜର ପ୍ରିୟଭୋଜନକୁ ଯେଉଁ କର୍ମ କ୍ରିୟା ମାଧ୍ୟମରେ ଶ୍ରଦ୍ଧା ଓ ଭକ୍ତିର ସହିତ ଅର୍ପଣ କରାଯାଇଥାଏ ତାହାକୁ ଶ୍ରାଦ୍ଧ କୁହନ୍ତି। ପିତୃଗଣ ନ୍ୟାୟମାର୍ଗରେ ପବିତ୍ର ଜଳ, ପବିତ୍ର ଅନ୍ନର କାମନା କରିଥାନ୍ତି। ଅସତ୍ ଉପାୟରେ ଉପାର୍ଜନ କରାଯାଇଥିବା ଧନ ଦ୍ୱାରା ଶ୍ରାଦ୍ଧ କଲେ ସେମାନେ ତୃପ୍ତି ଲାଭ କରନ୍ତି ନାହିଁ ବରଂ ଅସନ୍ତୁଷ୍ଟ ହୋଇ ଶାପ ଦିଅନ୍ତି। ସମ୍ବଳ ଅଭାବରେ ପିତୃଗଣଙ୍କୁ କେବଳ ଜଳାଞ୍ଜଳି ଦେଇଦେଲେ ବା କେବଳ ଭକ୍ତିପୂତ ପ୍ରଣାମ କରିଦେଲେ ମଧ୍ୟ ସେମାନେ ସନ୍ତୋଷ ଲାଭ କରିଥାନ୍ତି। ଭଗବାନ ଶ୍ରୀରାମଚନ୍ଦ୍ର ଯେତେବେଳେ ୧୪ ବର୍ଷ ବନବାସରେ ଥିଲେ ସେତେବେଳେ ସେ ମହାରାଜା ଦଶରଥଙ୍କୁ ପ୍ରଣାମ କରି ତର୍ପଣ ଉଦ୍ଦେଶ୍ୟରେ କହିଥିଲେ, ହେ ପିତା ଏବଂ ପିତୃଗଣ, ମୋ ପାଖରେ ଶ୍ରାଦ୍ଧ କରିବା ନିମନ୍ତେ ନା କ୍ଷମତା ଅଛି, ନା ଧନ ଅଛି ନା ଅନ୍ୟ ସାମଗ୍ରୀ ଅଛି। ତେଣୁ ମୁଁ ମୋର ପୂଜ୍ୟ ପିତୃଗଣଙ୍କୁ ଭକ୍ତି ଓ ଶ୍ରଦ୍ଧାର ସହିତ ବାରମ୍ବାର ପ୍ରଣାମ କରୁଛି। ସେମାନେ ମୋର ଭକ୍ତି ହିଁ ତୃପ୍ତି ଲାଭ କରନ୍ତୁ ଓ ମୋତେ ଆଶୀର୍ବାଦ କରନ୍ତୁ। ମୁଁ ଆଜି ବାୟୁ, ପୃଥିବୀ ଓ ଆକାଶକୁ ସାକ୍ଷୀ ରଖି ମୋର ଦୁଇ ବାହୁ ଉଠାଇ ପିତୃଗଣଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରୁଅଛି। ଯେକୌଣସି ଶୁଦ୍ଧ, ପବିତ୍ର ସ୍ଥାନରେ ପବିତ୍ର ବସନରେ ପବିତ୍ର ଜଳ ଅନ୍ନଦ୍ୱାରା ହିଁ ଶ୍ରାଦ୍ଧ କର୍ମ କରାଯାଇଥାଏ। ତେବେ ଶ୍ରାଦ୍ଧ ନିମନ୍ତେ ନିଜର ବାସଗୃହ ସର୍ବଶ୍ରେଷ୍ଠ ବୋଲି କୁହାଯାଇଛି। କାରଣ ହିନ୍ଦୁ ଧର୍ମଗ୍ରନ୍ଥରେ ଲେଖାଅଛି ଯେ, ନିଜ ଗୃହରେ କରାଯାଇଥିବା ଯେକୌଣସି ମାଙ୍ଗଳିକ ବା ପବିତ୍ର କର୍ମରେ ତୀର୍ଥର ଆଠଗୁଣା ଫଳ ମିଳିଥାଏ। ଶ୍ରାଦ୍ଧ ଅନେକ ପ୍ରକାରର। ସେମାନଙ୍କ ମଧ୍ୟରେ ପ୍ରମୁଖ ହେଲା-**ଏକୋଦ୍ଦିଷ୍ଟ ଶ୍ରାଦ୍ଧ:** ଏହା ନିଜର କୌଣସି ଏକ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ କରାଯାଇଥାଏ। **ପାର୍ବଣ ଶ୍ରାଦ୍ଧ:** ଏହା ପିତା, ପିତାମହ ଏବଂ ପ୍ରପିତାମହଙ୍କ ସହିତ ମାତା ଅଜା, ଆଈଙ୍କ ନିମନ୍ତେ ଏକ ସଙ୍ଗରେ କରାଯାଇଥାଏ। ଏଥିରେ ପିତାମାତା ବସୁ ରୂପରେ, ଜେଜେବାପା ଜେଜେମା ରୁଦ୍ର ରୂପରେ ଏବଂ ଅଣ ଜେଜେବାପାମା ଆଦିତ୍ୟ ରୂପରେ ପୂଜା ପାଆନ୍ତି। **କାମ୍ୟ ଶ୍ରାଦ୍ଧ:** କୌଣସି ବିଶେଷ କାମନା ବା ଇଚ୍ଛା ପୂର୍ତ୍ତି ନିମନ୍ତେ ଏହି ଶ୍ରାଦ୍ଧ କରାଯାଏ। **ନାନ୍ଦିମୁଖ ଶ୍ରାଦ୍ଧ:** ବିବାହ ଅଥବା ପୁତ୍ର କନ୍ୟା ଜନ୍ମାଦି ସଂସ୍କାର କର୍ମରେ ପିତୃ ପୁରୁଷଙ୍କ ଆଶୀର୍ବାଦ କାମନା କରି ଏହି ଶ୍ରାଦ୍ଧ କରାଯାଏ। **ଶୁଦ୍ଧି ଶ୍ରାଦ୍ଧ:** ଏଥିରେ କୌଣସି ପ୍ରକାର ଶୁଣି ନିମନ୍ତେ ପିତୃଗଣଙ୍କୁ ଆବାହନ କରି ଶ୍ରାଦ୍ଧ କରାଯାଇଥାଏ। ଦୈନିକ ଶ୍ରାଦ୍ଧ: ଏହା ଦେବଗଣଙ୍କୁ ସନ୍ତୁଷ୍ଟ କରିବା ନିମନ୍ତେ କରାଯାଏ। **ମହାଳୟା ଶ୍ରାଦ୍ଧ:** ଆଶ୍ୱିନ କୃଷ୍ଣପକ୍ଷ ଅମାବାସ୍ୟା ତିଥିରେ ଏହି ପବିତ୍ର ଶ୍ରାଦ୍ଧ କରାଯାଇଥାଏ। ଯେଉଁ ପିତୃଗଣଙ୍କ ମୃତ୍ୟୁର ନିର୍ଦ୍ଦିଷ୍ଟ ଦିନ ବା ତାରିଖ ଜଣାନାହିଁ ଯେଉଁ ପିତୃପୁରୁଷଗଣ ବଂଶହୀନ ହୋଇ ମୃତ୍ୟୁବରଣ କରିଛନ୍ତି ଏବଂ ଯେଉଁ ପିତୃପୁରୁଷଗଣଙ୍କ ସମ୍ପର୍କରେ ଆମକୁ ସବିଶେଷ ତଥ୍ୟ ଜଣାନାହିଁ, ସେମାନଙ୍କ ଆତ୍ମାର ତୃପ୍ତି ନିମନ୍ତେ ଏହି ମହାଳୟା ଶ୍ରାଦ୍ଧ କରାଯାଇଥାଏ। ଭାରତରେ ଶ୍ରାଦ୍ଧକର୍ମ, ପିଣ୍ଡଦାନ ଏବଂ ଅସ୍ଥି ବିସର୍ଜନ ନିମନ୍ତେ ଏକାଧିକ ପବିତ୍ର ସ୍ଥାନ ରହିଛି। ଯଥା ଚକ୍ରତୀର୍ଥ ପୁରୀ, ବିରଜାକ୍ଷେତ୍ର ଯାଜପୁର, ଗୟା, ବନାରସ, ତୀର୍ଥରାଜ ପ୍ରୟାଗ, ବଦ୍ରିନାଥ, କେଦାରନାଥ, କୁରୁକ୍ଷେତ୍ର, ମାନସରୋବର, ଦ୍ୱାରକା, ଉଜ୍ଜୟିନୀ, ତିରୁପତି, କନ୍ୟାକୁମାରୀ, ଶ୍ରୀଶୈଳମ୍, ରାମେଶ୍ୱରମ୍ ଏବଂ କାବେରୀ-ଗୋଦାବରୀତଟ।

*-'ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩*

# କଂଗ୍ରେସ ସେବାଦଳ ପକ୍ଷରୁ ସ୍ମୃତି ସମ୍ମାନ ସମାରୋହ




ଭୁବନେଶ୍ୱର (ପିଏନ୍)-ଭାରତ ଯୋଡ଼ୋ ଯାତ୍ରାର ନେତୃତ୍ୱ ନେଉଥିବା ରାହୁଲ ଗାନ୍ଧୀଙ୍କୁ ସମର୍ଥନ ଜଣାଇ ଓଡ଼ିଶା ପ୍ରଦେଶ କଂଗ୍ରେସ ସେବାଦଳ ପକ୍ଷରୁ ବରିଷ୍ଠ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତଃ ଦୋଳଗୋବିନ୍ଦ ପ୍ରଧାନଙ୍କ ଚତୁର୍ଥ ସ୍ମୃତିଚାରଣ ଉତ୍ସବରେ ଓଡ଼ିଶାର ୪ଜଣ ସମର୍ପିତ କଂଗ୍ରେସ କାର୍ଯ୍ୟକର୍ତ୍ତା ଓ ୧୭ଜଣ ସେବାଦଳ ନିଷ୍ଠାପର କର୍ମୀଙ୍କୁ ସଂଗ୍ରାମୀ ଦୋଳଗୋବିନ୍ଦ ସ୍ମୃତି ସମ୍ମାନ-୨୦୨୨ରେ ସମ୍ବର୍ଦ୍ଧିତ କରାଯାଇଛି। ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ କଂଗ୍ରେସ ଭବନ ଠାରେ ରାଜ୍ୟ କଂଗ୍ରେସ ସେବାଦଳର ଅଧ୍ୟକ୍ଷ ଡ. ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଶରତ ପଟ୍ଟନାୟକ କହିଲେ ଯେ ସ୍ୱର୍ଗତଃ ଦୋଳଗୋବିନ୍ଦଙ୍କ ଭଳି ଜଣେ ସଂକଳ୍ପସିଦ୍ଧ ମଣିଷ ଆଜିର ସମାଜରେ ବିରଳ। ତାଙ୍କର ସମଗ୍ର ଜୀବନ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ଗଢ଼ା। ବ୍ରହ୍ମପୁର ସ୍ୱତନ୍ତ୍ର କାରାଗାରରୁ ମୁକ୍ତି ପାଇଲା ପରେ, ଜେଲ ଭିତରେ ଶିକ୍ଷାଲାଭ କରିଥିବା ସମସ୍ତ ରଚନାତ୍ମକ କାର୍ଯ୍ୟକୁ ସେ ତାଙ୍କ ଗାଁରୁ ପ୍ରୟୋଗ ଆରମ୍ଭ କରି ସଫଳ ହେଲେ। ଯାହାଫଳରେ ୱାର୍ଡମେମ୍ବରରୁ ମନ୍ତ୍ରୀ ଆସନ ଅଳଙ୍କୃତ କରିପାରିଥିଲେ। କିନ୍ତୁ ଗର୍ବ ଓ ଅହଂକାର ତାଙ୍କୁ ସ୍ପର୍ଶ କରିପାରିନଥିଲା। ନିଖିଳ ଭାରତ କଂଗ୍ରେସ ସେବାଦଳର ଟ୍ରେନିଂ ଅଧିକାରୀ ଅଜିତ କୁମାର ଆଗାମୀ ଭାରତ ଯୋଡ଼ କାର୍ଯ୍ୟକ୍ରମରେ କଂଗ୍ରେସ ସେବାଦଳର ଭୂମିକା ଉପରେ ଆଲୋକପାତ କରିଥିଲେ। ବରିଷ୍ଠ କଂଗ୍ରେସ ନେତା ପୂର୍ବତନ ସାଂସଦ ଶ୍ରୀ ଅନନ୍ତ ପ୍ରସାଦ ସେଠୀ ସଂଗ୍ରାମୀ ଦୋଳଗୋବିନ୍ଦଙ୍କୁ ଜଣେ କଂଗ୍ରେସ ସମର୍ପିତ ପ୍ରାଣ ବୋଲି ବର୍ଣ୍ଣନା କରିଥିଲେ। ମୁଖ୍ୟବକ୍ତା ମହାତ୍ମା ଗାନ୍ଧୀ ଅହିଂସା ଐତିହ୍ୟ ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ପ୍ରଫେସର ଡଃ ବୁଦ୍ଧଦେବ ମିଶ୍ର ଗାନ୍ଧୀ ମଣିଷ ଦୋଳଗୋବିନ୍ଦଙ୍କୁ ଜଣେ ଯୋଗୀପୁରୁଷ ଭାବେ ତାଙ୍କ କାର୍ଯ୍ୟର ପ୍ରଶଂସା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ତଥା ପ୍ରଦେଶ କଂଗ୍ରେସ ଉପସଭାପତି ଶ୍ରୀ ଯଜ୍ଞେଶ୍ୱର ବାବୁ, ଶ୍ରୀ ଶିବାନନ୍ଦ ରାୟ, ଶ୍ରୀ ନକୁଳ ଚନ୍ଦ୍ର ମଲ୍ଲିକ, ଶ୍ରୀ ଗଣେଶ୍ୱର ବେହେରା, ଶ୍ରୀ ଜ୍ଞାନଦେବ ବେହୁରା, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ମନୋରଂଜନ ଦାଶ, ଚିନ୍ମୟ ସୁନ୍ଦର ଦାସ ପ୍ରମୁଖ ସଂଗ୍ରାମୀ ଦୋଳଗୋବିନ୍ଦ ଛାତ୍ର ଜୀବନରୁ ସ୍ୱାଧୀନତା ସଂଗ୍ରାମରେ ଯୋଗଦେଇ ଏକ ଅନନ୍ୟ ଉଦାହରଣ ସୃଷ୍ଟି କରିଥିଲେ ବୋଲି ସ୍ମୃତିଚାରଣ କରିଥିଲେ। ମୁଖ୍ୟଅତିଥି ଶ୍ରୀ ପଟ୍ଟନାୟକ ସଂଗ୍ରାମୀ ଦୋଳଗୋବିନ୍ଦ ସ୍ମୃତି ସମ୍ମାନ, ଶ୍ରୀ ବିଧାନ ଚନ୍ଦ୍ର ରାୟ, ଶ୍ରୀ କିଶୋର ଜେନା, ଶ୍ରୀ ଅଶୋକ କୁମାର ସିଂହ, ଶ୍ରୀ ଜ୍ୟୋତିଷ କୁମାର ସାହୁ, ଶ୍ରୀ କରୁଣାକର କର, ଶ୍ରୀ ରାମକୃଷ୍ଣ ପରିଡ଼ା, ଶ୍ରୀ ରବିନ୍ଦ୍ର କୁମାର ରାଉତ, ଶ୍ରୀ ସୀତାବଲ୍ଲଭ ମହାପାତ୍ର, ସୁଶ୍ରୀ ରିତା ମଲ୍ଲିକ, ଶ୍ରୀ କିଶୋର କାପୁର, ଶ୍ରୀ ବସନ୍ତ କୁମାର ସାମଲ, ଶ୍ରୀ ପ୍ରଫୁଲ୍ଲ ପାଢ଼ୀ, ଶ୍ରୀ ରବିନ୍ଦ୍ର କୁମାର ସାବୁତ, ଶ୍ରୀ ମୁନୁ ସରାଫ, ଶ୍ରୀ ଲଳିତ କୁମାର ଡାଲୁଆ, ଶ୍ରୀ ବିପିନ ବିହାରୀ ନାୟକ, ଶ୍ରୀ ଜବାହର ଜେନା, ଶ୍ରୀ ଆଶିଷ କୁମାର ପତି, ଶ୍ରୀ ଅବଦୁଲ କୁଦୁସ, ଶ୍ରୀ ମୁନା ତ୍ରିପାଠୀଙ୍କୁ ପ୍ରଦାନ କରାଯାଇଥିଲା। ଶେଷରେ ସେବାଦଳ କାର୍ଯ୍ୟକର୍ତ୍ତା ଶ୍ରୀ ମହମ୍ମଦ ଶାହାଦୁଲ୍ଲା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପାତ୍ରପଡ଼ାସ୍ଥ ବନ୍ୟ ଓ ପଶୁ ସଂପଦ ବିଭାଗର ସ୍ମୃତି ବନଠାରେ ସ୍ମୃତି ବୃକ୍ଷର ପୂଜା କରାଯାଇଥିଲା। ଭାରପ୍ରାପ୍ତ ଅଧିକାରୀ ଶ୍ରୀମତୀ ରଶ୍ମିରେଖା ପରିଡ଼ା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ସମସ୍ତ କାର୍ଯ୍ୟକ୍ରମରେ ସଂଗ୍ରାମୀ ଦୋଳଗୋବିନ୍ଦଙ୍କ ପୁତ୍ର ସର୍ବଶ୍ରୀ ଦେବରାଜ ପ୍ରଧାନ, ପୁଷ୍ପରାଜ ପ୍ରଧାନ, ପୃଥିରାଜ ପ୍ରଧାନ ଓ ପ୍ରଜ୍ଞାରାଜ ପ୍ରଧାନ ଏବଂ ମୁକେଶ ପ୍ରଧାନ ସହଯୋଗ କରିଥିଲେ। କଂଗ୍ରେସ ସେବାଦଳର କାର୍ଯ୍ୟକର୍ତ୍ତା କୁଳମଣି ସାହୁ, ଛବି ମହାନ୍ତି, ସମାଜସେବୀ ବରୁଣ ରାଜ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ।।
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୨, ସେପ୍ଟେମ୍ବର ୧୭

# ——ବିଶ୍ୱକର୍ମା——





ଚୀନ ଗ୍ରନ୍ଥ ଉପନିଷଦ ଏବଂ ପୁରାଣ ଆଦି ଅବଲୋକନ କଲେ ଜଣାପଡ଼େ ବିଶ୍ୱକର୍ମା ହେଉଛନ୍ତି ଶ୍ରେଷ୍ଠ ଶିଳ୍ପୀ। ଆଦି କାଳରେ ବିଶ୍ୱକର୍ମା ତାଙ୍କର ବିଶିଷ୍ଟ ଶିଳ୍ପ ଜ୍ଞାନ ଏବଂ ବିଜ୍ଞାନଗୁଣ ଯୋଗୁଁ ଦେବତା ଓ ମାନବ ଦ୍ୱାରା ପୂଜିତ ଓ ବନ୍ଦିତ। ସମସ୍ତ ଦେବଦେବୀ ବିଶ୍ୱକର୍ମାଙ୍କୁ ପୂଜା କରିଥାନ୍ତି। **ସୃଷ୍ଟି ରଚନା:** ବିଶ୍ୱକର୍ମା ଅନ୍ୟ ଅର୍ଥରେ ବିଶ୍ୱର ସୃଷ୍ଟି କର୍ତ୍ତା। ଅନନ୍ତଶାୟୀ ନାରାୟଣଙ୍କ ନାଭିକମଳରୁ ଉତ୍ପନ୍ନ ହୋଇଥିବା ତ୍ରିକାଳଦର୍ଶୀ ବ୍ରହ୍ମା ହେଉଛନ୍ତି ସୃଷ୍ଟି କର୍ତ୍ତା। ଏଣୁ ବିଶ୍ୱକର୍ମାଙ୍କୁ ବ୍ରହ୍ମରୂପେ କଳ୍ପନା କରି ପୂଜା କରାଯାଏ। ପୁରାଣରୁ ଜଣାଯାଏ ବିଶ୍ୱକର୍ମା ରୂପକ ବ୍ରହ୍ମା ପ୍ରାଣୀ ଜଗତ ସୃଷ୍ଟି ପାଇଁ ୮୪ ଲକ୍ଷ ଯୋନି ଉତ୍ପନ୍ନ କରିଥିଲେ। ବ୍ରହ୍ମା ଶ୍ରୀବିଷ୍ଣୁଙ୍କୁ ଜଗତରେ ଉତ୍ପନ୍ନ କରି ସମସ୍ତ ପ୍ରାଣୀକୁ ରକ୍ଷା ଓ ଭରଣ ପୋଷଣ ଦାୟିତ୍ୱ ଦେଲେ। ପ୍ରଜାଙ୍କୁ ଠିକ୍ ଓ ସୂଚାରୁ ରୂପେ ପାଳନ ଓ ହୁକୁମ ଦେବା ପାଇଁ ତାଙ୍କୁ ଅତ୍ୟନ୍ତ ଶକ୍ତିଶାଳୀ ଚିତ୍ରଗାମୀ ସୁଦର୍ଶନ ଚକ୍ର ପ୍ରଦାନ କଲେ। ସଂସାରର ପ୍ରଳୟ ପାଇଁ ଅତ୍ୟନ୍ତ ଦୟାଳୁ ବାବା ଭୋଳାନାଥ ଶ୍ରୀ ଶଙ୍କରଙ୍କୁ ଦାୟିତ୍ୱ ଦେଲେ। ଭଗବାନ ଶଙ୍କରଙ୍କୁ ଡମ୍ବରୁ, କମଣ୍ଡଳ, ତ୍ରିଶୂଳ ଆଦି ପ୍ରଦାନ କଲେ। ତାଙ୍କ କପାଳରେ ପ୍ରଳୟକାରୀ ତୃତୀୟ ନେତ୍ର ପ୍ରଦାନ କଲେ ଓ ତାଙ୍କୁ ପ୍ରଳୟ ଶକ୍ତି ପ୍ରଦାନ କରି ଶକ୍ତିଶାଳୀ କରିଥିଲେ। ଯଥାନୁସାରେ ପ୍ରତ୍ୟେକ ଦେବତାଙ୍କ ପାଇଁ ଦେବୀ ରାଗ-ରାଗିନୀ ବୀଣାବାଦିନୀ ସରସ୍ୱତୀ, ମା'ଲକ୍ଷ୍ମୀ, ମା'ଗୌରୀ ବା ପାର୍ବତୀଙ୍କୁ ଦେଇ ଦେବତା ମାନଙ୍କୁ ସୁଶୋଭିତ କରିଥିଲେ। **ବିଶ୍ୱକର୍ମାଙ୍କ ପାଞ୍ଚ ଅବତାର:** ଆମ ଧର୍ମଶାସ୍ତ୍ରୋ ତଥା ଗ୍ରନ୍ଥୋରେ ବିଶ୍ୱକର୍ମାଙ୍କ ପାଞ୍ଚ ସ୍ୱରୂପ ଅବା ଅବତାରର ବର୍ଣ୍ଣନା ରହିଛି। ୧. ବିରାଟ ବିଶ୍ୱକର୍ମା: ସୃଷ୍ଟି ରଚେତା। ୨. ଧର୍ମବଂଶୀ ବିଶ୍ୱକର୍ମା : ମହାନ ଶିଳ୍ପ ବିଜ୍ଞାନ ବିଧାତା ପ୍ରଭାତ ପୁତ୍ର। ୩. ଅଗ୍ନିବଂଶୀ ବିଶ୍ୱକର୍ମା : ଆଦି ବିଜ୍ଞାନ ବିଧାତା ବସୁ ପୁତ୍ର। ୪. ସୁଧନ୍ୱା ବିଶ୍ୱକର୍ମା : ମହାନ ଶିଳ୍ପାଚାର୍ଯ୍ୟ ବିଜ୍ଞାନ ଜନ୍ମଦାତା ଋଷି ଅଥର୍ବୀଙ୍କ ପୁତ୍ର। ୫. ଭୃଗୁବଂଶୀ ବିଶ୍ୱକର୍ମା: ଉତ୍କୃଷ୍ଟ ଶିଳ୍ପ ବିଜ୍ଞାନାଚାର୍ଯ୍ୟ ଶୁକ୍ରାଚାର୍ଯ୍ୟଙ୍କ ପୁତ୍ର। **ପଞ୍ଚମୁଖ ବିଶ୍ୱକର୍ମା:** ସ୍କନ୍ଦ ପୁରାଣ ଅନୁସାରେ ବ୍ରହ୍ମା ସ୍ୱରୂପ ଭଗବାନ ବିଶ୍ୱକର୍ମାଙ୍କର ପଞ୍ଚମୁଖ। ତାଙ୍କର ପାଞ୍ଚମୁଖ ଯାହା ପୂର୍ବ, ପଶ୍ଚିମ, ଉତ୍ତର, ଦକ୍ଷିଣ ଓ ଋଷିଙ୍କ ମନ୍ତ୍ର ଦ୍ୱାରା ଉତ୍ପନ୍ନ ହୋଇଛି। ତାଙ୍କର ନାମ ହେଉଛି ମନୁ, ମୟ, ତ୍ୱଷ୍ଟା, ଶିଳ୍ପୀ ଓ ଦେବଜ୍ଞ। ଏମାନଙ୍କୁ ମଧ୍ୟ ପାଞ୍ଚପୁତ୍ର କୁହାଯାଏ। **ଋଷି ମନୁ ବିଶ୍ୱକର୍ମା:** ଏହାଙ୍କୁ ସାନଗ ଗୋତ୍ରର ବୋଲି କୁହାଯାଏ। ଲୁହାର କାମର କାରିଗରୀ ଅଟନ୍ତି। ଏମାନଙ୍କ ବଂଶଜ ଲୋହକାର ରୂପେ ଜଣାପଡ଼ିଥିଲେ। **ସନାତନ ଋଷି ମୟ:** ଏମାନଙ୍କୁ ସନାତନ ଗୋତ୍ରର କୁହାଯାଏ। ଏମାନେ ବଢ଼େଇ କାମର କାରିଗରୀ ସୃଷ୍ଟି କରିଥିଲେ। ଏମାନଙ୍କ ବଂଶଜଙ୍କୁ କାଷ୍ଠକାର ରୂପେ ମନାଯାଏ। **ଅହଭୁନ ଋଷି ତୃଷ୍ଟା:** ଏମାନଙ୍କ ଅନ୍ୟ ନାମ ତୃଷ୍ଟା। ଏମାନଙ୍କ ଗୋତ୍ର ଅହଂଭନ। ଏମାନଙ୍କ ବଂଶଜଙ୍କୁ ତାମ୍ରକ ରୂପେ ମନାଯାଏ। ଏମାନେ ତମ୍ବାର କାରିଗରୀ ଭାବେ ଜଣାଶୁଣା ହେଲେ। **ପ୍ରୟତ୍ର ଋଷି ଶିଳ୍ପୀ:** ଏମାନଙ୍କ ଅନ୍ୟ ନାମ ଶିଳ୍ପୀ, ଯାହାର ଗୋତ୍ର ପ୍ରୟତ୍ର। ଏମାନଙ୍କ ବଂଶଜ ଶିଳ୍ପକଳାର ଅଧିଷ୍ଠାତା ଅଟନ୍ତି। ଏମାନଙ୍କ ବଂଶଜଙ୍କୁ ମୂର୍ତ୍ତିକାର ବୋଲି ମନାଯାଏ। **ଦେବଜ୍ଞ ଋଷି:** ଏମାନଙ୍କ ଗୋତ୍ର ସୁର୍ପଣ। ଏମାନଙ୍କ ବଂଶଜଙ୍କୁ ସ୍ୱର୍ଣ୍ଣକାର ବୋଲି ମନାଯାଏ। ସ୍ୱର୍ଣ୍ଣ ଧାତୁରେ ଏମାନେ କାମ କରନ୍ତି। **ପଞ୍ଚପୁତ୍ର:** ପରମେଶ୍ୱର ବିଶ୍ୱକର୍ମାଙ୍କ ପାଞ୍ଚ ପୁତ୍ର ମନୁ, ମୟ, ତୃଷ୍ଟା, ଶିଳ୍ପୀ ଓ ଦେବଜ୍ଞ। ସଂସାରର ହିତ ପାଇଁ ଏମାନେ ଅସ୍ତ୍ରଶସ୍ତ୍ର ନିର୍ମାଣ କରିଥିଲେ। ଲୋକହିତ ପାଇଁ ଅନେକ ପଦାର୍ଥ ତିଆରି କରିଥିଲେ ଯଥା ଘର, ମନ୍ଦିର, ଭବନ, ମୂର୍ତ୍ତି ଓ ଅଳଙ୍କାରମାନ ଆଦି ତିଆରି କରିଥିଲେ। ଏମାନଙ୍କ ପଦାର୍ଥ ଲୋକହିତକାରୀ। ଏଥିପାଇଁ ଏହି ପାଞ୍ଚ ଏବଂ ବନ୍ଦନୀୟ ବ୍ରାହ୍ମଣ ଯଜ୍ଞ କର୍ମ କରିଥାନ୍ତି। ଏମାନଙ୍କ ବିନା କୌଣସି ଯଜ୍ଞ ହୋଇପାରିବ ନାହିଁ। ମନୁ ଋଷି ଭଗବାନ ବିଶ୍ୱକର୍ମାଙ୍କ ସବୁଠାରୁ ବଡ଼ପୁତ୍ର। ତାଙ୍କର ବିବାହ ଅଙ୍ଗିରା ଋଷିଙ୍କ କନ୍ୟା ସହିତ ହୋଇଥିଲା। ସେ ମାନବ ସୃଷ୍ଟିର ନିର୍ମାଣ କରିଥିଲେ। ଏମାନଙ୍କ କୁଳରେ ଅଗ୍ନିଗର୍ଭ, ସର୍ବତୋମୁଖ, ବ୍ରହ୍ମ ଆଦି ଋଷି ଉତ୍ପନ୍ନ ହୋଇଥିଲେ। ଭଗବାନ ବିଶ୍ୱକର୍ମାଙ୍କ ଅନ୍ୟ ପୁତ୍ରମୟ ମହର୍ଷି। ତାଙ୍କର ବିବାହ ପରାଶର ଋଷିଙ୍କ କନ୍ୟା ସୌମ୍ୟା ସହିତ ହୋଇଥିଲା। ସେ ଇନ୍ଦ୍ରଜାଲ ସୃଷ୍ଟିର ରଚନା କରିଥିଲେ। ତାଙ୍କର ବଂଶରେ ବିଷ୍ଣୁବର୍ଦ୍ଧନ, ସୂର୍ଯ୍ୟତନ୍ତ୍ରୋ, ତଖପାନ, ଓଜ, ମହୋଜ ମହର୍ଷି ଉତ୍ପନ୍ନ ହୋଇଥିଲେ। ଭଗବାନ ବିଶ୍ୱକର୍ମାଙ୍କ ତୃତୀୟ ପୁତ୍ର ମହର୍ଷି ତ୍ୱଷ୍ଟା। ତାଙ୍କର ବିବାହ କୌଷିକ ଋଷିଙ୍କ କନ୍ୟା ଜୟନ୍ତୀଙ୍କ ସହ ହୋଇଥିଲା। ଏମାନଙ୍କ ବଂଶରେ ତ୍ୱଷ୍ଟା, ତନ୍ତୁ, ବର୍ଦ୍ଧନ, ହିରଣ୍ୟଗର୍ଭ ଋଷି ଉତ୍ପନ୍ନ ହୋଇଥିଲେ। ଏମାନେ ଦେବତାଙ୍କ ପୂଜିତ ଋଷି ଥିଲେ। ଭଗବାନ ବିଶ୍ୱକର୍ମାଙ୍କ ଚତୁର୍ଥ ପୁତ୍ର ମହୋର୍ଷି ଶିଳ୍ପୀ। ତାଙ୍କର ବିବାହ ଭୃଗୁ ଋଷିଙ୍କ କନ୍ୟା କରୁଣାଙ୍କ ସହିତ ହୋଇଥିଲା। ଏମାନଙ୍କ ବଂଶରେ ବୃଦ୍ଧି, ଧ୍ରୁନ, ହରିତାବଶ୍ୱ, ମେଧବାହ ନଳ, ବସ୍ତୋଷ୍ୟତି, ଶବମୃତ୍ୟୁ ଆଦି ଋଷି ଥିଲେ। ଏମାନେ କଳା ବର୍ଣ୍ଣନା କରିଥିଲେ। ଭଗବାନ ବିଶ୍ୱକର୍ମାଙ୍କ ପଞ୍ଚମ ପୁତ୍ର ମହର୍ଷି ଦେବଜ୍ଞ। ସେ ଜୈମିନୀ ଋଷିଙ୍କ କନ୍ୟା ଚନ୍ଦ୍ରିକାଙ୍କୁ ବିବାହ କରିଥିଲେ। ଏମାନଙ୍କ ବଂଶରେ ସହଶାସ୍ତ୍ର, ହିରଣ୍ୟ, ସୂର୍ଯ୍ୟଗୋବିନ୍ଦ, ଲୋକବାନ୍ଧବ, ଅର୍କଷଳି ଇତ୍ୟାଦି ଋଷି ଜନ୍ମ ନେଇଥିଲେ। ଭଗବାନ ବିଶ୍ୱକର୍ମାଙ୍କ ପଞ୍ଚ ପୁତ୍ର ଓ ବଧୂ ମାଧ୍ୟମରେ ଜଗତରେ ବିଭିନ୍ନ କଳା କୌଶଳ ବିସ୍ତାର କରାଯାଇଥିଲା। ଆଜି ଯାହାବି ମଣିଷ ଜିନିଷ ବ୍ୟବହାର କରୁଛି, ତିଆରି କରୁଛି ଓ ବିଭିନ୍ନ ଜ୍ଞାନକୌଶଳରେ ନୂଆ ନୂଆ ଜିନିଷ ଉଦ୍ଭାବନ କରୁଛି, ତାହା ସେହି ଭଗବାନ ବିଶ୍ୱକର୍ମାଙ୍କ କୃପା।

-ନାଟ୍ୟସାରଥି ଅଭୟ କୁମାର ଦାସ
ଗୋତରା, ମାହାଙ୍ଗା, କଟକ, ଦୂରଭାଷ: ୯୪୩୭୧୪୨୭୧୭

# ଚରିତ ପରମ୍ପରା: ଏକ ବିମର୍ଶ

••••••ଡକ୍ଟର ମନୋରଞ୍ଜନ ବିଷୋୟୀ••••••

କଳା କାଳକୁ ଆଧାର କରି ସୃଷ୍ଟି ହୋଇ କାଳୋତ୍ତୀର୍ଣ୍ଣ ହୋଇଥାଏ । ଏହି ଦୃଷ୍ଟିକୋଣରୁ କଳାକୁ ସତ୍ୟ-ଶିବ-ସୁନ୍ଦରର ସମନ୍ୱୟ ଭାବରେ ପରିକଳ୍ପନା କରାଯାଇଥାଏ । ଗୋଟିଏ ଦିଗରେ ଏହା ସୌନ୍ଦର୍ଯ୍ୟର ଉପାସନା କଲାବେଳେ, ଅନ୍ୟଦିଗରେ ଏହା ଅନ୍ୱେଷାର ଅଭିବ୍ୟକ୍ତିକୁ ଉପସ୍ଥାପିତ କରିଥାଏ । ଉପରୋକ୍ତ ଦୃଷ୍ଟିକୋଣର ସାର୍ଥକତାକୁ ଚରିତ ସାହିତ୍ୟ ମଧ୍ୟରେ ଅନୁଧ୍ୟାନ କରିହୁଏ । ମଣିଷ ସହ ସମାଜର ସଂପୃକ୍ତିକୁ ନେଇ ସୃଷ୍ଟିଲାଭ କରିଥାଏ ସାହିତ୍ୟ । ଜୀବନ ଓ ଜଗତର ସ୍ମୃତି-ବିସ୍ମୃତି, ଅଭିନୟ-ଅନୁନୟ, ପ୍ରାଣବନ୍ତ କରିଥାଏ ସାହିତ୍ୟର କଳେବର । ନିଜର ଅଭିଜ୍ଞତା ଓ ଅନୁଭୂତିକୁ ପ୍ରବୃତ୍ତିର ତାଡ଼ନାରେ ରୂପାନ୍ତରିତ କରିବା ଏହି କ୍ଷେତ୍ରରେ ବେଶ୍ ଲକ୍ଷଣୀୟ ।

ଭାରତୀୟ ଦର୍ଶନରେ ନର ହିଁ ନାରାୟଣର ପ୍ରତିରୂପ । ଯୁଗେ ଯୁଗେ ଦସ୍ୟୁ ରତ୍ନାକର ନିମନ୍ତେ ବାଲ୍ମିକୀ ହେବାର ପଥ ଥାଏ ଉନ୍ମୁକ୍ତ । ବ୍ୟକ୍ତି ଏକ ବୃହତ୍ତର ସମଷ୍ଟିର ଅଂଶ ଭାବରେ ଏକ ମହନୀୟ କର୍ତ୍ତବ୍ୟ ସମ୍ପାଦନ ପାଇଁ ଏ ବିଶ୍ୱବକ୍ଷରେ ଜନ୍ମ ନେଇଥାଏ । ତେଣୁ ପ୍ରାଚୀନ ଭାରତୀୟ ସାହିତ୍ୟରେ 'ନିଖିଳ' ନିମନ୍ତେ 'ଏକକ' ର ବଳିଦାନ ଘଟଣା ସର୍ବତ୍ର ପରିଲକ୍ଷିତ । ଏ ସଂପର୍କରେ ଉପନିଷଦ କହେ- "ଉତ୍ତିଷ୍ଟ, ଜାଗ୍ରତ, ପ୍ରାପ୍ୟ, ବରାନ୍ନ ବୋଧତା, କ୍ଷୁରସ୍ୟ ଧରା ନିସ୍ଥିତା ଦୂରତ୍ୱୟା ଦୁର୍ଗଂ ପଥସ୍ତତ୍, କବୟୋବଦନ୍ତ ।"

ଭାରତୀୟ ସର୍ଜନାତ୍ମକ ଦୃଷ୍ଟିଭଙ୍ଗୀର ଆଦ୍ୟ ସ୍ମାରକୀ ଭାବରେ ଦୃଷ୍ଟିଗୋଚର ହୁଏ-*"ମା ନିଷାଦ ପ୍ରତିଷ୍ଠା ତ୍ୱମଗମଃ ଶାଶ୍ୱତୀଃ ସମାଃ । ଯତ୍ କ୍ରୌଞ୍ଚମିଥୁନାଦେକମବଧୀଃ କାମମୋହିତମ୍ ।।"*

ବାଲ୍ମିକୀଙ୍କ ମୁଖନିଃସୃତ ଏହି ବାଣୀ ଯୁଗେ ଯୁଗେ ଏକ ଅଶ୍ଳୀଳ ଅନୁଭୂତିକୁ ନେଇ ବିଶ୍ୱକୁ ଦେଇଛି ଜୀବନର ଚରମ ମନ୍ତ୍ର । ବେଦଠାରୁ ଆରମ୍ଭ କରି ଏକବିଂଶର ପୃଥିବୀରେ ସବୁ ସ୍ରଷ୍ଟାର ଆତ୍ମବାଣୀ ହୋଇଛି- "ମୋ ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ ।" କୁହାଯାଏ ସ୍ରଷ୍ଟା ହେଉଛି ଏକ ନୀରବ ତପସ୍ୱୀ, ନିଖିଳର ବ୍ୟଥା ଓ ବେଦନାକୁ ଗରଳସମ ଆତ୍ମସ୍ଥ କରି ସେ ନୀଳକଣ୍ଠରେ ରୂପାନ୍ତରିତ ହୋଇଥାଏ । ପୃଥିବୀର କୋଣ ଅନୁକୋଣରେ ଘଟି ଯାଉଥିବା ଘଟଣା ତା'ର ଚିତ୍ତକୁ ଆନ୍ଦୋଳିତ କରେ । ତେଣୁ କଳା ଏକ ଚିତ୍ତବିନୋଦନର ମାଧ୍ୟମ ନୁହେଁ ବରଂ ଏହାର ଅନ୍ତରାଳରେ ଅଭିମନ୍ତ୍ରିତ ହୁଏ ସାମାଜିକ ଅଙ୍ଗୀକାରବଦ୍ଧତାର ସ୍ୱର ।

ବାସ୍ତବିକ କହିବାକୁ ଗଲେ ଭାରତୀୟ ଦର୍ଶନରେ ମଣିଷ ହେଉଛି ଅମୃତର ପୁତ୍ର । କେବଳ ମନୁଷ୍ୟ କାହିଁକି ସମଗ୍ର ବିଶ୍ୱରେ ସ୍ରଷ୍ଟାଙ୍କର ଅମୃତମୟ ତତ୍ତ୍ୱକୁ ଏହି ଦର୍ଶନ ପ୍ରତିଫଳିତ କରିଥାଏ । କିନ୍ତୁ ଏଠାରେ ଲକ୍ଷ୍ୟ କରିବା କଥା ବିଶ୍ୱର ଅନ୍ୟାନ୍ୟ ସର୍ଜନାଠାରୁ ମାନବ ଏକ ବୃହତ୍ତର ରୂପ ନେଇ ଆତ୍ମପ୍ରକାଶ କରିଛି । ଏହାକୁ ବିଶ୍ଳେଷଣ କରିବାକୁ ଯାଇ ଆମ ସମୟର ମହାମନୀଷୀ ଶ୍ରୀଅରବିନ୍ଦ ଅତିମାନସ ତତ୍ତ୍ୱ ଉପସ୍ଥାପିତ କରିଥାନ୍ତି । ତାଙ୍କ ଦୃଷ୍ଟିରେ ବ୍ୟକ୍ତି ଏପରି ଏକ ସନ୍ଧିକ୍ଷଣରେ ଉପନୀତ ଯେଉଁଠାରେ କି ତା'ର ଉତ୍ତରଣ ନିମନ୍ତେ ଏକ ସ୍ୱତନ୍ତ୍ର ପ୍ରୟାସ ଆବଶ୍ୟକ ହୋଇଥାଏ । ଚେତନାରୁ ଅତିମାନସ ଧାରାକୁ ସ୍ପର୍ଶ କରିବା ଦ୍ୱାରା ହିଁ ବ୍ୟକ୍ତିତ୍ୱର ପରାକାଷ୍ଠା ପ୍ରଦର୍ଶିତ ହୋଇଥାଏ । ଚରିତ ସାହିତ୍ୟର ମୌଳିକତାକୁ ଏହିଠାରେ ହିଁ ଲକ୍ଷ୍ୟ କରାଯାଇପାରେ । ମାନବ ସମାଜରେ ଜନ୍ମଗ୍ରହଣ କରି ଯେଉଁ ବ୍ୟକ୍ତି ନିଷ୍ଠା, ଅଧ୍ୟବସାୟ ଓ ସାଧନା ବଳରେ ସମାଜର ବିକାଶ ମାର୍ଗକୁ ଉତ୍ତରଣ ପଥରେ ଅବସ୍ଥାପିତ କରିଥାଏ, ତାହାରି ବନ୍ଦନାରେ ଚରିତ ସାହିତ୍ୟ ସୃଷ୍ଟିଲାଭ କରିଥାଏ । ପ୍ରତିଷ୍ଠିତ ବ୍ୟକ୍ତିଙ୍କ ଚରିତ୍ର ଅଧ୍ୟୟନ ଜାତିକୁ ଉଦ୍‌ବୋଧିତ କରେ । ପାର୍ଥିବରୁ ଅପାର୍ଥିବ ଦିଗରେ ମାର୍ଗ ନିର୍ଦ୍ଧାରଣ କରେ । ତେଣୁ କୁହାଯାଏ - ଚରିତ୍ରର କେବଳ ଅନ୍ତର୍ଲୋକ ଯଦି ଉଦ୍‌ଘାଟିତ ହେଉଥାଏ କିମ୍ବା ତାଙ୍କର ସ୍ୱକର୍ମ ଓ ବିବିଧ ଅନୁଭୂତି ବିକାଶକ୍ରମ କେବଳ ପ୍ରଦର୍ଶିତ ହେଉଥାଏ, ତେବେ ତାହା ମଧ୍ୟ ଉନ୍ନତ ଚରିତ ସାହିତ୍ୟ ହୋଇପାରେ ନାହିଁ । ଏଥିସହିତ ଚରିତ ରଚନାଟି ଯଦି ଜାତି ବା ସମାଜ ପ୍ରତି ନିର୍ଦ୍ଦିଷ୍ଟ କୌଣସି ଇଙ୍ଗିତ ଦାବି କରୁଥାଏ ଅଥବା ଉତ୍ତରଦାୟୀଙ୍କୁ ଅନୁପ୍ରାଣିତ କରୁଥାଏ କିମ୍ବା କୌଣସି ପ୍ରକାରେ ମାନବୀୟ ଆବେଦନ ସଞ୍ଚାରଣରେ ସହାୟକ ହେଉଥାଏ, ତାହାହେଲେ ଏହା ଏକ ପୂର୍ଣ୍ଣାଙ୍ଗ ଚରିତ ସାହିତ୍ୟ ରୂପେ ବିବେଚିତ ହୁଏ । ତେଣୁ ଜଗନ୍ନାଥ ଦାସଙ୍କ ଓଡ଼ିଆ ଭାଗବତରେ କୁହାଯାଇଛି- *"ମହତେ ଯାହା ଆଚରିବେ / ଇତରେ ତାହା ହିଁ କରିବେ / ସେ ଯାହା ପ୍ରମାଣ କରିବେ / ଲୋକେ ତଦନୁବର୍ତ୍ତୀ ହେବେ ।"*



ଅର୍ଥାତ୍ ମହତ୍ ଲୋକମାନଙ୍କର ଜୀବନ ସର୍ବଦା ଅନୁକରଣୀୟ । ସେମାନଙ୍କର ଆଚରଣୀୟ କାର୍ଯ୍ୟାବଳୀ ଅନ୍ୟମାନଙ୍କ ପାଇଁ ଆଦର୍ଶ ହୋଇ ରହେ । କାରଣ ମହତ୍ ଲୋକ ନିଜର ଆଦର୍ଶରେ ସର୍ବଦା ଅଟଳ ଥାଆନ୍ତି । ସେମାନେ ଯେତେ ବାଧାବିଘ୍ନ, ପ୍ରଲୋଭନ ଆସୁ ପଛକେ, ନିଜର ଲକ୍ଷ୍ୟ ପଥରୁ କେବେହେଲେ ବିଚ୍ୟୁତ ହୁଅନ୍ତି ନାହିଁ । ବରଂ ବିପତ୍ତି ମଧ୍ୟରେ ସେମାନଙ୍କର ଚାରିତ୍ରିକ ନିଷ୍ଠା ଏବଂ ଦୃଢ଼ତା ଅଧିକ ପ୍ରକାଶ ପାଏ । ତେଣୁ ମହତ୍ ଲୋକଙ୍କ ଜୀବନୀ; ସାଧାରଣ ମନୁଷ୍ୟଙ୍କୁ ଯଥେଷ୍ଟ ସାହସ ଏବଂ ପ୍ରେରଣା ଯୋଗାଇ ଆସିଛି । ପ୍ରକୃତ ପକ୍ଷେ କହିବାକୁ ଗଲେ ମହାପୁରୁଷ ବା ମହତ ଲୋକଙ୍କ ଜୀବନ କାହାଣୀ ଅଧ୍ୟୟନ ନକଲେ କର୍ମ ଏବଂ କର୍ତ୍ତବ୍ୟର ଗୁରୁତ୍ୱ ଉପଲବ୍ଧ ହେବନାହିଁ । ସେଥିପାଇଁ ସାହିତ୍ୟରେ ଜୀବନ ଚରିତର ମୂଲ୍ୟବୋଧ ସ୍ୱୀକାର କରାଯାଇଛି । ତେଣୁ ଚରିତ ସାହିତ୍ୟ ବା ଜୀବନୀ ସାହିତ୍ୟର ଉଦ୍ଦେଶ୍ୟ ମହତ୍ ଅଟେ । ଏହି ସାହିତ୍ୟ, ଚରିତ (Biography) ଓ ଆତ୍ମଚରିତ (Autobiography) ଭାବରେ ଦ୍ୱିବିଧ । ଯୁଗଜନ୍ମା ମହାପୁରୁଷ, ପ୍ରତିଭାବାନ ବ୍ୟକ୍ତି ଇତ୍ୟାଦିଙ୍କ ଜୀବନ ଚରିତକୁ ଅନ୍ୟ କେହି ଲିପିବଦ୍ଧ କଲେ ତାହା ଚରିତ ସାହିତ୍ୟ ଏବଂ କୌଣସି ବ୍ୟକ୍ତିବିଶେଷ ନିଜ ଜୀବନ ଇତିହାସ ବା ଜୀବନକୁ ଲିପିବଦ୍ଧ କଲେ, ତାହା ଆତ୍ମଚରିତ ଭାବରେ ପରିଚିତ ହୁଏ ।

ପ୍ରଥମେ ବିଶ୍ୱ ସାହିତ୍ୟରେ ଚରିତ ରଚନାର ପରିକଳ୍ପନା କରିଥିଲେ ଗ୍ରୀକ୍ ଜୀବନ ଚରିତ ଲେଖକ ପ୍ଲୁଟାର୍କ । ତାଙ୍କ ରଚିତ 'ଜୀବନୀମାଳା' ବିଶ୍ୱସାହିତ୍ୟର ଏକ ଉଲ୍ଲେଖଯୋଗ୍ୟ ଗ୍ରନ୍ଥ । ଏଥିରେ ସଂକ୍ଷେପରେ ବହୁ ବିଶିଷ୍ଟ ଗ୍ରୀକ୍ ଏବଂ ରୋମୀୟ ବ୍ୟକ୍ତିତ୍ୱର ଜୀବନ ଚରିତ ଲିପିବଦ୍ଧ ହୋଇଅଛି ।

ପ୍ରାଚୀନ ଉଚ୍ଛୃଙ୍ଖଳ ସମାଜକୁ ଯେଉଁ ରାଜନୈତିକ ବ୍ୟକ୍ତି ବା ଆଧ୍ୟାତ୍ମିକ ବୀର ପୁରୁଷଗଣ ପ୍ରଚୋଦନା ଦେଇଥିଲେ, ସେମାନଙ୍କୁ ସ୍ମରଣ କରିବା ପାଇଁ ତତ୍କାଳୀନ ମନୁଷ୍ୟ ବ୍ୟାକୁଳ ହେବା ସ୍ୱାଭାବିକ୍ । ସେଥିପାଇଁ ଧର୍ମଗ୍ରନ୍ଥ ହେଲେ ହେଁ, ଏହି କାଳରେ ଜଗତ ପ୍ରସିଦ୍ଧ ଧର୍ମଗ୍ରନ୍ଥ 'ବାଇବେଲ'ରେ ଅସଂଖ୍ୟ ଚରିତ ସଂପର୍କରେ ବିବରଣୀ ପ୍ରଦାନ କରାଯାଇଛି । ଉଦାହରଣ ସ୍ୱରୂପ ଆବ୍ରାହମ୍, ଡ୍ୟାଭିଡ୍, ଦେବୋରା, ଏଲିଝା, ଏଲିସା, ଇସାକ, ଇଶା, ଜାକୋବ, ମୋଜେସ, ସୋଲୋମେନ୍, ଯୋଶେଫ୍, ମେରୀ ପ୍ରଭୃତି ଅସଂଖ୍ୟ ବ୍ୟକ୍ତିତ୍ୱମାନଙ୍କୁ ସ୍ମରଣ କରାଯାଇପାରେ । ପରବର୍ତ୍ତୀ କାଳରେ ଯେତେବେଳେ ସାହିତ୍ୟରେ ଜୀବନ ଚରିତ ବିଭାଗଟି ଲୋକପ୍ରିୟ ହେଲା, ଜନସାଧାରଣଙ୍କ ମନରେ ଆଧ୍ୟାତ୍ମିକ ଭାବର ପରିପ୍ରଚାର ପାଇଁ ଏହି ମହତ୍ ଚରିତମାନଙ୍କ ସମ୍ପର୍କରେ ବହୁ ଜୀବନୀ ପୁସ୍ତକ ପ୍ରଚାରିତ ହୋଇଥିଲା ।

ସଂପ୍ରତି ପାଶ୍ଚାତ୍ୟ ସାହିତ୍ୟରେ ଚରିତ ସାହିତ୍ୟ ଅତ୍ୟନ୍ତ ସମୃଦ୍ଧ ହେବା ସହ ଅତ୍ୟନ୍ତ ପ୍ରଭାବଶାଳୀ ହୋଇପାରିଛି । ଏହି ଧାରାରେ ପ୍ରାଚ୍ୟ ଜଗତକୁ ଅନୁଧ୍ୟାନ କଲେ ଦେଖାଯାଏ ଯେ, ଭାରତବର୍ଷ ଏକ ପ୍ରାଚୀନ ସଂସ୍କୃତିର ଦେଶ । ଏ ଦେଶର ସାହିତ୍ୟ ପୃଥିବୀର ସାହିତ୍ୟମାନଙ୍କ ମଧ୍ୟରେ ପ୍ରାଚୀନତମ ବୋଲି ସ୍ୱୀକୃତି ଲାଭ କରିଛି । ପ୍ରାଚୀନ ସାହିତ୍ୟରେ ମଧ୍ୟ ଚରିତ ରଚନାର ପରମ୍ପରା ଥିଲା । ଇତିହାସ-ପୁରାଣ ମାଧ୍ୟମରେ ଜୀବନ ଚରିତ ପ୍ରକାଶିତ ହେଉଥିଲା । ପ୍ରାଚୀନ ଭାରତୀୟ କବିଗଣ ଇତିହାସ ରଚନା ନିମନ୍ତେ ପ୍ରୟାସୀ ନଥିଲେ ହେଁ ସେମାନଙ୍କ ପୁରାଣ ରଚନାରେ ଇତିହାସର ଆଭାସ ଥିଲା । କାରଣ ପୁରାଣରେ ସ୍ଥାନିତ ରାଜବଂଶ ବିବରଣୀ ବା ବଂଶାନୁଚରିତ ଥିଲା ପୁରାଣ ପଞ୍ଚଲକ୍ଷଣ ମଧ୍ୟରୁ ଅନ୍ୟତମ । ଏଥିରୁ ସ୍ପଷ୍ଟ ଅନୁଭବ କରିହୁଏ ଯେ, ପୁରାଣ-ଇତିହାସ ରଚନା ଅନ୍ତରାଳରେ ଚରିତ ବର୍ଣ୍ଣନା କରିବାର ପରମ୍ପରା ପ୍ରାଚୀନ ଭାରତରେ ପ୍ରଚଳିତ ଥିଲା । ଚୀନ୍ ପରିବ୍ରାଜକ ହୁଏନ୍‌ସାଙ୍କ ଭାରତ ବିବରଣୀ ଏହି ଦିଗରେ ଏକ ଉଲ୍ଲେଖଯୋଗ୍ୟ ଗ୍ରନ୍ଥ । ଏହି ମହାନ୍ ଚୀନ୍ ପରିବ୍ରାଜକ ପାଦରେ ଚାଲି ଚାଲି ଭାରତର ବହୁ ଅଞ୍ଚଳ ଭ୍ରମଣ କରିଥିଲେ, ଅନେକ ରାଜସଭାରେ ଅଭ୍ୟର୍ଥନା ଲାଭ କରିଥିଲେ । କେତେକ ପ୍ରସିଦ୍ଧ ବିଶ୍ୱବିଦ୍ୟାଳୟରେ ଛାତ୍ର ଭାବରେ ଅଧ୍ୟୟନ କରିବା ସହ ବହୁ ପଣ୍ଡିତଙ୍କ ମେଳରେ ଶାସ୍ତ୍ରାଲୋଚନାରେ ଭାଗ ନେଇଥିଲେ । ତାଙ୍କ ବିବରଣୀରେ ସମକାଳୀନ ବହୁ ନରପତି ଏବଂ ଶ୍ରମଣ ତଥା ପଣ୍ଡିତମାନଙ୍କ ସମ୍ପର୍କରେ ବହୁ ବିବରଣୀ ଦେଖିବାକୁ ମିଳେ । ଏହି କାଳରେ ହିଁ ବହୁ ଲେଖକ ନିଜର ପୃଷ୍ଠପୋଷକତା କରୁଥିବା ରାଜାମାନଙ୍କ ବିଷୟରେ ଲେଖିବାକୁ ଆରମ୍ଭ କରିଥିଲେ । ଏତଦ୍‌ବ୍ୟତୀତ ସଂସ୍କୃତ ରାମାୟଣ, ମହାଭାରତ, ଭାଗବତ, ବିଷ୍ଣୁପୁରାଣ, ରଘୁବଂଶ, ବୁଦ୍ଧଚରିତ, ପାଲିସାହିତ୍ୟ, ପ୍ରଭୃତିରେ ଜୀବନଚରିତ ସମ୍ବନ୍ଧରେ ବହୁ ମୂଲ୍ୟବାନ ବିବରଣୀ ମିଳିଥାଏ । ଏହି ପ୍ରାଚୀନ ଚରିତ ଗ୍ରନ୍ଥ ସମୂହର ନାୟକ ଥିଲେ ସାଧୁ, ସନ୍ଥ, ମନିଷୀ, ବୀରପୁରୁଷ, ଶାସକ ଇତ୍ୟାଦି । ଏସବୁ ଗ୍ରନ୍ଥରଚନାର ଉଦ୍ଦେଶ୍ୟ ଥିଲା ଉତ୍ତର ପୁରୁଷଙ୍କୁ ମହତ୍ ମାର୍ଗରେ ଅନୁପ୍ରେରିତ କରିବା ଏବଂ ଜାତୀୟ ଚେତନାରେ ଉଦ୍‌ବୁଦ୍ଧ କରିବା ।

ଏହି ଧାରାରେ ଓଡ଼ିଆ ସାହିତ୍ୟକୁ ଆଲୋଚନା କଲେ ଦେଖାଯାଏ ଯେ, ଓଡ଼ିଆ ଚରିତ ସାହିତ୍ୟର ସୃଷ୍ଟି ଆଧୁନିକ ଯୁଗରେ ପରିକଳ୍ପିତ ହୋଇଥିଲେ ସୁଦ୍ଧା ବହୁ ପ୍ରାଚୀନ କାଳରୁ ଏହାର ଭିତ୍ତି ସ୍ଥାପିତ ହୋଇଅଛି । ପ୍ରାଚୀନ ଓଡ଼ିଆ ସାହିତ୍ୟରେ ସ୍ୱତନ୍ତ୍ର ଭାବରେ ଚରିତ ସାହିତ୍ୟ ସୃଷ୍ଟି ହୋଇନଥିଲେ ମଧ୍ୟ, ରାଜବଂଶାବଳୀ, ଅଭିଲେଖ ଓ କାବ୍ୟ କବିତାର ପୁଷ୍ପିକାରେ ବ୍ୟକ୍ତି ଚରିତ୍ରର କିଛି କିଛି ସୂଚନା ଉପଲବ୍ଧ ହେଉଥିଲା । ସପ୍ତଦଶ ଶତାବ୍ଦୀର କବି ଦିବାକର ଦାସଙ୍କ 'ଶ୍ରୀଜଗନ୍ନାଥ ଚରିତାମୃତ'କୁ ଓଡ଼ିଆ ସାହିତ୍ୟର ପ୍ରଥମ ଚରିତ ଗ୍ରନ୍ଥର ମର୍ଯ୍ୟାଦା ଆଜି ପର୍ଯ୍ୟନ୍ତ ମିଳୁଥିଲେ ହେଁ, ଷୋଡ଼ଶ ଶତାବ୍ଦୀର କବି ମାଧବ ପଟ୍ଟନାୟକଙ୍କ 'ବୈଷ୍ଣବ ଲୀଳାମୃତ' ହିଁ ପ୍ରକୃତରେ ପ୍ରଥମ ଓଡ଼ିଆ ଜୀବନୀ ଗ୍ରନ୍ଥ । 'ଶ୍ରୀଜଗନ୍ନାଥ ଚରିତାମୃତ'ରେ ଅତିବଡ଼ି ଜଗନ୍ନାଥ ଦାସଙ୍କ ଜୀବନର ବାସ୍ତବ ପରିଚୟ, ତାଙ୍କ ଧର୍ମ, ଦର୍ଶନ ଓ ଜଗନ୍ନାଥ ଭକ୍ତିର ବିସ୍ତୃତ ଚିତ୍ର ମିଳେ, କିନ୍ତୁ 'ବୈଷ୍ଣବ ଲୀଳାବୃତ'ରେ ରାୟ ରାମାନନ୍ଦଙ୍କ ଜୀବନ ସମେତ, ଶ୍ରୀ ଚୈତନ୍ୟ ଓ ଜଗନ୍ନାଥ ଦାସଙ୍କ ଜୀବନୀର ମହତ୍ତ୍ୱପୂର୍ଣ୍ଣ ଅଂଶ ଫୁଟି ଉଠିଛି ।

ସପ୍ତଦଶ ଶତାବ୍ଦୀର କବି ଚୈତନ୍ୟ ଦାସଙ୍କ 'ଶ୍ରୀ ଚୈତନ୍ୟ ଭାଗବତ' ଅନ୍ୟ ଏକ ଚରିତ୍ର କାବ୍ୟ, ଯାହା ଶ୍ରୀ ଚୈତନ୍ୟଙ୍କ ଜୀବନୀ ଉପଜୀବ୍ୟରେ ରଚିତ । ଶ୍ରୀଚୈତନ୍ୟଙ୍କ ଜୀବନୀ ପରିପୁଷ୍ଟ ସମକାଳୀନ ବଙ୍ଗଳା ଗ୍ରନ୍ଥଗୁଡ଼ିକଠାରୁ ଏହା ଅଧିକ ବାସ୍ତବ ଓ ସତ୍ୟର ନିକଟବର୍ତ୍ତୀ । ଅଷ୍ଟାଦଶ ଶତାବ୍ଦୀରେ ରଚିତ ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମାଙ୍କ ଅସମ୍ପୂର୍ଣ୍ଣ କାବ୍ୟ 'ବିଶ୍ୱମ୍ଭର ବିହାର'ରେ ଶ୍ରୀଚୈତନ୍ୟଙ୍କ ଆଧ୍ୟାତ୍ମିକ ଚିନ୍ତନ, କୃଷ୍ଣପ୍ରୀତି ଇତ୍ୟାଦିର ବହୁଳ ବର୍ଣ୍ଣନା ଦେଖାଯାଏ । ଅଷ୍ଟାଦଶ ଶତାବ୍ଦୀର ଅନ୍ୟତମ ଭକ୍ତକବି ରାମଦାସଙ୍କ 'ଦାର୍ଢ୍ୟତାଭକ୍ତି ରସାମୃତ' ଓଡ଼ିଆ ଚରିତ ସାହିତ୍ୟରେ ଅନ୍ୟ ଏକ ଅମଳିନ ସୃଷ୍ଟି । ଏଥିରେ ଅର୍ଦ୍ଧଶତାଧିକ ଭକ୍ତଙ୍କ ଜୀବନୀ ସଂପର୍କୀୟ ବିବରଣୀ ପଦ୍ୟାକାରରେ ଲିପିବଦ୍ଧ । ଊନବିଂଶ ଶତାବ୍ଦୀର ମଧ୍ୟଭାଗରେ କବି ନୃସିଂହ ରାୟଗୁରୁଙ୍କ ଦ୍ୱାରା ଅନୁଗୁଳର ରାଜା ସୋମନାଥ ସିଂହଙ୍କ ଜୀବନ ଚରିତ 'ରାଜା ସୋମନାଥ ସିଂହ ଜଗଦେବ' ରଚିତ ହୋଇଥିଲା । ଏସବୁକୁ ଅନୁଧ୍ୟାନ କଲେ ଜଣାଯାଏ, ପ୍ରଥମେ ସାଧୁସନ୍ଥଙ୍କ ଜୀବନ ଚରିତକୁ ନେଇ ଜୀବନୀ ସାହିତ୍ୟ ରଚନା ହେଉଥିଲା । ସାଧୁସନ୍ଥଙ୍କ ଜୀବନ କାହାଣୀକୁ ସାଧାରଣ ଲୋକଙ୍କ ପାଖରେ ପହଞ୍ଚାଇବା ଉଦ୍ଦେଶ୍ୟରେ ଏସବୁକୁ ପଦ୍ୟାକାରରେ ରଚନା କରାଯାଉଥିଲା । ସେତେବେଳେ ଚରିତ ସାହିତ୍ୟର ସ୍ୱତନ୍ତ୍ର ବିଭାଗୀକରଣ ହୋଇ ନଥିଲା । ଏହା ଥିଲା କାବ୍ୟ ସାହିତ୍ୟର ଅଙ୍ଗୀଭୂତ । କ୍ରମେ ଊନବିଂଶ ଶତାବ୍ଦୀବେଳକୁ ଚରିତ ସାହିତ୍ୟର ରଚନାଗତ ଓ ଆଭିମୁଖ୍ୟଗତ ପରିବର୍ତ୍ତନ ଆସିଥିଲା ଏବଂ ସାମାଜିକ ମଣିଷର ଜୀବନଲିପି ଅଙ୍କନ ପ୍ରତି ଅଧିକ ଧ୍ୟାନ ଦିଆଯାଇଥିଲା ।

ପରବର୍ତ୍ତୀ ସମୟରେ ଆଧୁନିକ ଯୁଗରେ ଚରିତ ସାହିତ୍ୟର ଭୂୟୋବିକାଶ ସାଧିତ ହୋଇଥିଲା । ଊନବିଂଶ ଶତାବ୍ଦୀରେ ଆତ୍ମପ୍ରକାଶ କରିଥିବା 'ଉତ୍କଳ ଦୀପିକା', 'ଉତ୍କଳ ଦର୍ପଣ', 'ଉତ୍କଳ ମଧୁପ', 'ନବସମ୍ବାଦ', 'ଓଡ଼ିଆ ନବସମ୍ବାଦ', 'ସମ୍ବଲପୁର-ହିତୈଷିଣୀ' ଆଦି କେତେକ ପତ୍ରପତ୍ରିକା ଓଡ଼ିଆ ଚରିତ ସାହିତ୍ୟକୁ ପୁଷ୍ଟ କରିବାରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ । ସାଧୁସନ୍ଥଙ୍କ ଜୀବନ ସହିତ ଅନ୍ୟ ମହାପୁରୁଷ, ଦେଶସେବକ ଓ ସାହିତ୍ୟିକମାନଙ୍କ ଜୀବନୀ ପ୍ରକାଶ କରିବାକୁ ଆଗ୍ରହୀ ହେଲେ । କବିବର ରାଧାନାଥ, ପଲ୍ଲୀକବି ନନ୍ଦକିଶୋର, ମୃତ୍ୟୁଞ୍ଜୟ ରଥ ପ୍ରଭୃତି ରଚିତ ଜୀବନୀମୂଳକ ପ୍ରବନ୍ଧ ତତ୍କାଳୀନ ପତ୍ରପତ୍ରିକାରେ ପ୍ରକାଶ ପାଇଲା । ଓଡ଼ିଶାରେ ଶିକ୍ଷାବିସ୍ତାର ପାଇଁ ବିଦ୍ୟାଳୟମାନ ପ୍ରତିଷ୍ଠା ହେବାପରେ ପାଠ୍ୟପୁସ୍ତକମାନ ରଚିତ ହେଲା । ସେ ସବୁରେ ଜୀବନୀମୂଳକ ଲେଖାମାନ ସ୍ଥାନ ପାଇଲା । ସେଗୁଡ଼ିକ ମଧ୍ୟରେ ପୌରାଣିକ ଓ ଐତିହାସିକ ଚରିତାବଳୀ ବ୍ୟତୀତ ଦେଶବିଦେଶର ସମକାଳୀନ ବିଶିଷ୍ଟ ବ୍ୟକ୍ତିଗଣଙ୍କ ଜୀବନ ଲେଖା ମଧ୍ୟ ଅନ୍ତର୍ଭୁକ୍ତ ହେଲା । ଏହାବ୍ୟତୀତ ବଙ୍ଗଳା ଭାଷାରେ ଈଶ୍ୱର ଚନ୍ଦ୍ର ବିଦ୍ୟାସାଗରଙ୍କ ଦ୍ୱାରା ରଚିତ 'ଜୀବନ ଚରିତ', ଫକୀରମୋହନ ସେନାପତିଙ୍କ ଦ୍ୱାରା ଓଡ଼ିଆରେ ଅନୁଦିତ ହୋଇ ପାଠ୍ୟପୁସ୍ତକ ରୂପେ ବହୁ ଆଦୃତି ଲାଭ କଲା । ପଣ୍ଡିତ ମୃତ୍ୟୁଞ୍ଜୟ ରଥଙ୍କ ପାଠ୍ୟପୁସ୍ତକ 'ପ୍ରବନ୍ଧ ପାଠ' ରେ କେତେଜଣ ମନୀଷୀଙ୍କ ଜୀବନୀ ପ୍ରବନ୍ଧାକାରରେ ପ୍ରକାଶିତ ହୋଇଥିଲା । ଏଥିମଧ୍ୟରୁ କେତୋଟି ପୂର୍ବରୁ ପତ୍ରପତ୍ରିକାରେ ପ୍ରକାଶଲାଭ କରିଥିଲା । କେବଳ ଜୀବନୀ ନୁହେଁ, ଜୀବନୀପାଠ କରିବାର ଆବଶ୍ୟକତା ସମ୍ବନ୍ଧୀୟ ଏକ ଚମତ୍କାର ଆଲୋଚନା ମଧ୍ୟ ଏଥିରେ ସ୍ଥାନିତ ହୋଇଥିଲା । ପରବର୍ତ୍ତୀ କାଳରେ ପତ୍ରପତ୍ରିକା ଓ ପାଠ୍ୟପୁସ୍ତକର ସଂଖ୍ୟାବୃଦ୍ଧି ସହିତ ଓଡ଼ିଆ ଚରିତ ସାହିତ୍ୟ ସମୃଦ୍ଧି ପଥରେ ଗତି କରିବାକୁ ଲାଗିଲା ।

ଓଡ଼ିଆ ଚରିତ ସାହିତ୍ୟର ଉତ୍ତରଣ ପର୍ଯ୍ୟାୟରେ; ଚରିତ ସାହିତ୍ୟର ଅନୁବାଦ ଦିଗରେ ବହୁ ଲେଖକ ଲେଖନୀ ଚାଳନା କରିଥିଲେ । ଏହି ପରିପ୍ରେକ୍ଷୀରେ କାଳନ୍ଦୀଚରଣ ପାଣିଗ୍ରାହୀ (ଭକ୍ତକବି ମଧୁସୂଦନ), ଚକ୍ରଧର ମହାପାତ୍ର (କୁନ୍ତଳା କୁମାରୀ ଜୀବନଚରିତ), କାଳିଚରଣ ପଟ୍ଟନାୟକ (ଠକ୍କର ବାପା), ଅମୂଲ୍ୟ କୃଷ୍ଣ ମିଶ୍ର (ଅଲିଭା ଶିଖା), ମାୟାଧର ମାନସିଂହ (ସରସ୍ୱତୀ ଫକୀରମୋହନ)ଙ୍କ ନାମ ଉଲ୍ଲେଖଯୋଗ୍ୟ । ଏମାନଙ୍କ ବ୍ୟତୀତ ଯେଉଁ କେତେଜଣ ଚରିତ ସାହିତ୍ୟକୁ କଳାତ୍ମକ ଦୃଷ୍ଟିରୁ ବେଶ୍ ସରସ ସୁନ୍ଦର ରୂପ ପ୍ରଦାନ କଲେ; ସେମାନଙ୍କ ମଧ୍ୟରେ ନବକିଶୋର ଦାସ (ଉତ୍କଳ ଗୌରବ ମଧୁସୂଦନ), ସୂର୍ଯ୍ୟ ନାରାୟଣ ଦାସ (ଯୁଗଜ୍ୟୋତି ଲାଲ ବାହାଦୂର), କାଳିଆ ପାଣିଗ୍ରାହୀ (ବୁଦ୍ଧ ଚରିତ), କାଳନ୍ଦୀ ବେହେରା (କଳିଙ୍ଗର ବୀରପୁତ୍ର)ଙ୍କ ଅବଦାନ ମହତ୍ତ୍ୱପୂର୍ଣ୍ଣ । ସମ୍ପ୍ରତି ଓଡ଼ିଆ ଚରିତ ସାହିତ୍ୟ ଉଭୟ ଗୁଣାତ୍ମକ ଏବଂ ପରିମାଣାତ୍ମକ ଦୃଷ୍ଟିରୁ ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଛି କହିଲେ ଅତ୍ୟୁକ୍ତି ହେବନାହିଁ ।

-ସ୍ନାତକୋତ୍ତର ଓଡ଼ିଆ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର,
ଫୋନ: ୮୮୯୫୧୪୧୭୨୭

# କିପରି କମିବ କାର୍ବନ ନିର୍ଗମନ !

ଡକ୍ଟର ରାଜକିଶୋର ମିଶ୍ର

ପୃଥିବୀରେ ଓଜୋନ ପରସ୍ତ ସଂରକ୍ଷଣ ପାଇଁ ୧୯୯୪ ସେପ୍ଟେମ୍ବର ୧୬ ତାରିଖକୁ ଜାତିସଂଘ ସାଧାରଣ ସଭାରେ ବିଶ୍ୱ ଓଜୋନ ଦିବସ ଘୋଷଣା କରାଗଲା। ଓଜୋନ ପରସ୍ତ ହ୍ରାସ ସମ୍ପର୍କରେ ସଚେତନତା ସୃଷ୍ଟି ଏବଂ ଏହାର ସଂରକ୍ଷଣ ନିମନ୍ତେ




ଉପାୟ ଅନ୍ୱେଷଣ ଏହି ଦିବସର ମୂଳ ଉଦ୍ଦେଶ୍ୟ। ଗ୍ୟାସର ସୂକ୍ଷ୍ମ ପରତ, ଓଜୋନ ପରସ୍ତ, ସୂର୍ଯ୍ୟ ରଶ୍ମିର କ୍ଷତିକାରକ ତତ୍ତ୍ୱରୁ ପୃଥିବୀକୁ ରକ୍ଷା କରିବା ସହ ପୃଥିବୀରେ ଜୀବଜଗତ ସଂରକ୍ଷଣରେ ଭାଗ ନେବା ପାଇଁ ଏହି ଦିନ ପ୍ରତ୍ୟେକ ଦେଶକୁ ଆହ୍ୱାନ ଦିଆଯାଏ। ସେମିନାର ଭଳି ବିଭିନ୍ନ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସାରା ବିଶ୍ୱର ଜନତା କାନାଡ଼ାର ମୋଣ୍ଟ୍ରିଲ ସହରରେ ଏକତ୍ର ହୋଇଥାନ୍ତି। ଏହାକୁ ବାଦ ଦେଲେ ସମସ୍ତ ବିଦ୍ୟାଳୟରେ ଏ ଅବସରରେ ଓଜୋନ ପରସ୍ତ ଉପରେ ଶିକ୍ଷା ଦିଆଯାଏ। ସଚେତନତା ପାଇଁ ଅନେକ ସ୍କୁଲରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ। ଏହା ଏଭଳି ଏକ ଦିବସ, ଯେଉଁଥିରେ ପ୍ରତ୍ୟେକ ବ୍ୟକ୍ତି ଭାଗ ନେଇପାରେ। ଓଜୋନ ପରସ୍ତ ମଣିଷକୁ ସୁସ୍ଥ ରଖିବା ସହ କ୍ଷତିକାରକ ଅତିବାଇଗଣୀ ରଶ୍ମି ଠାରୁ ପରିବେଶକୁ ରକ୍ଷା କରିଥାଏ। ସଂପ୍ରତି ବିଶ୍ୱ ଏକ ପ୍ରକାର ପାଣିପାଗ, ଉତ୍ତାପ, ଜଳବାୟୁ ପ୍ରଭୃତିକୁ ନେଇ ଯେଉଁଭଳି ଭାବେ ଅସନ୍ତୁଳିତ ଓ ଏକ ପ୍ରକାର ଉଦ୍‌ବେଗଜନକ ସ୍ଥିତିରେ ପହଞ୍ଚିଛି ଏପରି ସମୟରେ ବାୟୁମଣ୍ଡଳର ଉପର ଭାଗ ଷ୍ଟ୍ରାଟୋସ୍ଫିୟରରେ ସୂର୍ଯ୍ୟର ଅତିବାଇଗିଣୀ ରଶ୍ମୀର ଅଧିକାଂଶ ଭାଗ ଶୋଷି ହେଉଥିବାରୁ ଏହା ମାନବ ତଥା ଜୀବଜଗତ ପ୍ରତି ଅତ୍ୟନ୍ତ କ୍ଷତିକାରକ ସାଜୁଛନ୍ତି। ଅନେକ ହୁଏତ ଜାଣିନଥିବେ ଏହି ଓଜୋନ ସ୍ତର ଏହି ରଶ୍ମୀକୁ ପୃଥିବୀ ଉପରେ ପଡ଼ିବାକୁ ଦେଇନଥାଏ। ବିଶ୍ୱର ପାଣିପାଗ ଜନିତ ଭୟାବହତାକୁ ଦେଖିଲେ ଆମ ସମସ୍ତଙ୍କ ଭିତରେ ବୃକ୍ଷ ଓ ପରିବେଶର ସବୁଜ ସଂରକ୍ଷଣ ଦାୟିତ୍ୱ ପ୍ରତି ଜାଗ୍ରତ ଓ ସଚେତନ ହେବା ଅତ୍ୟନ୍ତ ଜରୁରୀ।




ପରିବେଶ ଉପରେ ପରୋକ୍ଷ ଏବଂ ପ୍ରତ୍ୟକ୍ଷ ଭାବେ ପ୍ରତି ବ୍ୟକ୍ତିଙ୍କ ପ୍ରଭାବ ପଡ଼ିଥାଏ। ଦୈନନ୍ଦିନ ଜୀବନରେ ବ୍ୟବହାର କରାଯାଉଥିବା ବିଭିନ୍ନ ସାମଗ୍ରୀ ମାଧ୍ୟମରେ କାର୍ବନ ଡାଇଅକ୍ସାଇଡ ବା ଅଙ୍ଗାରକାମ୍ଳ ନିର୍ଗମନ ହୋଇଥାଏ। ଶିଳ୍ପ ବିପ୍ଳବ ପୂର୍ବରୁ ମାନବର କାର୍ଯ୍ୟକଳାପ ଦ୍ୱାରା ସୃଷ୍ଟି ହୋଇଥିବା ଅଙ୍ଗାରକାମ୍ଳକୁ ଆମ ଜଙ୍ଗଲ ଶୋଷଣ କରିନେବାରେ ସକ୍ଷମ ଥିଲା। କିନ୍ତୁ ଶିଳ୍ପ ଯୁଗ ଆରମ୍ଭ ହେବା ପରେ ଇନ୍ଧନର ବହୁଳ ବ୍ୟବହାର, ଜନସଂଖ୍ୟା ବୃଦ୍ଧି, ଜଙ୍ଗଲ ନଷ୍ଟ ଆଦି ପ୍ରମୁଖ କାରଣ ଯୋଗୁଁ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ମାତ୍ରା ବଢ଼ିବାରେ ଲାଗିଛି। ଏପରି ସ୍ଥଳେ ଜଳବାୟୁରେ ବିପଜ୍ଜନକ ପରିବର୍ତ୍ତନ ରୋକିବାକୁ ପ୍ରତି ବ୍ୟକ୍ତି ଉଦ୍ୟମ କରିବାର ସମୟ ଉପନୀତ। ଛୋଟ ଛୋଟ ପ୍ରଚେଷ୍ଟାରେ ଏ ଦିଗରେ ସଫଳତା ମଧ୍ୟ ମିଳିପାରିବ। କେତେକ ଆବଶ୍ୟକ ପଦକ୍ଷେପ ଆମ ଘରକୁ ପରିବେଶ ଅନୁକୂଳ କରିବାରେ ଯଥେଷ୍ଟ ସାହାଯ୍ୟ କରିପାରିବ।

ପରିବେଶ ପ୍ରଦୂଷଣରେ ଜୀବାଶ୍ମ ଇନ୍ଧନ ମୁଖ୍ୟ କାରକ। ତେଣୁ ନିତିଦିନିଆ ଜୀବନରେ ପ୍ରାକୃତିକ ଗ୍ୟାସ, ତୈଳ ଆଦି ଉପରେ ନିର୍ଭରଶୀଳତା କମାଇବାକୁ ପଡ଼ିବ। ଘରକୁ ସମ୍ପୂର୍ଣ୍ଣ ବିଦ୍ୟୁତକରଣ ସହ ହିଟ ପମ୍ପ ବ୍ୟବହାର କରିହେବ। ବିଦ୍ୟୁତ ସୃଷ୍ଟି ନିମନ୍ତେତ ସୋଲାର ପ୍ୟାନେଲ, ବ୍ୟାଟେରିର ଉପଯୋଗ ବଢ଼ାଇ ହେବ। ଶକ୍ତି ଖର୍ଚ୍ଚକୁ ନିୟନ୍ତ୍ରଣ ନିମନ୍ତେ ଆମେ ଘରେ ସ୍ମାର୍ଟମିଟର ବସାଇପାରିବା। ହିଟ ପମ୍ପ ଯୋଗେ ଘରୁ ଗରମ ଏବଂ ଥଣ୍ଡା ବାୟୁକୁ ବାହାର କରି ତାପମାତ୍ରା ସନ୍ତୁଳିତ କରିହେବ। ହିଟ ପମ୍ପର ବ୍ୟବହାର ଅଧିକାଂଶ ଲୋକଙ୍କ ପକେଟକୁ ମଧ୍ୟ ସୁହାଇବ। ଅତ୍ୟଧିକ ଥଣ୍ଡା ପାଣିପାଗରେ ମଧ୍ୟ ଏହା କାର୍ଯ୍ୟ କରିବାରେ ସକ୍ଷମ। ତେବେ କମ୍ ତାପମାତ୍ରାରେ ଏହା ଅଧିକ ବିଦ୍ୟୁତଶକ୍ତି ଆବଶ୍ୟକ କରିଥାଏ। ଗ୍ୟାସ ଚାଳିତ ଉପକରଣ ବଦଳରେ ଇଣ୍ଡକ୍ସନ ରେଞ୍ଜକୁ ଗୁରୁତ୍ୱ ଦେଇପାରିବା। ଏହା ସିଧାସଳଖ ଭାବେ କୌଣସି ପାତ୍ରକୁ ଗରମ କରିବା ପାଇଁ ଚୁମ୍ବକ ବା ମାଗନେଟ ବ୍ୟବହାର କରେ। ଏହା ଗ୍ୟାସ ରେଞ୍ଜ ଠାରୁ ସାମାନ୍ୟ ମହଙ୍ଗା। ଏଥିପାଇଁ ଅଲଗା ରୋଷେଇ ଶୈଳୀ ଏବଂ ସ୍ୱତନ୍ତ୍ର ଉପକରଣ ଆବଶ୍ୟକ। ବିଦ୍ୟୁତଚାଳିତ ଯାନର ମାଲିକ ପ୍ରାୟତଃ ଘରେ ଚାର୍ଜର ଇନଷ୍ଟଲ କରୁଛନ୍ତି, ଯାହା ବାହାରେ ଗାଡ଼ି ଚାର୍ଜ କରିବା ଜନିତ ଖର୍ଚ୍ଚରୁ ବଞ୍ଚାଉଛି। ଏହାଦ୍ୱାରା ବ୍ୟାଟେରି ମଧ୍ୟ ଅଧିକ ସମୟ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇପାରୁଛି।

ଏ ଦିଗରେ ଆମେ ଅଧିକରୁ ଅଧିକ ଟେକ୍ନୋଲୋଜିର ସହାୟତା ନେଇପାରିବା। ସ୍ମାର୍ଟ ମିଟର, ପ୍ୟାନେଲ, ଥର୍ମୋଷ୍ଟାର ଆଦି କେଉଁ ଜିନିଷ କେତେ ବିଦ୍ୟୁତ ଖର୍ଚ୍ଚ କରୁଛି ଏବଂ ଏ ବାବଦରେ ଘରର ମୋଟ ଖର୍ଚ୍ଚ ଆମକୁ ଜଣାଇପାରିବ। ଏହାଦ୍ୱାରା ସମ୍ପୃକ୍ତ ବ୍ୟକ୍ତି କେଉଁ ସମୟରେ ଗାଡ଼ି ଚାର୍ଜ କରିବା ଭଳି କାର୍ଯ୍ୟରେ ବିଦ୍ୟୁତ ଖର୍ଚ୍ଚ କରିପାରିବେ ତାହା ଜାଣିପାରିବେ। ପାୱାର ଗ୍ରୀଡ଼ରୁ ବିଦ୍ୟୁତ କିଣିବା ପରିବର୍ତ୍ତେ ଘର ଛାତରେ ସୋଲାର ପ୍ୟାନେଲ ଇନଷ୍ଟଲ କରି ସେଥିରୁ ଉତ୍ପନ୍ନ ଶକ୍ତି ଖର୍ଚ୍ଚ ହେବ। ଘରେ ବଗିଚା ସୃଷ୍ଟି କରିବା ଏକ ସର୍ବୋତ୍ତମ ମାଧ୍ୟମ। ଘର ଭିତରେ ମଧ୍ୟ ସ୍ନାଇଡର ପ୍ଲାଣ୍ଟ, ଆଲୋଭେରା ଭଳି ଅମ୍ଳଜାନ ସୃଷ୍ଟିକାରୀ ଗଛ ଲଗାଇପାରିବା।

-ପୂର୍ବତନ ସମ୍ପାଦକ, ଶ୍ରୀସତ୍ୟସାଇ ବିଦ୍ୟାଳୟ, କଳାବିକାଶ କେନ୍ଦ୍ର ମାର୍ଗ, କଟକ, ଦୂରଭାଷ : ୭୦୦୮୧୮୧୮୨୦




## ମହାପ୍ରଭୁଙ୍କ ଶୁଭବେଳା ଜଣାନ୍ତି ଖୁରି ନାୟକ



ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ପୂର୍ଣ୍ଣଚନ୍ଦ୍ର ଗୋଚ୍ଛିକାର କୁହନ୍ତି, ଶ୍ରୀମନ୍ଦିର ଜ୍ୟୋତିଷଙ୍କୁ ଖୁରି ନାୟକ ସେବକ ବୋଲି କୁହାଯାଏ। ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ, ଖୁରି ନାୟକଙ୍କର ପ୍ରତିଦିନ ସେବା ରହିଛି। ୩୬୫ ଦିନର ସେବା କରନ୍ତି ସେ। ପରମ୍ପରା ଅନୁଯାୟୀ ପ୍ରତିଦିନ ମହାପ୍ରଭୁଙ୍କ ଅବକାଶ ସମୟରେ ଖୁରି ନାୟକ ସେବକ ବଡ଼ଦେଉଳ ଭିତରକୁ ଯାଆନ୍ତି। ବଡ଼ଦେଉଳ ଭିତରେ ପହଞ୍ଚି ବଲ୍ଲଭ ପୂଜା ନିକଟରେ ପାଞ୍ଜି ଦେଖି ମହାପ୍ରଭୁଙ୍କ ରାଶି ନକ୍ଷତ୍ର (ବଡ଼ ଠାକୁର ଶ୍ରୀବଳଭଦ୍ରଙ୍କର ଶ୍ରବଣ ମକର, ଶ୍ରୀଜଗନ୍ନାଥଙ୍କର ରୋହିଣୀ ବୃଷ, ଦେବୀ ସୁଭଦ୍ରାଙ୍କର ଜ୍ୟେଷ୍ଠା ବିଛା) ପାଠ କରନ୍ତି। ମଣିମା ଏହି ରାଶି ନକ୍ଷତ୍ରର ଆଜି ଶୁଭ ବେଳା ଓ



ଅଶୁଭ ବେଳା ମଧ୍ୟ କହନ୍ତି। ଆଜି ଘାତ ଚନ୍ଦ୍ର ଅଛି କି ନାହିଁ ତାହା ମଧ୍ୟ ପଢ଼ନ୍ତି। ପୂର୍ବରୁ ଏହି ସେବକଙ୍କର ନବକଳେବରରେ ମଧ୍ୟ ଭୂମିକା ରହିଥିଲା। ୧୯୧୨ ମସିହାର ନବକଳେବର ହୋଇଥିଲା। ସେହି ନବକଳେବର ସମୟରେ ହଜାର ହଜାର ତୀର୍ଥଯାତ୍ରୀ ପହଞ୍ଚିଥିଲେ। ନବକଳେବରର ସୁରୁଖୁରୁରେ ସରିଥିଲା। ସେହି ନବକଳେବର ସମ୍ପର୍କରେ ମହାମୋହପାଧ୍ୟାୟ ପଣ୍ଡିତ ଜଗନ୍ନାଥ ମିଶ୍ରଙ୍କ ଖଣ୍ଡକାବ୍ୟ ନବକଳେବର ଷଡ଼ଶୀତିରେ ବିଷଦ୍ ଭାବେ ଲେଖାଯାଇଛି। ଏହି ଖଣ୍ଡକାବ୍ୟଟି ୮୬ଟି ସଂସ୍କୃତ ଶ୍ଳୋକରେ ରଚିତ ହୋଇଛି। ଏଥିରେ ସେହି ବର୍ଷ ନବକଳେବରର ସମସ୍ତ ବିବରଣୀ ସ୍ଥାନ ପାଇଛି। ସେତେବେଳେ ଗଜପତି ଥିଲେ ଶ୍ରୀମୁକୁନ୍ଦ ଦେବ। ମନ୍ଦିର ପରିଚାଳକ ଥିଲେ ରାଜକିଶୋର ଦାସ।

ଏହି ଗ୍ରନ୍ଥର ଶ୍ଳୋକରୁ ସେହି ବର୍ଷ ନବକଳେବର ସମ୍ପର୍କରେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ଗବେଷଣା ଅଧିକାରୀ ଡ.ସୁରେନ୍ଦ୍ର ମିଶ୍ର କୁହନ୍ତି, ସେହିବର୍ଷ ନବକଳେବର ନୀତି ଆରମ୍ଭ ହୋଇଥିଲା। ନବକଳେବରର ଆଦ୍ୟପର୍ବ ବନଯାଗ ଯାତ୍ରା କେବେ ହେବ ଓ ବନଯାଗ ଯାତ୍ରା ଆରମ୍ଭ ବେଳେ ମହାପ୍ରଭୁଙ୍କ ରାଶି ନକ୍ଷତ୍ର କ'ଣ ରହିଛି, ଏହି ଯାତ୍ରା ଠିକ୍ ଭାବେ ହେବ କି ନାହିଁ ତାହା ଜାଣିବା ପାଇଁ ଶ୍ରୀମନ୍ଦିର ଜ୍ୟୋତିଷଙ୍କ ପରାମର୍ଶ ନିଆଯାଇଥିଲା। ସେ ମହାପ୍ରଭୁଙ୍କ ରାଶି, ନକ୍ଷତ୍ର ଦେଖି ଯେଉଁ ସମୟ କହିଥିଲେ ସେହି ସମୟରେ ବନଯାଗ ଯାତ୍ରା ଆରମ୍ଭ ହୋଇଥିଲା। ସେ ବର୍ଷ ଶ୍ରୀମନ୍ଦିର ଜ୍ୟୋତିଷଙ୍କ ପରାମର୍ଶରେ ବନଯାଗ ବିଧି ଆରମ୍ଭ ହୋଇ ଦଇତାପତିମାନେ ଦାରୁ ଅନ୍ୱେଷଣ ପାଇଁ ପ୍ରାଚୀ ନଦୀ କୂଳକୁ ଯାଇଥିଲେ। ଶାସ୍ତ୍ରୀୟ ମର୍ଯ୍ୟାଦା ଓ ଦଇତାପତିଙ୍କ କୌଳିକ ପରମ୍ପରା ଅନୁଯାୟୀ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦାରୁର ସନ୍ଧାନ ମିଳିଥିଲା। ବୈଦିକ ବିଧି ଅନୁଯାୟୀ ଦାରୁ ଛେଦନ ହୋଇଥିଲା ଓ କ୍ରମାନ୍ୱୟରେ ଶ୍ରୀକ୍ଷେତ୍ରକୁ ଅଣାଯାଇଥିଲା। ସ୍ନାନ ପୂର୍ଣ୍ଣିମୀ ପରେ ପରେ ସଠିକ୍ ଲଗ୍ନ ଓ ମାହେନ୍ଦ୍ର ବେଳା ଦେଖି ଶ୍ରୀମନ୍ଦିର ଜ୍ୟୋତିଷ ପରାମର୍ଶ ଦେବାପରେ ଅଧିବାସ କର୍ମ ଆରମ୍ଭ ହୋଇଥିଲା। ପ୍ରକାଶ ଥାଉ କି ଘଟ ପରିବର୍ତ୍ତନ ପ୍ରକ୍ରିୟାର ଅଧିବାସ ହେଉଛି ମୁଖ୍ୟ କର୍ମ। ସେହିବର୍ଷ ଏହି ଅଧିବାସ କର୍ମରେ ମାହାରୀମାନେ ନୃତ୍ୟ ପ୍ରଦର୍ଶନ କରିଥିଲେ। (ଶ୍ଳୋକ-୨୫) ଅଧିବାସ କର୍ମରେ ଗଜପତି ମହାରାଜାଙ୍କ ପକ୍ଷରୁ ରାଜଗୁରୁ ପ୍ରତିନିଧିତ୍ୱ କରିଥାନ୍ତି। ରାଜଗୁରୁ ଓ ଅନ୍ୟାନ୍ୟ ସେବକମାନଙ୍କ ଦ୍ୱାରା ଏହି କର୍ମ ସମ୍ପନ୍ନ କରାଇବା ହେଉଛି ମୁଖ୍ୟ କାର୍ଯ୍ୟ। ଅଧିବାସର ୧୪ଦିନ ସେହି ବର୍ଷ ଘଟ ପରିବର୍ତ୍ତନ ହୋଇଥିଲା। ଘଟ ପରିବର୍ତ୍ତନ ପରେ ତାହାଙ୍କୁ ପାତାଳୀ ଦିଆଯାଇଥିଲା। ସେହିବର୍ଷ ନବଯୌବନ ଦର୍ଶନ ହୋଇପାରିନଥିଲା। କୌଣସି ଅଘଟଣ ନଘଟି ରଥଯାତ୍ରାରେ ରଥଗୁଡ଼ିକ ଗୁଣ୍ଡିଚା ମନ୍ଦିରରେ ପହଞ୍ଚିଥିଲା। ଏହି ଖଣ୍ଡକାବ୍ୟରୁ ଜଣାଯାଏଯେ, ବଡ଼ଦାଣ୍ଡରେ ସର୍ବଭାରତୀୟ ସ୍ତରର ଆଖଡ଼ା ଓ ପ୍ରସିଦ୍ଧ ମଠ ମାନଙ୍କରେ ସେ ବର୍ଷ ଡେରା ପଡ଼ିଥିଲା। ଏହି ଡେରାଗୁଡ଼ିକରେ ସାଧାରଣରେ ଧର୍ମଚର୍ଚ୍ଚା, ଶାସ୍ତ୍ରାର୍ଥ, ସଂକୀର୍ତ୍ତନ ଚାଲିଥିଲା। ଡେରାଗୁଡ଼ିକରେ ଅତିଥି ଓ ତୀର୍ଥଯାତ୍ରୀମାନଙ୍କୁ ମାଗଣାରେ ମହାପ୍ରସାଦ ଦିଆଯାଉଥିଲା। ସେହି ବର୍ଷ ଶ୍ରୀସମ୍ପ୍ରଦାୟ ବା ରମାନୁଜାଚାର୍ଯ୍ୟଙ୍କ ସମ୍ପ୍ରଦାୟର ବିଖ୍ୟାତ ପଣ୍ଡିତ ଅନନ୍ତ ଆଚାର୍ଯ୍ୟ କାଞ୍ଚିପୁରମରୁ ଆସି ସଭାପତି ରୂପେ ନବକଳେବର ସେବା କରିଥିଲେ।

**ବିପିନବିହାରୀ ରାଉତ**, ଶ୍ରୀବିହାର କଲୋନୀ, କଟକ, ଦୂରଭାଷ: ୯୪୩୭୬୬୬୪୫୩, E-mail : bipinrout@rediffmail.com

## ‘ଶରଦ ରାସ’ ପୁସ୍ତକ ଉନ୍ମୋଚିତ



ଭୁବନେଶ୍ୱର (ପିଏନ୍): କାର୍ତ୍ତିକ ମାସ ପଞ୍ଚକ ସମୟରେ ରାସୋତ୍ସବରେ ପାଠ କରାଯାଉଥିବା ଶରଦ ରାସ, ପଞ୍ଚାଧ୍ୟାୟୀ ପୁସ୍ତକକୁ ‘ସମ୍ବାଦ’ର ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ସୌମ୍ୟରଂଜନ ପଟ୍ଟନାୟକ ଉନ୍ମୋଚନ କରିଛନ୍ତି । ଏହି ପୁସ୍ତକ ୧୯୧୨ ମସିହାରେ ସ୍ୱର୍ଗତଃ ଲିଙ୍ଗରାଜ ଦାଶ ଓ ସ୍ୱର୍ଗତଃ କୃତ୍ତିବାସ ଦାଶଙ୍କ ସହାୟତାରେ ତାଳପତ୍ରରେ ପ୍ରଥମେ ଓ ୧୯୩୬ ମସିହାରେ ସ୍ୱର୍ଗତଃ ଚିନ୍ତାମଣି ଦାଶଙ୍କ ଦ୍ୱାରା ପୁଣି ଥରେ ତାଳପତ୍ରରେ ପୋଥି ଭାବରେ ଲେଖାଯାଇଥିଲା । ଧିରେ ଧିରେ ତାଳପତ୍ର ନଷ୍ଟ ହେବା ପୂର୍ବରୁ ୨୦୧୧ ମସିହାରେ ଧ୍ରୁବଚରଣ ଦାଶଙ୍କ ଦ୍ୱାରା ଏହି ପୋଥି କାଗଜ କଲମକୁ ଆସି ଏକ ଡାଇରିରେ ଲିପିବଦ୍ଧ ହୋଇ ଅନୁଗୋଳ ଜିଲ୍ଲା ତଳମୂଳ ନୂଆଁସାହି ଗ୍ରାମରେ ଅନୁଷ୍ଠିତ ରାସୋତ୍ସବରେ ପାଠ କରାଯାଉଥିଲା । ୨୦୧୩ ମସିହାରେ ପ୍ରଥମ ଥର ପାଇଁ ଓ ଆଜି ୨୦୨୨ ମସିହାରେ ଦ୍ୱିତୀୟ ଥର ପାଇଁ ପ୍ରକାଶକ ଭ୍ରମରବର ଦାଶଙ୍କ ଦ୍ୱାରା ଏହା ପ୍ରକାଶିତ ହୋଇ ପୁସ୍ତକରେ ପରିଣତ ହୋଇ ପାରିଛି । ପୁସ୍ତକ ଉନ୍ମୋଚକ ଶ୍ରୀଯୁକ୍ତ ପଟ୍ଟନାୟକଙ୍କ ସହିତ ପ୍ରକାଶକ ଭ୍ରମରବର ଦାଶ, ସଂକଳକ ଧ୍ରୁବ ଚରଣ ଦାଶ, ନିରଂଜନ ଦାଶ, ସୁରେଶ ନାଥ ଓ ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିକ୍ଷାଞ୍ଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ଉପସ୍ଥିତ ଥିଲେ ।

## ନବ ନିର୍ମାଣ କୃଷକ ସଙ୍ଗଠନର ଆନ୍ଦୋଳନ ପାଇଁ ପ୍ରସ୍ତୁତି ବୈଠକ



ଖୋର୍ଦ୍ଧା (ପିଏନ)- ଆସନ୍ତା ଅକ୍ଟୋବର ମାସ ୧୪ ତାରିଖରେ ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଭୁବନେଶ୍ୱରସ୍ଥିତ ଲୋୟର ପିଏମଜି ଛକଠାରେ ବିଶାଳ ଚାଷୀ ସମାବେଶର ଆୟୋଜନ କରାଯାଇଛି । ଏହାକୁ ଦୃଷ୍ଟିରେ ରଖି ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ବେଗୁନିଆ ସଦର ମହକୁମା ନିକଟସ୍ଥ ମା ବରମୂଳେଇ ପୀଠରେ ଏକ ପ୍ରସ୍ତୁତି ବୈଠକର ଆୟୋଜନ କରାଯାଇଥିଲା । ଏ ନେଇ ସମାଜସେବୀ ନବକିଶୋର ବିଧାରଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ନବ ନିର୍ମାଣ କୃଷକ ସଙ୍ଗଠନର ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ ମୁଖ୍ୟ ଅତିଥି, ରାଜ୍ୟ ଛାତ୍ର ସଂଯୋଜକ ଡଃ ମନୋହର ଅଲ୍ଲୀ, ଜିଲ୍ଲା ସଂଯୋଜକ ସୁରେଶ କୁମାର ମାନସିଂହ, ବ୍ଲକ ସଂଯୋଜକ ମଦନ କୁମାର ସାହୁ, ଜୟନ୍ତ କୁମାର ତ୍ରିପାଠୀ ଓ ସହସଂଯୋଜକ କାହ୍ନୁଚରଣ ବେହେରା ପ୍ରମୁଖ ଯୋଗଦେଇ କୃଷକ ସଙ୍ଗଠନ ଚାଷୀଙ୍କୁ ପେନସନ, ଉତ୍ପାଦିତ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ଓ ତୈଳଜାତ ଦ୍ରବ୍ୟର ଦରଦାମ ବୃଦ୍ଧି ସମେତ ବିଭିନ୍ନ ଦାବୀକୁ ନେଇ ସର୍ବଦା ଆନ୍ଦୋଳନ କରି ଆସୁଥିବାବେଳେ ରାଜ୍ୟ ସରକାର ବୈମାତୃକ ମନୋଭାବ ପୋଷଣ କରିଥିବାରୁ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ଚେତାବନୀ ଦେଇଛନ୍ତି । ଆସନ୍ତା ମାସରେ ଏହି ଆନ୍ଦୋଳନରେ ପ୍ରତ୍ୟେକ ପଂଚାୟତରୁ ଶହେରୁ ଉର୍ଦ୍ଧ୍ୱ ଚାଷୀଙ୍କୁ ଏକତ୍ର କରି ଭୁବନେଶ୍ୱର ସ୍ଥିତ ଚାଷୀ ସମାବେଶରେ ଯୋଗଦେବା ପାଇଁ ଆହ୍ୱାନ ଦେଇଥିଲେ ।

## ୨୨ରେ ପିସିସି ସଭାପତିଙ୍କ ରାଉରକେଲା ଗସ୍ତ

ରାଉରକେଲା (ପିଏନ୍): ଆସନ୍ତା ୨୨ ତାରିଖ ବୁଧବାର ଦିନ ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଶରତ ପଟ୍ଟନାୟକ ଦିନିକିଆ ରାଉରକେଲା ଗସ୍ତରେ ଆସୁଛନ୍ତି । ଏହି ଅବସରରେ ଶ୍ରୀ ପଟ୍ଟନାୟକଙ୍କୁ ଜିଲ୍ଲା କଂଗ୍ରେସ ତରଫରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯିବା ସହିତ ଜିଲ୍ଲା କଂଗ୍ରେସ ସମ୍ମୁଖସ୍ଥ ପଡିଆରେ ଶ୍ରୀ ପଟ୍ଟନାୟକ ଉପସ୍ଥିତ କଂଗ୍ରେସ କର୍ମୀ ଓ ସାଧାରଣଙ୍କୁ ସମ୍ବୋଧନ କରିବେ । ଏହି କାର୍ଯ୍ୟକ୍ରମ ଜିଲ୍ଲା କଂଗ୍ରେସର ଅନ୍ତରୀଣ ସଭାପତି ଦେବବ୍ରତ ବିହାରୀଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ପ୍ରସ୍ତୁତି ବୈଠକରେ କଂଗ୍ରେସର ବରିଷ୍ଠ ନେତୃବୃନ୍ଦ ତଥା କର୍ମକର୍ତ୍ତାମାନେ ଉପସ୍ଥିତ ରହି ସଭାପତିଙ୍କ ଗସ୍ତକୁ ସଫଳ କରିବା ପାଇଁ ବିଭିନ୍ନ ପ୍ରସ୍ତାବ ଦେଇଥିଲେ । ଉକ୍ତଦିନ ସକାଳେ ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ପଟ୍ଟନାୟକ ପାନପୋଷ ଠାରେ ପହଞ୍ଚିବା ପରେ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇ ଏକ ବିଶାଳ ମୋଟର ସାଇକେଲ୍ ଶୋଭାଯାତ୍ରାରେ କଂଗ୍ରେସ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପାଛୋଟି ନିଆଯିବ । କଂଗ୍ରେସ କାର୍ଯ୍ୟାଳୟଠାରେ ପହଞ୍ଚିବା ପରେ ଶ୍ରୀ ପଟ୍ଟନାୟକ ଉପସ୍ଥିତ ଜନସମୁଦାୟକୁ ସମ୍ବୋଧନ କରିବେ ବୋଲି ଆଜିର ବୈଠକରେ ନିଷ୍ପତ୍ତି ହୋଇଥିଲା । ଏହି ବୈଠକରେ ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ବିରେନ ସେନାପତି ଓ ପ୍ରଶାନ୍ତ ସେଠୀ, ପିସିସି ସାଧାରଣ ସମ୍ପାଦକ ରବି ରାୟ, ପିସିସି ସଭ୍ୟ ରାମାନନ୍ଦ ଶ୍ରୀଚନ୍ଦନ ଓ ପ୍ରଭାତୀ ମିଶ୍ର, ପିସିସିର ପୂର୍ବତନ ସମ୍ପାଦକ ସବୀର ହୁସେନ, ଗଣେଶ ପ୍ରଧାନ ଓ ରଶ୍ମୀରଂଜନ ପାଢ଼ୀ, ଜିଲ୍ଲା କଂଗ୍ରେସ ଉପସଭାପତି ସନ୍ତୋଷ ବିଶ୍ୱାଳ, ଉମେଶ ଶରଣ, ଶୋଭା ସିଂହ ଓ କୀର୍ତ୍ତନ ଦାସ, ସାଧାରଣ ସମ୍ପାଦକ ସରୋଜ ଲେଙ୍କା, ତୁଳସୀ ନାଗ, ଏସ୍‌ସି ସେଲ୍ ରାଜ୍ୟ ଆବାହକ ଗଜେନ୍ଦ୍ର ତନ୍ତୀ, ମହିଳା ସଭାନେତ୍ରୀ ନିରୂପମା ବଳିୟାରସିଂ, ଯୁବ ସଭାପତି ଜ୍ଞାନେନ୍ଦ୍ର ଦାସ, ଏସ୍‌ସି ସେଲ୍ ଅଧକ୍ଷ ବିନୋଦ ତନ୍ତୀ, କାର୍ଯ୍ୟନିର୍ବାହୀ ସଦସ୍ୟ ଭାସ୍କର ଖିଲ୍ଲାର, ବ୍ଲକ୍ ସଭାପତି ପ୍ରଦ୍ୟୁମ୍ନ ଷଡଙ୍ଗୀ ଓ ରଘୁନାଥ ଦାସ, ବରିଷ୍ଠ ନେତା ବି.ଏନ୍. ମହାନ୍ତି ଓ ଇନ୍ଦ୍ରମୋହନ ପଣ୍ଡା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ଗସ୍ତ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ବିଭିନ୍ନ ପ୍ରସ୍ତାବ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଓବିସିର ରାଷ୍ଟ୍ରୀୟ ସହସଂଯୋଜକ କୈଳାସ ସାହୁ, ରାଜ୍ୟ ମହିଳା ସମ୍ପାଦିକ ଲତା ନାୟକ, ଜିଲ୍ଲା ସାଧାରଣ ସମ୍ପାଦକ ରାଜେଶ ଟପ୍ପୋ, ଫିସରମ୍ୟାନ କଂଗ୍ରେସ ଅଧକ୍ଷ ସିଦ୍ଧେଶ୍ୱର ମଲ୍ଲିକ, ଓବିସି ଅଧକ୍ଷ ତ୍ରୈଲୋଚନ ସାହୁ, ପୂର୍ବତନ ସାଧାରଣ ସମ୍ପାଦକ ବନମାଳୀ ବିଶୋୟୀ, ମୁଖପାତ୍ର ଇଂ. ଆର୍.ପି. ସିଂହ, ସମ୍ପାଦକ ସୁନୀଲ ସିଂହ, ପ୍ରତିମା ପାଣିଗ୍ରାହୀ, ବିପିନ ଠାକୁର, ଦିଲ୍ଲୀପ ଜେନା, ସେକ ହୁସେନ, ବିଶ୍ୱଭୂଷଣ ସର, ବିଶ୍ୱରଂଜନ ରାଉତ, ବିଶ୍ୱଜିତ ସାହୁ, ଗୀତା ସିଂହ, ପ୍ରଦୀପ ବେହେରା, ସେବାଦଳର ବୁଲୁ ଦାସ, କୁଅଁର ସିଂହ, ରେହେମାନ ଖାନ, ରୁକସାନା ବେଗମ, ଝୁନୁ ପଟ୍ଟନାୟକ, ବ୍ଲକ୍ ସଭାପତି ବିଜୟ ଆପଟ, ଶ୍ୟାମେନ୍ଦ୍ର ମାହାତୋ, ଅମୀତ ବାରା ପ୍ରମୁଖଙ୍କ ସମେତ ଶତାଧିକ ଦଳୀୟ କର୍ମକର୍ତ୍ତା ଏହି ପ୍ରସ୍ତୁତି ବୈଠକରେ ଅଂଶଗ୍ରହଣ କରିଥିଲେ ବୋଲି ଦଳ ତରଫରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି ।

## ନବବଧୂକୁ ହତ୍ୟା କରି ଝୁଲାଇ ଦେଲେ ଶାଶୁଘର ଲୋକ

ଖୋର୍ଦ୍ଧା (ପିଏନ)- ବେଗୁନିଆ ଥାନା ଅନ୍ତର୍ଗତ ବାରବାଟୀ ଗ୍ରାମର ଜଣେ ନବବଧୂକୁ ଘରେ ଝୁଲନ୍ତା ଅବସ୍ଥାରେ ପୋଲିସ ଉଦ୍ଧାର କରି ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟକୁ ଶବ ବ୍ୟବଚ୍ଛେଦ ନିମନ୍ତେ ପଠାଇଥିବା ବେଳେ ସାଇଂଟିଫିକ ଟିମ ପହଂଚି ତଦନ୍ତ କରୁଛି । ଏ ନେଇ ଝିଅର ବାପା ପୂର୍ଣ୍ଣଚନ୍ଦ୍ର ପାଟ୍ଟଶାଣୀ ପୋଲିସ ନିକଟରେ ଲିଖିତ ଭାବରେ ଝିଅକୁ ଶାଶୁଘର ଲୋକମାନେ ଯୌତୁକଜନିତ ହତ୍ୟା ଅଭିଯୋଗ ଆଣିଥିବା ବେଳେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହତ୍ୟା ନା ଆତ୍ମହତ୍ୟା ଜଣାପଡିବ । ଝିଅର ବାପା ଅଭିଯୋଗ ମୁତାବକ ଉପେନ୍ଦ୍ର ଛୁଆଳସିଂହଙ୍କ ପୁଅ ସନ୍ତୋଷ ୨୦୨୧ ମସିହା ଜୁଲାଇ ମାସ ୭ ତାରିଖରେ ପୁରୀ ଜିଲ୍ଲା ଗଡଶାଗୋଦା ଥାନା ଅନ୍ତର୍ଗତ ସିରିଆପଡା ଗ୍ରାମର ପୂର୍ଣ୍ଣଚନ୍ଦ୍ର ପାଟ୍ଟଶାଣୀଙ୍କ ଝିଅ ଶୁଭଲକ୍ଷ୍ମୀ ଓରଫ (ଲିପି) (୩୦)କୁ ବୈଦିକ ରିତିନୀତି ଅନୁଯାୟୀ ମନ୍ଦିରରେ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଏହି ବିବାହ ସମୟରେ ଯୌତୁକ ବାବଦକୁ ମୋଟ ୫ ଲକ୍ଷ ଟଙ୍କା ଦେବା ପାଇଁ ସ୍ଥିର ହୋଇଥିବା ବେଳେ ଆର୍ଥିକ ପରିସ୍ଥିତିର ସମ୍ମୁଖୀନ ହୋଇ ୨ ଲକ୍ଷ ୯୦ ହଜାର ଟଙ୍କା ଦେଇଥିବା ବେଳେ ପରେ ଅବଶିଷ୍ଟ ଟଙ୍କା ଦେବା ପାଇଁ କହିଥିଲେ। ଲିପିର ବିବାହ କରିବାର ତିନିମାସ ସୁଖରେ ଅତିବାହିତ କରିବା ପରେ ଯୌତୁକ ବାବଦକୁ ଅବଶିଷ୍ଟ ବକେୟା ଅର୍ଥ ଆଣିବାକୁ ସ୍ୱାମୀ ସନ୍ତୋଷ, ଶ୍ୱଶୁର ପୂର୍ଣ୍ଣଚନ୍ଦ୍ର ଓ ଶାଶୁ ଯତିନି ଶାରିରୀକ ଓ ମାନସିକ ନିର୍ଯ୍ୟାତନା ଦେବା ଆରମ୍ଭ କରି ଦେଇଥିଲେ। ଏପରିକି ମଧ୍ୟ ବିଭିନ୍ନ ସମୟରେ ପରିବାର ମଧ୍ୟରେ ମନୋମାଳିନ୍ୟ ଘଟିଥିବାରୁ ଚଳିତ ବର୍ଷ ସାବିତ୍ରୀ ଅମାବାସ୍ୟା ସମୟରେ ୧ ଲକ୍ଷ ୪୦ ହଜାର ଟଙ୍କା ଦେଇ ବୁଝାସୁଝା କରିଥିବା ଝିଅର ବାପା ଶ୍ରୀ ପାଟ୍ଟଶାଣୀ କହିଛନ୍ତି। ଆଉ ଅବଶିଷ୍ଟ ୫୦ ହଜାର ଟଙ୍କା ପାଇଁ ବାରମ୍ବାର ଝିଅ ଶୀଘ୍ର ଦେଇଦିଅ ନଚେତ ମୋତେ ମାରିଦେବେ ବୋଲି କହିଥିବା ବେଳେ ଗତ ୧୨ ତାରିଖରେ ଝିଅ ଆତ୍ମହତ୍ୟା କରିଦେଇଛି ବୋଲି ଶାଶୁ ଓ ଶ୍ୱଶୁର ଖବର ଦେଇଥିଲେ। ଏ ନେଇ ସ୍ୱାମୀ ସନ୍ତୋଷକୁ ଅଟକ ରଖିବା ସହ ଖୋର୍ଦ୍ଧା ଜିଲ୍ଲା ଆରକ୍ଷୀ ଉପଖଣ୍ଡ କାର୍ଯ୍ୟାଳୟ ଅଧିକାରୀ ଦିଲ୍ଲୀପ କୁମାର ଦାସ ଓ ବେଗୁନିଆ ଥାନା ଅଧିକାରୀ ଲକ୍ଷ୍ମୀପ୍ରସାଦ ଶତପଥି ପହଂଚି ଘଟଣାର ତଦନ୍ତ କରିବା ସହ ୨୨୦/୨୨ରେ ଦଫା ୪୯୮(କ) ୩୦୨, ୩୦୪ (ଖ) ୩୪ ଆଇପିସି ଓ ଯୌତୁକଜନିତ ନିରୋଧ ଧାରା ୪ ଡିପି ଆକ୍ଟରେ ମାମଲା ରୁଜୁ କରାଯାଇଛି ।

### କଳାପଥର ବୋଝେଇ ହାଇୱା ଜବତ

ଧର୍ମଶାଳା (ପିଏନ): ଜାରକା ଶିକ୍ଷାଞ୍ଚଳ ରାସ୍ତାର ଧର୍ମଶାଳା ମହାବିଦ୍ୟାଳୟ ନିକଟରୁ ବନବିଭାଗ ଭିଜିଲାନ୍ସ ପକ୍ଷରୁ ଏକ କଳାପଥର ବୋଝେଇ ଟାଟା ହାଇୱା ଗାଡ଼ିକୁ ଜବତ କରାଯାଇଛି । କଳାପଥର ପରିବହନ ପାଇଁ ଆବଶ୍ୟକ କାଗଜପତ୍ର ଦେଖାଇ ନପାରିବାରୁ ଉକ୍ତ ହାଇୱା(ଓଡ଼ି ୦୪କ୍ୟୁ-୭୮୬୪)କୁ ଜବତ କରାଯାଇଥିବା ବିଭାଗ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି । ବେଆଇନ ଭାବେ ଚାଲାଣ ହେଉଥିବା ୪୯୪ ଘନଫୁଟ୍ କଳାପଥର ସହିତ ଉକ୍ତ ହାଇୱାର ମୂଲ୍ୟ ୨୫ଲକ୍ଷ ୨୪ହଜାର ଟଙ୍କା ହେବ ବୋଲି କୁହାଯାଇଛି । ସୂଚନା ଯୋଗ୍ୟ, ବନ ବିଭାଗ ଅଧିନ ଧର୍ମଶାଳା ତହସିଲର ବିଭିନ୍ନ ପାହାଡ଼ରୁ ବିପୁଳ ପରିମାଣର କଳାପଥର ଚୋରା ଚାଲାଣ ହେଉଥିବା ଅଭିଯୋଗ ହୋଇଆସୁଛି । ଏହି କଳା କାରବାରରେ ରାଜ୍ୟ ସରକାରଙ୍କ କୋଟି କୋଟି ଟଙ୍କାର ରାଜସ୍ୱହାନୀ ହେଉଥିବା ବେଳେ ପଥରମାଫିଆ ମାଲାମାଲ ହେଉଥିବା ଅଭିଯୋଗରେ ଦର୍ଶାଯାଇଛି ।

### ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେସନ୍ ପକ୍ଷରୁ ବନ୍ୟଜନ୍ତୁ ସୁରକ୍ଷା ଆଲୋଚନା ଚକ୍ର

ଭୁବନେଶ୍ୱର (ପିଏନ): ଅଗ୍ରଣୀ ସାମାଜିକ ସଂଗଠନ ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେସନ ପକ୍ଷରୁ ଭୁବନେଶ୍ୱରସ୍ଥ ଉତ୍କଳ ସାମ୍ବାଦିକ ସଂଘ ଭବନରେ ବନ୍ୟଜନ୍ତୁ ସୁରକ୍ଷା ସମ୍ପର୍କିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହି ଆଲୋଚନାରେ ଅଧ୍ୟକ୍ଷତା କରି ଅନୁଷ୍ଠାନର ଅଧ୍ୟକ୍ଷ ଡଃ ବିପିନ ବିହାରୀ ମିଶ୍ର କହିଥିଲେ ଯେ, ବନ୍ୟଜନ୍ତୁ ଆମ ପୃଥିବୀର ଅମୂଲ୍ୟ ସମ୍ପଦ । ଅନୁଷ୍ଠାନର ସମ୍ପାଦିକା ଡଃ ସୁକାନ୍ତୀ ମିଶ୍ର ଏଥିରେ ଭାଗ ନେଇ କହିଥିଲେ ଯେ, ପ୍ରକୃତିକୁ ରକ୍ଷାକରିବା ଆମମାନଙ୍କ କର୍ତ୍ତବ୍ୟ । ବନ୍ୟପ୍ରାଣୀ ଆମ ଜୀବନର ଅଙ୍ଗ ପରି । ଏଥିପାଇଁ ଯୁବକମାନେ ଆଗେଇ ଆସିବା ଉଚିତ ବୋଲି ଶ୍ରୀମତୀ ମିଶ୍ର କହିଥିଲେ । ଏହି ଆଲୋଚନାରେ ଭାଗ ନେଇ ଯୁବ ପରିବେଶବିତ୍ ଡ. ଲିଙ୍ଗରାଜ ସାହୁ କହିଥିଲେ ଯେ ପରିବେଶକୁ ସୁସ୍ଥ ରଖିବାରେ ବନ୍ୟଜନ୍ତୁଙ୍କ ଭୂମିକା ଅଧିକ । ଅଧୁନା ବ୍ୟାପକ ବୃକ୍ଷରୋପଣ ତଥା ଜଙ୍ଗଲ ସୁରକ୍ଷା ଦ୍ୱାରା ବନ୍ୟଜନ୍ତୁଙ୍କ ସୁରକ୍ଷା ହୋଇପାରିବ । ଏଥିପାଇଁ କେବଳ ଆଲୋଚନା ଓ ଜାଣି ଚୁପ୍ ବସିବା ନୁହେଁ ନିଜ ଆଡୁ ପାରୁ ପର୍ଯ୍ୟନ୍ତ ଉଦ୍ୟମ କରିବାକୁ ପଡ଼ିବ । ଅନ୍ୟମାନଙ୍କ ମଧ୍ୟରେ ଲାୟନ ବିପିନବିହାରୀ ନାୟକ, ଡଃ ଶିବପ୍ରସାଦ ବେହେରା, ଡଃ ଅଜୟ କୁମାର ସାହୁ, ମୁନା ପାଢ଼ୀ, ରବୀନ୍ଦ୍ରନାଥ ରାଉତରାୟ, ଗୋଲକବିହାରୀ ସିଂହ, ଦିବ୍ୟଜ୍ୟୋତି ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ବାଳକୃଷ୍ଣ ରାଉତ ଓ ମିଳନ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଏହି ଆଲୋଚନାଚକ୍ରରେ ବହୁ ପରିବେଶବିତ୍, କୃଷି ବିଜ୍ଞାନୀ, ଗବେଷକ, ଛାତ୍ରଛାତ୍ରୀ, ସାମାଜିକ ସଂଗଠନର କର୍ମକର୍ତ୍ତା ଯୋଗ ଦେଇଥିଲେ ।

## ଜୟଶ୍ରୀ ଦାସଙ୍କୁ ଶ୍ରେଷ୍ଠ ସାହିତ୍ୟିକା ଜ୍ୟୋତି ସମ୍ମାନ



ଭୁବନେଶ୍ୱର (ପିଏନ୍): ନାଗେଶ୍ୱର ଫିଲ୍ମ ପ୍ରଡ଼କ୍ସନ୍ ପକ୍ଷରୁ ସ୍ଥାନୀୟ ବୁଦ୍ଧମନ୍ଦିରଠାରେ ନାଗେଶ୍ୱର ସିନେ ସାହିତ୍ୟ ଆୱାର୍ଡ଼ - ୨୦୨୨ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ବେଦପାଠ ସହିତ ବିଭିନ୍ନ ଜିଲ୍ଲାରୁ ଆସିଥିବା କବିମାନେ ନିଜ ନିଜର ସ୍ୱରଚିତ କବିତା ପାଠ କରିଥିଲେ। ପ୍ରଯୋଜକ-ନିର୍ଦ୍ଦେଶକ ଅଶୋକ ଘଡ଼ିଆଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସାହିତ୍ୟିକ ରବିନାରାୟଣ ସେନାପତି, ବିଶିଷ୍ଟ ସାହିତ୍ୟିକା ଲେଖିକା ଡଃ ଶକୁନ୍ତଳା ବଳିୟାରସିଂହ, ସାହିତ୍ୟିକ ହରେକୃଷ୍ଣ ଦାଶ, ସୌଦାମିନୀ ସାମନ୍ତରା ପରିଚାଳିକା ଭାବେ ଉପସ୍ଥିତ ରହିବା ସହିତ ଅଧୁନା ସମୟରେ ସମାଜ ଗଠନରେ ସାହିତ୍ୟିକା ଓ ଲେଖିକାମାନଙ୍କ ବହୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବା ସହିତ ନୂତନ ସ୍ରଷ୍ଟାମାନଙ୍କୁ ଉକ୍ତ ଅନୁଷ୍ଠାନ ଆଗକୁ ଆଣିବା ବେଶ୍ ପ୍ରେରଣାଦାୟୀ ହୋଇପାରିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିବା ସହିତ ଓଡ଼ିଆ ଭାଷା, ସାହିତ୍ୟକୁ ସଠିକ୍ ଭାବରେ ବୁଝି ଜନକଲ୍ୟାଣରେ ଲଗାଇବା ପାଇଁ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ସାହିତ୍ୟିକା ଜୟଶ୍ରୀ ଦାଶ, ଦିବ୍ୟାଙ୍ଗ ସମାଜସେବିକା ନର୍ମଦା ବେହେରା, ସୁଧା ପଟ୍ଟନାୟକ, ଭାସ୍କର ବେଦାନ୍ତ ପ୍ରମୁଖଙ୍କୁ ଉପଢୌକନ ଓ ମାନପତ୍ର ଦେଇ ଅତିଥିମାନେ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମକୁ ସନ୍ଧ୍ୟା ପୃଷ୍ଟି ସଂଯୋଜନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ ସୁଧା ପଟ୍ଟନାୟକ।

### ମାଲକାନଗିରି ଓଟିଇଏଲପି ପ୍ଲସ୍ ପକ୍ଷରୁ ମେଗା ପ୍ରାଣୀ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ

ମାଲକାନଗିରି (ପିଏନ): ମାଲକାନଗିରି ଜିଲ୍ଲାରେ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଦ୍ୱାରା ପରିଚାଳିତ ଆଇଟିଡ଼ିଏ ସଂସ୍ଥା ପକ୍ଷରୁ ଓଟିଇଏଲପି ପ୍ଲସ୍ ପ୍ରକଳ୍ପ ଜରିଆରେ କାଲିମେଳା ବ୍ଲକର ଜାକାଲକୁଣ୍ଡି ଗ୍ରାମ ଓ ଖଇରପୁଟ ବ୍ଲକର ମାଡ଼କାପଦର ଗ୍ରାମରେ ମେଗା ପ୍ରାଣୀ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶତାଧିକରୁ ଉର୍ଦ୍ଧ୍ୱ ଗାଈ, ଛେଳି, ମେଣ୍ଢା, କୁକୁଡ଼ା ଓ ବତକଙ୍କୁ ଟିକାକରଣ ଓ ଭିଟାମିନ୍ ଔଷଧ ବଂଟନ କରିବା ସହିତ ବହୁ ଲୋକଙ୍କୁ ରୋଗ ଏବଂ ନିରାକରଣ ବିଷୟରେ ବୁଝାଯାଇଥିଲା। ଏହି ପ୍ରାଣୀ ସ୍ୱାସ୍ଥ୍ୟ ଶିବିରରେ କାଲିମେଳା ପ୍ରାଣୀଚିକିତ୍ସା କାର୍ଯ୍ୟାଳୟ ପକ୍ଷରୁ ବି.ଭି.ଓ ଡ଼କ୍ଟର ଜିତେନ୍ଦ୍ର କୁମାର ମହାନ୍ତି, ଭି.ଏ.ଏସ୍ ଡ଼କ୍ଟର ଜଶୋବନ୍ତ କୁମୁଟି, ଏଲ.ଆଇ କେତକି ନାୟକ, ଏଲ.ଆଇ ଶଙ୍କର ପରିଜା, ଏଲ.ଆଇ ବିଶ୍ୱଜିତ୍ ମଣ୍ଡଳ, ଏସ୍‌ଏଲଏନ୍‌ଡ଼ିଏସ୍ ସଂସ୍ଥା କାଲିମେଳା ଓ ପଡ଼ିଆ କ୍ଲଷ୍ଟରରୁ ଜୀବନଜୀବିକା ଅଧିକାରୀ କାଂଚନ ଦାସ ଯୋଗଦାନ କରିଥିଲେ। ସେହିପରି ଖଇରପୁଟ ବ୍ଲକ ପ୍ରାଣୀଚିକିତ୍ସା କାର୍ଯ୍ୟାଳୟ ପକ୍ଷରୁ ବି.ଭି.ଓ ଡ଼କ୍ଟର ତୁଷାର ମିଶ୍ର, ଡ଼କ୍ଟର ସୁଭମ୍ କୁମାର ପରିଡ଼ା ଓ ଖଇରପୁଟ କ୍ଲଷ୍ଟର ବିକାଶ ସଂସ୍ଥାର ପ୍ରମୁଖ ଅଧିକାରୀମାନେ ଯୋଗ ଦେଇ ସ୍ୱାସ୍ଥ୍ୟ ଶିବିରକୁ ସୂଚାରୁରୂପେ ଚଳାଇଥିଲେ। ଏହି ଦୁଇଟି ମେଗା ପ୍ରାଣୀ ସ୍ୱାସ୍ଥ୍ୟ ଶିବିରକୁ ଓଟିଇଏଲପି ପ୍ଲସ୍‌ର ପିଓସିବି ପ୍ରିୟବ୍ରତ ଖମାରି ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଡି.ଏ.ଭି. କଳିଙ୍ଗ ନଗରରେ ମେଧାବୀ ସମ୍ବର୍ଦ୍ଧନା



ଭୁବନେଶ୍ୱର (ପିଏନ)-ଡି.ଏ.ଭି. କଳିଙ୍ଗ ନଗର ପରିସରରେ ଶିକ୍ଷାବର୍ଷ ୨୦୨୧-୨୨ର ଦଶମ ଏବଂ ଦ୍ୱାଦଶ ଶ୍ରେଣୀର କୃତୀ ଛାତ୍ରଛାତ୍ରୀମାନଙ୍କୁ ଏକ ଭବ୍ୟ ସମ୍ବର୍ଦ୍ଧନା ଉତ୍ସବରେ ପୁରସ୍କୃତ କରାଯାଇଛି । ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟ ପରିସରରେ ଆୟୋଜିତ ଏକ ବର୍ଣ୍ଣାଢ୍ୟ ଉତ୍ସବରେ ଭୁବନେଶ୍ୱର ସ୍ଥିତ ଏମ୍‌ସର ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପରୀକ୍ଷାରେ ଦଶମ, ଦ୍ୱାଦଶ ବିଜ୍ଞାନ ଓ ବାଣିଜ୍ୟରେ ସର୍ବାଧିକ ନମ୍ବର ରଖି ଶୀର୍ଷସ୍ଥାନ ଅଧିକାର କରିଥିବା କୃତୀ ଛାତ୍ରଛାତ୍ରୀମାନଙ୍କୁ ପ୍ରମାଣପତ୍ର ଓ ଫଳକ ପ୍ରଦାନ କରି ସମ୍ବର୍ଦ୍ଧିତ କରିବା ସହ ଏକାଗ୍ରତାପୂର୍ବକ ବିଦ୍ୟାଧ୍ୟୟନ କଲେ ସଫଳତା ଅବଶ୍ୟମ୍ଭାବୀ ବୋଲି ମତବ୍ୟକ୍ତ କରିଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ଚେୟାରମ୍ୟାନ୍ ମଦନ ମୋହନ ପଣ୍ଡା, ଡି.ଏ.ଭି ଚନ୍ଦ୍ରଶେଖରପୁରର ଭାଇସ୍ ଚେୟାରମ୍ୟାନ ଶରତ ଚନ୍ଦ୍ର ମିଶ୍ର, ଡି.ଏ.ଭି ଅନୁଷ୍ଠାନ ସମୂହର ସହ ଆଞ୍ଚଳିକ ନିର୍ଦ୍ଦେଶିକା ଡ. ସୁଜାତା ଓ ଇପସିତା ଦାସ ପ୍ରମୁଖ ଉପସ୍ଥିତ ରହି ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ, ଏନ.ଟି.ଏସ.ଇ, ସର୍ବାଧିକ ବ୍ୟବଧାନ ଓ ବିଭିନ୍ନ ବିଷୟରେ ସର୍ବାଧିକ ନମ୍ବର ରଖିଥିବା କୃତୀ ଛାତ୍ରଛାତ୍ରୀ ମାନଙ୍କୁ ସମ୍ବର୍ଦ୍ଧିତ କରି ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । କାର୍ଯ୍ୟକ୍ରମର ଆରମ୍ଭରେ ପ୍ରଦୀପ ପ୍ରଜ୍ଜ୍ୱଳନ କରାଯାଇ ଉତ୍ସବର ଆନୁଷ୍ଠାନିକ ଉଦ୍‌ଘାଟନ କରାଯାଇଥିବାବେଳେ ବିଦ୍ୟାଳୟର ଅଧକ୍ଷ ବିପିନ କୁମାର ସାହୁ ପରୀକ୍ଷାରେ ବିଦ୍ୟାଳୟର ସଫଳତା ଉପରେ ଆଲୋକପାତ କରିଥିଲେ । ବିଦ୍ୟାଳୟର ପର୍ଯ୍ୟବେକ୍ଷକ ପର୍ଯ୍ୟବେକ୍ଷିକା ତଥା ଶିକ୍ଷକଶିକ୍ଷୟିତ୍ରୀ ମାନଙ୍କ ମିଳିତ ଉଦ୍ୟମରେ କାର୍ଯ୍ୟକ୍ରମଟି ସୂଚାରୁରୂପେ ସମ୍ପାଦିତ ହୋଇଥିଲା । ବିଦ୍ୟାଳୟର ଏହି ଉଦ୍ୟମକୁ ଅଭିଭାବକ ମହଲରେ ଉଚ୍ଚପ୍ରଶଂସା କରାଯାଇଛି ।


# DISPLAY CLASSIFIED

**FOR ADVERTISEMENT CONTACT**
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

**TARIFF:** 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

**ADMISSION ON**
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

**VED BHAWAN**
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Phagyan Communication

**ADMISSION ON**
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଶ୍ରୀକ୍ଷେତ୍ରରେ ଶୋଭାବର୍ଦ୍ଧନ କରୁଛି କାଶତଣ୍ଡି ଫୁଲ

ପୁରୀ,(ପି.ଏନ): ଆସୁଛି ପାର୍ବଣ ଋତୁ । ମାଆଙ୍କ ଅଗମନକୁ ସ୍ୱାଗତ କରୁଛି କାଶତଣ୍ଡି ଫୁଲ । ଶ୍ରୀକ୍ଷେତ୍ରର ଅନତି ଦୂରରେ ମଙ୍ଗଳାନଦୀ ଓ ମୂଷାନଦୀ ପଠାରେ ଝୁଲୁସି କାଶତଣ୍ଡି ଫୁଲ । ହରେକୃଷ୍ଣ ପୁର ଛକରୁ ବାଇପାସ ରୋଡ଼ ମଙ୍ଗଳାଘାଟ ଆସିବା ସମୟରେ ପର୍ଯ୍ୟଟକ ଓ ତୀର୍ଥଯାତ୍ରୀ କିଛି ସମୟ ଅଟକି ଯାଉଛନ୍ତି ସେହି ସ୍ଥାନରେ । ହଜାର ହଜାର ସଂଖ୍ୟାରେ କାଶତଣ୍ଡି ଫୁଲ ପଠାରେ ପବନ ସ୍ପର୍ଶରେ ଆନନ୍ଦରେ ଝୁଲୁଛି । ଶ୍ରୀକ୍ଷେତ୍ରର ଶୋଭାବର୍ଦ୍ଧନ କରୁଛି କାଶତଣ୍ଡି ଫୁଲ । ଅଳ୍ପ ଦୂରରୁ ଦୃଶ୍ୟମାନ ହେଉଛି ଶ୍ରୀମନ୍ଦିର । ଧରାପୃଷ୍ଠରେ ମାଆଙ୍କ ଆଗମନକୁ ସ୍ୱାଗତ କରୁଛି ଏହି କାଶତଣ୍ଡି ଫୁଲ । ପହଣ୍ଡି ପୂର୍ବରୁ ଓଲଟ ଚାମର ଝୁଲିବା ପରି ପାର୍ବଣ ପୂର୍ବରୁ କାଶତଣ୍ଡି ଫୁଲ ପ୍ରକୃତିର ଶୋଭାରେ ଝୁଲିବା ଦୃଶ୍ୟ ତୀର୍ଥଯାତ୍ରୀ ଓ ପର୍ଯ୍ୟଟକଙ୍କୁ ଆନମନା କରୁଛି । ମୟୁର ପୁଚ୍ଛ ପରି ବିଛାଡ଼ି ହୋଇଛି କାଶତଣ୍ଡି ଫୁଲ । ଶ୍ରୀମନ୍ଦିର ପୂର୍ବରୁ ସତେ ଯେମିତ ଧଳା ଗାଲିଚା ପଡ଼ିଛି ପ୍ରଭୁଙ୍କ ଦର୍ଶନ ପାଇଁ । ମାଆଙ୍କ ଆଗମନିକୁ ଅପେକ୍ଷା କରି କାଶତଣ୍ଡି ଫୁଲ ଆକାଶକୁ ଚାହିଁ ରହିଛି । କାଶତଣ୍ଡି ଫୁଲର ରଙ୍ଗ ବାସ୍ନା ନଥିଲେ ମଧ ତାର ରୂପର ସୌନ୍ଦର୍ଯ୍ୟରେ ପର୍ଯ୍ୟଟକ କିଛି ସମୟ ପାଇଁ ଚାହିଁ ରହୁଛି କାଶତଣ୍ଡି ଫୁଲକୁ ଚାହିଁ । ରୂପେଲି ଜହ୍ନ ରାତିରେ କାଶତଣ୍ଡି ଫୁଲ ଖିଲି ଖିଲି ହସୁଥିବା ସହ ଶ୍ରୀକ୍ଷେତ୍ରର ଶୋଭାକୁ ଦ୍ୱିଗୁଣିତ କରୁଛି । ଶ୍ରୀକ୍ଷେତ୍ର ପୁରୀ ସତେ ଯେମିତ ପାଲଟିଛି କାଶତଣ୍ଡି ଫୁଲର ମାୟାପୁରୀ ପରି । ପ୍ରକୃତି ଓ ପାର୍ବଣକୁ ସ୍ୱାଗତ କରୁଛି କାଶତଣ୍ଡି ଫୁଲ । ରାସ୍ତା କଡ଼ରେ ଯାଉଥିବା ବାଟୋଇ, ପଥିକ, ପର୍ଯ୍ୟଟକ, ତୀର୍ଥଯାତ୍ରୀ,କବି,କବୟିତ୍ରୀ, ସାମ୍ବାଦିକ, ଆଇନଜୀବୀ, ଭାବୁକ ଅଳ୍ପ ସମୟ ହେଲେ ମଧ ଆଖିରୁ ଆକାଶ ପର୍ଯ୍ୟନ୍ତ ଚାହିଁ ରହୁଥିବା ଦେଖିବାକୁ ମିଳୁଛି । ଧରାପୃଷ୍ଠକୁ ମାଆ ଆସିବେ ବୋଲି କାଶତଣ୍ଡି ପୂର୍ବ ପ୍ରସ୍ତୁତି ଅନୁଯାୟୀ ସ୍ୱାଗତ ମୁଦ୍ରାରେ ଫୁଟୁଛି । ଆଶ୍ୱିନ ମାସ ପ୍ରଥମ ସପ୍ତାହରେ କାଶତଣ୍ଡି ଫୁଲ ସମ୍ଭାର ସୃଷ୍ଟି ହେଉଛି । ସତେ ଯେମିତି ଶୀତ ଆସିଲାଣି ଧଳା ଚାଦର ବିଛେଇ ହେଲାଣି । ପବନର ତାଳେ ତାଳେ ତରଙ୍ଗାୟୀତ ହେଉଛି କାଶତଣ୍ଡି ଫୁଲ । ଶରତରେ ଧରଣୀ ରାଣୀ ଧୋବ ଫର ଫର ହେଲାଣି । ପ୍ରକୃତିର ବିଚିତ୍ର ଲୀଳା । କାଶତଣ୍ଡି ଫୁଲର ବାସ୍ନା ନାହିଁ ହେଲେ ସୌନ୍ଦର୍ଯ୍ୟର ବାସ୍ନାରେ କବି ହେଉଛି ଆନମନା । କଶତଣ୍ଡିର କିମିଆରେ ଅଭିମାନିନୀ ପ୍ରେମିକା କିଛି ସମୟ ଚିନ୍ତା ମଗ୍ନ ହୋଇପଡୁଥିବା ଦେଖିବାକୁ ମିଳୁଛି । ରାସ୍ତା କଡ଼ର ଦୂର ଦିଗବଳୟରେ ଧୀର ପବନରେ ଧୀରି ଧୀରି ଦୋହଲୁଛି କାଶତଣ୍ଡି । ରେଖା ପଞ୍ଚମୀରେ କାଶତଣ୍ଡିର ବେଣି ଘରେ ବାନ୍ଧିଲେ ବିଭିନ୍ନ ଅମଙ୍ଗଳ ଦୂର ହୁଏ ବୋଲି ଉତ୍କଳୀୟ ସଂସ୍କୃତିରେ ପରମ୍ପରା ରହିଛି । ସୁନେଲି ସକାଳର ପହିଲି କିରଣ ତଳେ ଧଳା ପୋଷାକ ପିନ୍ଧି ହସୁଛି କାଶତଣ୍ଡି ରାଣୀ । ପ୍ରକୃତିର ନୈସର୍ଗିକ ସମ୍ଭାରରେ ତୀର୍ଥଯାତୀ ଶ୍ରୀମନ୍ଦିର ଦର୍ଶନ ପୂର୍ବରୁ କାଶତଣ୍ଡିର ଶୋଭା ଦର୍ଶନ କରୁଛି । ଶ୍ରୀକ୍ଷେତ୍ରରେ କିମିଆ କରୁଛି କାଶତଣ୍ଡି । କାଶତଣ୍ଡି ଫୁଟିଲା ଧରଣୀ ହସିଲା । ଏହି କାଶତଣ୍ଡି ଫୁଲର ଶୋଭା କିଛି ଦିନ ପରେ ମଉଳି ଯିବ । ପୁଣି ଆରବରଷକୁ ଅପେକ୍ଷା ......ଏ ସମ୍ପର୍କରେ ମତାମତ ଦେଇ କବି,ଆଇନଜୀବୀ ଓ ସଂଗଠକ ଦିଗମ୍ବର ବେହେରା କହିଛନ୍ତି ଶାରଦୀୟ ସୁଷମାର ଶ୍ରୀଶୋଭା ଓ ସୌନ୍ଦର୍ଯ୍ୟକୁ ଶତ ଗୁଣ କରୁଥିବା ସୁ ମନର ଅନ୍ୟନାମ କାଶତଣ୍ଡି । ମା ନବଦୁର୍ଗାଙ୍କ ଧରିତ୍ରୀ ଆଗମନରେ ଶତଜିହ୍ୱ କାଶତଣ୍ଡି ନଇପଠା, ଜ୍ୱରବିଲ, ବନସ୍ତ, କେଦାର, କାନ୍ତାର ଓ ପ୍ରାନ୍ତରେ ମୃଦ ମଳୟ ବିତାନରେ ହଲି ଝୁଲି ଗାଉଥାଏ ଜୀବନ ସଙ୍ଗୀତ । କାଶତଣ୍ଡି କରୁଣାମୟୀ ଜନନୀ କାତ୍ୟାୟାନୀଙ୍କ କୃପାର ପସରା,କରୁଣାର କୀର୍ତିରାଜି,ସ୍ନେହର ସୁଶୀତଳ ଝର,ସହସ୍ର ଶୁଭାଶିଷର ସମୁଦ୍ର ଏବଂ ଦୟା ମାୟା ଓ ଛାୟାର ଅପରୂପ ତ୍ରିବେଣୀ ସମାରୋହ କାଶତଣ୍ଡି । କାଶତଣ୍ଡିର ଆଗମନିରେ ଧରା ହୁଏ ରାଧାମୟ । ରସା ହୁଏ ରସମୟ ଓ ଦୃଷ୍ଟି ହୁଏ ଦୁର୍ଗାମୟ ।

# ସଙ୍କଟ ମୋଚନ ମନ୍ଦିର ପୂର୍ଣ୍ଣ କୁମ୍ଭ ସ୍ଥାପନ ଓ ପ୍ରତିଷ୍ଠା ମହୋତ୍ସବ ନେଇ ପ୍ରସ୍ତୁତି ବୈଠକ

ବଲାଙ୍ଗିର,(ପି.ଏନ): ସଙ୍କଟ ମୋଚନ ମନ୍ଦିର ପୂର୍ଣ୍ଣ କୁମ୍ଭ ସ୍ଥାପନ ଓ ପ୍ରତିଷ୍ଠା ମହୋତ୍ସବ ନେଇ ଏକ ପ୍ରସ୍ତୁତି ବୈଠକ ସୁଦପଡା ସ୍ଥିତ ସଙ୍କଟମୋଚନ ଛକ ଠାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ମନ୍ଦିରର ପୂର୍ଣ୍ଣ କୁମ୍ଭ ସ୍ଥାପନ ଓ ପ୍ରତିଷ୍ଠା ମହୋତ୍ସବ ପାଳନ ନିମନ୍ତେ ବିଶେଷ ଭାବରେ ଆଲୋଚନା ହୋଇଥିଲା । ଏହି ମନ୍ଦିର ନିର୍ମାଣ ପାଇଁ ସ୍ୱର୍ଗତ ଘନଶ୍ୟାମ ହେର୍ଣ୍ଣା ଜମି ଦାନ କରିଥିଲେ । ଛକର ଚର୍ତୁପାଶ୍ୱର୍ସ୍ଥ ନିଳାଦ୍ରି ବିହାର, ବଜରଂଗ ନଗର, ପେପସି ଗୋଦାମ ଗଳି ଓ ଚଟିଆପଦର ପଡାର ସମସ୍ତ ବାସିନ୍ଦା ଏହି ସଭାରେ ଉପସ୍ଥିତ ଥିଲେ । ତିନି ଦିନ ଧରି ଏହି ମହୋତ୍ସବ କରିବାକୁ ସଭାରେ ନିଷ୍ପତି ଗ୍ରହଣ କରାଯାଇଥିଲା । ପ୍ରଥମ ଦିନ ଗେଟ ସରୋବର ପଡା ଠାରୁ ବିରାଟ ପଟୁଆରରେ କଳସ ଶୋଭାଯାତ୍ରା ପହଞ୍ଚିଲା ପରେ ପୂଜାରମ୍ଭ ହେବା ସହିତ ସନ୍ଧ୍ୟାରେ ସଙ୍କଟ ମୋଚନଙ୍କ ସମରୋହ କରାଯିବ । ଦ୍ୱିତୀୟ ଦିନ ସକାଳେ ପୂଜାରମ୍ଭ ସହିତ ନାମ ସଂର୍କତନ ଓ ରତ୍ନ ସ୍ତମ୍ଭ ସ୍ଥାପନ କରାଯିବ । ସନ୍ଧ୍ୟାରେ ଭଜନ ସମାରୋହ ଅନୁଷ୍ଠିତ ହେବ । ତୃତୀୟ ଦିନ ସକାଳେ ପୂଜାରମ୍ଭ ସହିତ ସୁନ୍ଦରାକାଣ୍ଡ ପାରାୟଣ ହେବ ଓ ସନ୍ଧ୍ୟାରେ ଭଜନ ସମାରୋହ ଅନୁଷ୍ଠିତ ହେବ । ପ୍ରତ୍ୟେହ ଅନ୍ୟୁନ ଦୁଇ ହଜାର ଭକ୍ତଙ୍କ ପାଇଁ ଅନ୍ନପ୍ରସାଦର ବ୍ୟବସ୍ଥା ହେବ । ସଭାପତି ସତ୍ୟନନ୍ଦ ଜେନା, ଉପ-ସଭାପତି ରାମ ସାହୁ, ସଂପାଦକ ସୁନିଲ ଚରଣ ଖର୍ସେଲ, କୋଷାଧ୍ୟକ୍ଷ ଦିଲିପ ମହାପାତ୍ର, ସାଧାରଣ ସଂପାଦକ ସତ୍ୟନାରାୟଣ ଭୋଇ । ମୁଖ୍ୟଉପଦେଷ୍ଟା ବରୁଣ କୁମାର ହେର୍ଣ୍ଣା, ଅନୁଜ ଭୁକ୍ତା, ଆର୍ତତ୍ରାଣ ଦାଶ, ଅଜିତ କୁମାର ବାବୁ, ନିମାଇଁ ଚରଣ ବେହେରା, ସୁରେଶ ତ୍ରିପାଠି, ଶମ୍ଭୁ ପ୍ରସାଦ ଗୁରୁ, ଭାଇକର ପଟେଲ, ମୁନୁ ନାଗ,ଜିତେନ୍ଦ୍ର ତ୍ରିପାଠି ।

# ଡମ୍ଫର ଧକ୍କାରେ ଗୁରୁତର ଆହତ ଯୁବକଙ୍କ ମୃତ୍ୟୁ, ପ୍ରତିଶୃତି ପରେ ରାସ୍ତା ଅବରୋଧ ହଟିଲା

କନ୍ଧମାଳ,(ପି.ଏନ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଫୁଲବାଣୀ ବାଲିଗୁଡା ମୁଖ୍ୟା ରାସ୍ତାର ବନ୍ଧଗଡ ଗାଁ ନିକଟରେ ହୋଇଥିବା ଡମ୍ଫର -ଅଟୋ ଦୁର୍ଘଟଣାରେ ଗୁରୁତର ଆହତ ହୋଇ କଟକ ବଡ ମେଡିକାଲରେ ଚିକିତ୍ସିତ ହେଉଥିବା ଯୁବକଙ୍କ ମୃତ୍ୟୁ ପରେ ଉତ୍ୟକ୍ତ ଲୋକେ ଶବ ରଖି ବିଳମ୍ବିତ ରାତି ଯାଏ ଫୁଲବାଣୀ -ବାଲିଗୁଡା ରାସ୍ତାର କୁଟିବାରି ଛକରେ ରାସ୍ତା ଅବରୋଧ କରିଥିଲେ। ଖବର ପାଇ ଥାନା ଅଧିକାରୀ ପି ଶ୍ୟାମ ସୁନ୍ଦର ରାଓ, ଏସଡିପିଓ ସୁ ପ୍ରସନ୍ନ ମଲ୍ଲିକ, ବିଡ଼ିଓ ରଶ୍ମି ରଞ୍ଜନ ମହନ୍ତ, ତହସିଲଦାର ଏମ. ଅନୁରାଧା ପ୍ରମୁଖ ପହଞ୍ଚି କ୍ଷତିପୂରଣ ରାଶି ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା। ମୃତ ଯୁବକ ଜଣଙ୍କ ଫିରିଙ୍ଗିଆ ବ୍ଲକ ରତଙ୍ଗ ପଞ୍ଚାୟତ କୁବାଡି ଗାଁର ଶାନ୍ତିପନି ପ୍ରଧାନ। ସୂଚନାଯୋଗ୍ୟ ଯେ, ଗତ ୨୬ ତାରିଖ ଦିନ ଦ୍ରୁତ ଗତିରେ ଅସୁଥିବା ଏଆରଏସଏସ ଠିକା ସଂସ୍ଥାର ଏକ ଡମ୍ଫର ବନ୍ଧଗଡ଼ ଠାରୁ ସାରଙ୍ଗଗଡ଼ ଯାଉଥିବା ଏକ ପାସେଞ୍ଜର ଅଟୋକୁ ଧକ୍କା ଦେବା ପରେ ସାମ୍ନା ପଟୁ ଆସୁଥିବା ତ୍ରିଶକ୍ତି ନାମକ ଆଉ ଏକ ଡମ୍ଫରକୁ ଧକ୍କା ଦେଇଥିଲା। ଫଳରେ ଓଟୋଟି ରାସ୍ତାରୁ ପ୍ରାୟ କୋଡିଏ ଫୁଟ ଦୁରକୁ ଚିଟିକି ପଡ଼ିଥିବା ବେଳେ ଅଟୋରେ ବସିଥିବା ଜଣେ ମହିଳାଙ୍କ ସହ ପାଞ୍ଚ ଜଣ ଆହତ ହୋଇଥିବା ବେଳେ ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇ କଟକ ବଡ଼ ମେଡ଼ିକାଲରେ ଚିକିତ୍ସିତ ହେଉଥିଲେ। ତାଙ୍କ ମୁଣ୍ଡ ଓ ଗୋଡ଼ରେ ଗଭୀର ଆଘାତ ଲାଗିଥିଲା। ଏହି ଘଟଣାକୁ ନେଇ ସ୍ଥାନୀୟ ଲୋକେ ଆହତଙ୍କ କ୍ଷତିପୂରଣ ଦାବିରେ ରାସ୍ତାରୋକ ମଧ କରିଥିଲେ ।

# ଫୁଲବାଣୀରେ ନୁତନ ଆମିଷ ବଜାର ପାଇଁ ବିକ୍ରେତାଙ୍କ ବିରୋଧ

କନ୍ଧମାଳ,(ପି.ଏନ): ଫୁଲବାଣୀରେ ନୁତନ ଆମିଷ ବଜାର ନିର୍ମାଣ କରିଛି ପୌରପରିଷଦ । ସେଠାରେ ଫୁଲବାଣୀର ସମସ୍ତ ମାଛ,ମାଂସ ଏବଂ କୁକୁଡା ମାଂସ ବିକ୍ରେତାଙ୍କୁ, ଫୁଲବାଣୀରେ ପୁର୍ବଭଳି ସହରରର ଏଣେତେଣେ ବସି ବିକ୍ରି ନ କରି ପୌରପରିଷଦ ଦ୍ୱାରା ନିର୍ମିତ ଆମିଷ ବଜାରରେ ବସି ବିକ୍ରି କରିବାକୁ ନିର୍ଦ୍ଦେଶ ଦେଇଛି । ଫଳରେ ସହରରେ ବିଭିନ୍ନ ସ୍ଥାନରେ ବସି ଖୋଲାରେ ମାଛମାଂସ ଓ କୁକୁଡା କାଟିବାବେଳେ ଛୋଟ ପିଲାମାନଙ୍କର ସମେତ ଆମିଷ ଖାଉନଥିବା ଲୋକମାନଙ୍କ ମାନସିକ ସ୍ଥିତି ଖରାପ ହେବା ସହିତ ପରିବେଶ ମଧ୍ୟ ଆବର୍ଜନାମୟ ହେବା ଏବଂ ଦୁର୍ଗନ୍ଧରେ ଲୋକଙ୍କୁ ଯାତାୟାତରେ ବିଭିନ୍ନ ଅସୁବିଧାର ସମୁଖିନ ହେବା ଭଳି ପରିସ୍ଥିତି ଉପୁଜୁଛି । ତେଣୁ ଏହି ଆମିଷ ବଜାରରେ ଏକାଠି ସମସ୍ତ ପ୍ରକାରର ଆମିଷ ଜିନିଷ ବିକ୍ରି କରିବାକୁ ନିର୍ଦ୍ଦେଶ ଦେଇଛି । ଏହାକୁ ବିରୋଧ କରି ଫୁଲବାଣୀର ସମସ୍ତ ଆମିଷ ବିକ୍ରେତା ମାନେ ଏକାଠି ହୋଇ ଗତ ପ୍ରାୟ ୭ ଦିନ ହେଲା ସେମାନଙ୍କର ଦୋକାନ ବନ୍ଦ କରି,ପୌରପରିଷଦ ପକ୍ଷରୁ ନିର୍ମାଣ କରାଯାଇଥିବା ନୂତନ ଆମିଷ ବଜାରରେ, ରହିଥିବା ବିଭିନ୍ନ ଅସୁବିଧା ସମ୍ପର୍କରେ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ସେମାନେ ପ୍ରକାଶ କରିଥିଲେ କି ସେଠାରେ ନିର୍ମାଣ ହୋଇଥିବା ଆମିଷ ବଜାରରେ ସ୍ୱତନ୍ତ୍ର କୋଠରୀ ନଥିବା,ନିକଟରେ ଏକ ମଶାଣୀ ରହିଥିବା,ସେମାନଙ୍କର ଜିନିଷ ପତ୍ର ସେଠାରେ ସୁରକ୍ଷିତ ନରହିବା ଏବଂ ଏହା ସହିତ ଅନ୍ୟାନ୍ୟ ଅସୁବିଧା ବାବଦରେ ସୁଚନା ଦେଇଥିଲେ । ବଣମାଧ୍ୟମ ପ୍ରତିନିଧି ମାନଙ୍କର ପରାମର୍ଶ କ୍ରମେ ସେମାନେ ଏକାଠି ହୋଇ ଫୁଲବାଣୀ ପୌରାଧ୍ୟକ୍ଷାଙ୍କୁ ଏକ ଲିଖିତ ଦାବୀ ପତ୍ର ପ୍ରଦାନ କରିବା ସହିତ ସେଠାରେ ସେମାନଙ୍କ ପାଇଁ ଆବଶ୍ୟକୀୟ ସୁବିଧା ସବୁକୁ ପ୍ରସ୍ତୁତ କରିବା ସହିତ ସେଠାରେ ସେମାନଙ୍କ ପାଇଁ ସ୍ୱତନ୍ତ୍ର କୋଠରୀ,ମାଛମାଂସ କାଟିବା ପାଇଂ ସ୍ୱତନ୍ତ୍ର ସ୍ଲଟର ଭଳି ଅନ୍ୟାନ୍ୟ ସୁବିଧା ମାନ ଯୋଗାଇ ଦେବାକୁ ଦାବୀ କରିଥିଲେ । ଏହାକୁ ଶୁଣିବା ପରେ ଫୁଲବାଣୀ ପୌରାଧ୍ୟକ୍ଷା ସ୍ମିତାରାଣୀ ମହାନ୍ତି ଏବଂ ପୌରପରିଷଦର ନିର୍ବାହୀ ଅଧିକାରୀ ବଳଦେବ ବେହେରା ଫୁଲବାଣୀରେ ରହିଥିବା ସମସ୍ତ ମାଛ ମାଂସ ଏବଂ କୁକୁଟା ମାଂସ ଦୋକାନୀ ମାନଙ୍କୁ ସେମାନଙ୍କର ନାମକୁ ପୌରପରିଷଦରେ ପଞ୍ଜିକୃତ କରିବାକୁ କହିଥିଲେ । ସେହି ଅନୁସାରେ ପୌରପରିଷଦ ସେମାନଙ୍କ ପାଇଁ ଆବଶ୍ୟକୀୟ ସମସ୍ତ ସୁବିଧା ଯୋଗାଇଦେବା ପାଇଁ ପ୍ରାତିଶ୍ରୁତି ଦେଉଛି ବୋଲି ପ୍ରତିଶ୍ରୁତି ଦେଇଥିଲେ ।

# ବେଳାଭୂମି ସଫେଇ ଓ ଏୟାର ସୋ ପାଇଁ ପ୍ରସ୍ତୁତି

ପୁରୀ ,(ପି.ଏନ): ଚଳିତ ମାସ ୧୭ ତାରିଖରେ ବେଳାଭୂମି ସଫେଇ ଓ ୧୮ ତାରିଖରେ ଏୟାର ସୋ କୁ ସଫଳ କରିବା ପାଇଁ ଏକ ବୈଠକ ଜିଲ୍ଲାପାଳ ସମର୍ଥ ବର୍ମା ଙ୍କ ଅଧକ୍ଷତାରେ ବୁଧବାର ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲାପାଳ ଶ୍ରୀ ବର୍ମା ଚଳିତ ମାସ ୧୮ ତାରିଖ ସକାଳ ୧୦.୨୦ ମିନିଟ ରୁ ସକାଳ ୧୧ ଘଟିକା ପର୍ଯ୍ୟନ୍ତ ରାଜଭବନ ପାର୍ଶ୍ୱ ବ୍ଲୁ ଫ୍ଲାଗବିଚ ଠାରେ ବାୟୁସେନା ପକ୍ଷରୁ ଏୟାର ସୋ ଅନୁଷ୍ଠିତ ହେବ ବୋଲି କହିଥିଲେ। ପୁରୀ ରେ ପ୍ରଥମ ଥର ପାଇଁ ଏୟାର ସୋ ହେବା ଏକ ଗୌରବର ବିଷୟ ବୋଲି କହିବା ସହ ଏହାକୁ ସମସ୍ତ ଙ୍କ ସହଯୋଗ ରେ ସଫଳ କରିବା ପାଇଁ ଅନୁରୋଧ କରି ଥିଲେ। ସେହିପରି ୧୭ ତାରିଖରେ ବେଳା ଭୂମି ସଫେଇ ୬ ବାଟାଲିଆନର କର୍ମଚାରୀ ,ପୁରୀ ମୁନିସିପାଲ୍ଟି, ଏନସିସି କ୍ୟାଡେଟ, ବ୍ୟବସାୟୀ, ସ୍ୱଚ୍ଛାସେବୀ ଓ ସାଧାରଣ ବ୍ୟକ୍ତି ମାନଙ୍କୁ ନେଇ ଅନୁଷ୍ଠିତ ହେବ ।ଏହାକୁ ଶୃଙ୍ଖଳିତ ଭାବେ ପରିଚାଳନା କରିବାକୁ ସେ ପରାମର୍ଶ ଦେଇଥିଲେ। ପେଣ୍ଟକଟା ଠାରୁ ବ୍ଲୁ ଫ୍ଲାଗବିଚ ପର?୍ୟନ୍ତ ଓ ଭିକ୍ଟୋରିଆ ହୋଟେଲ ଠାରୁ ବ୍ଲୁ ଫ୍ଲାଗବିଚ ପର?୍ୟନ୍ତ ୬ ବାଟାଲିଆନର ଯବାନ ,ପୌର କର୍ମଚାରୀ, ଏନସିସି କ୍ୟାଡେଟ, ବିଭିନ୍ନ ବ୍ୟବସାୟୀ, ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ, ସ୍ୱୟଂ ସହାୟକ ଗୋଷ୍ଠୀ ର ସଦସ୍ୟ, ସ୍ୱଚ୍ଛାସେବୀ ଓ ସାଧାରଣ ଲୋକ ମାନେ ସକାଳ ୬ ଠାରୁ ସଫେଇ କରି ବ୍ଲୁ ଫ୍ଲାଗବିଚ ଠାରେ ପହଂଚିବେ। ବ୍ଲୁ ଫ୍ଲାଗବିଚ ଠାରେ ପୂର୍ବାହ୍ନ ୭ ଘଟିକା ରେ ସଚେତନତା କାର୍ଯ୍ୟକ୍ରମ ଓ ସ୍ୱଚ୍ଛତା ଶପଥ ପାଠ ଅନୁଷ୍ଠିତ ହେବ। ଆନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ଙ୍କ ଦ୍ୱାରା ବାଲୁକା କଳା ରେ ସଚେତନତା ବାର୍ତା ର ବ୍ୟବସ୍ଥା କରା ଯାଇଛି। ଏହାକୁ ସଫଳ କରିବା ପାଇଁ ବିଭିନ୍ନ ବିଭାଗ କୁ ପ୍ରଦାନ କରାଯାଇଥିବା ଦାୟିତ୍ୱ କୁ ସୁଚାରୁ ରୁପେ ସମ୍ପାଦାନ ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏୟାର ସୋ ଅବସରରେ ଆଇନ ଶୃଙ୍ଖଳା, ଟ୍ରାଫିକ ନିୟନ୍ତ୍ରଣ, ସୋ ଦେଖିବାର ସୁ ବ୍ୟବସ୍ଥା, ସ୍ୱାସ୍ଥ୍ୟ, ପାନୀୟ ଜଳ ବ୍ୟବସ୍ଥା, ଅଗ୍ନି ନିର୍ବାପକ ବ୍ୟବସ୍ଥା, ପ୍ରଚାର ପ୍ରସାର ଇତ୍ୟାଦି ସମ୍ପର୍କରେ ଆଲୋଚନା କରାଯାଇଥିଲା। ବୈଠକରେ ଆନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ , ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ପ୍ରଦୀପ କୁମାର ସାହୁ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଶ୍ରୀ ମିହିର ପ୍ରସାଦ ପଣ୍ଡା, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଜ୍ୟୋତି ଶଙ୍କର ମହାପାତ୍ର, ପୌର ନିର୍ବାହୀ ଅଧିକାରୀ ଶ୍ରୀ ସରୋଜ କୁମାର ସ୍ୱାଇଁ, ଅତିରିକ୍ତ ନିର୍ବାହୀ ଅଧିକାରୀ ମନୋଜ କୁମାର ବେହେରା,୬ ବାଟାଲିଆନର ସୁବେଦାର ମେଜର ଶ୍ରୀ ରୋହତାଶ ,କ୍ରୀଡା ଅଧିକାରୀ ଚନନ୍ଦ ସାହୁ, ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।




2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservation as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada


# ଭଦ୍ରକ ବିଜେଡିରେ ମିଶ୍ରଣ ପର୍ବ, ଅର୍ଣ୍ଣପାଳ ପ ।ୟତର ବିଜେପି ସରପ ଓ ଶତାଧିକ ସରପ ବିଜେଡିରେ ଯୋଗଦେଲେ

ଭଦ୍ରକ, (ପି.ଏନ): ଭଦ୍ରକ ବିଧାୟକ ସଞ୍ଜୀବ କୁମାର ମଲ୍ଲିକଙ୍କ ଅର୍ପ ବିନ୍ଧା ସ୍ଥିତ ବାସଭବନରେ ଭଦ୍ରକ ନିର୍ବାଚନ ମଣ୍ଡଳୀ ବିଜେଡିର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇ ଯାଇଛି । ଭଦ୍ରକ ବ୍ଲକ ଅଧିନ ଅର୍ଣ୍ଣପାଳ ପ ।ୟତର ବିଜେପି ସମର୍ଥନରେ ବିଜୟୀ ହୋଇଥିବା ସରପ ଙ୍କ ସମେତ ପ ।ୟତ ଓ ଜୋନସ୍ତରୀୟ ଅନେକ ଟାଣୁଆ ବିଜେପି ନେତା ଓ ସେମାନଙ୍କ ଶତାଧିକ କର୍ମୀମାନେ ଆଜି ବିଧିବଦ୍ଧ ଭାବେ ବିଜେପିରେ ସାମିଲ ହୋଇଛନ୍ତି । ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକପ୍ରିୟତା, ବିକାଶଧାରା ଓ ଭଦ୍ରକ ବିଧାୟକ ସଞ୍ଜୀବ କୁମାର ମଲ୍ଲିକଙ୍କ ନେତୃତ୍ୱ ଓ ବିକାଶମୂଳକ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ଅର୍ଣ୍ଣପାଳ ପ ।ୟତ ସରପ ମୀନାରାଣୀ ମଲ୍ଲିକ, ପ ।ୟତର ଲଢୁଆ ନେତା ତଥା ଅବସରପ୍ରାପ୍ତ ସେନା କର୍ମଚାରୀ ସୁଧାକର ମହାଳିକ, ନାଏବ ସରପ ଲକ୍ଷ୍ମୀଧର ବାହାଳ, ବିଜେପିର ପ୍ରାକ୍ତନ ଜୋନ୍ ସଭାପତି ଆଲୋକ ମହାନାୟକ, ସୁରେନ୍ଦ୍ର ମହାଳିକ, ଶିକ୍ଷାବିତ ପ୍ରଶାନ୍ତ କୁମାର ନାୟକ, ଜଗବନ୍ଧୁ ବେହେରା, ସନ୍ତୋଷ ସାହୁ, ୱାର୍ଡସଭ୍ୟ ବାପି ରାଉତ, ୱାର୍ଡସାହୁ ସୀତାକାନ୍ତ ରାଉତ,ଗଦାଧର ପାଣିଗ୍ରାହୀ, ସନ୍ତୋଷ ସାହୁ ପ୍ରମୁଖ ବହୁ କାର୍ଯ୍ୟକର୍ତା ଓ ସେମାନଙ୍କ ଶତାଧିକ ସମର୍ଥକମାନେ ବିଜେପି ତ୍ୟାଗ କରି ବିଜେଡିରେ ଯୋଗଦାନ କରିଥିଲେ । ବିଜେଡିରେ ଯୋଗଦାନ କରିଥିବା ସରପ , ବରିଷ୍ଠ ନେତା ଓ କର୍ମୀମାନଙ୍କୁ ବିଧାୟକ ଶ୍ରୀ ମଲ୍ଲିକ ଦଳୀୟ ଉପଢୌକନ, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ ଜିଲ୍ଲା ବିଜେଡି ସଭାପତି ଜଗନ୍ନାଥ ସ୍ୱାଇଁଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ରାଜ୍ୟରେ ମୁଖ୍ୟମନ୍ତ୍ରୀଙ୍କ ବିକାଶଧାରାକୁ ଜାରି ରଖିବାକୁ ଅର୍ଣ୍ଣପାଳ ପ ।ୟତବାସୀମାନେ ଆଜି ବିଜେଡିରେ ଯୋଗଦାନ କରିଥିବାରୁ ସେମାନଙ୍କୁ ବିଧାୟକ ଶ୍ରୀ ମଲ୍ଲିକ ସାଧୁବାଦ ଜଣାଇବା ସହ ସମସ୍ତେ ମିଳିମିଶି ଅର୍ଣ୍ଣପାଳ ପ ।ୟତକୁ କିପରି ୧ନମ୍ବର ପ ।ୟତ ଭାବେ ପରିଗଣିତ କରିବେ ସେ ଦିଗରେ ସହଯୋଗ କରିବାକୁ ନିବେଦନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭ୍ୟ ତଥା ଜିଲ୍ଲା ବିଜେଡି ଉପସଭାପତି ମଳୟ ଜେନା, ଜିଲ୍ଲା ବିଡେି ସାଧାରଣ ସମ୍ପାଦକ ତଥା ବିଧାୟକ ପ୍ରତିନିଧି ଯୋଗେନ୍ଦ୍ର ଘଡେଇ, ଭଦ୍ରକ ବ୍ଲକ ଅଧକ୍ଷାଙ୍କ ପ୍ରତିନିଧି ଇଂ.ପ୍ରିୟବ୍ରତ ଜେନା, ଭଦ୍ରକ ବ୍ଲକ ଉପାଧକ୍ଷ ତଥା ଜିଲ୍ଲା ଯୁବ ବିଜେଡି ସଭାପତି ମୁକୁନ୍ଦଦେବ ସାମଲ, ବରିଷ୍ଠ ବିଜେଡି ନେତା ପ୍ରଭାତ ଜେନା, ରାଜ୍ୟ ଯୁବ ବିଜେଡି ସମ୍ପାଦକ ବିକାଶ ଶ୍ରେଷ୍ଠା, ଭଦ୍ରକ ବ୍ଲକ ଯୁବ ବିଜେଡି ସଭାପତି ତଥା ସରପ ଇଂ.ଏମଡି ଫରହତ ଆଲାମ ଖାଁ, ବରିଷ୍ଠ ନେତା-ପ୍ରତାପ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

# ମାଲକାନଗିରି ଓଟିଇଏଲ୍‌ପି ପ୍ଲସ୍ ପକ୍ଷରୁ ମେଗା ପ୍ରାଣୀ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ

ମାଲକାନଗିରି,(ପି.ଏନ): ମାଲକାନଗିରି ଜିଲ୍ଲାରେ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଦ୍ୱାରା ପରିଚାଳିତ ଆଇଟିଡ଼ିଏ ସଂସ୍ଥା ପକ୍ଷରୁ ଓଟିଇଏଲପି ପ୍ଲସ୍ ପ୍ରକଳ୍ପ ଜରିଆରେ କାଲିମେଳା ବ୍ଲକର ଜାକାଲକୁଣ୍ଡି ଗ୍ରାମ ଓ ଖଇରପୁଟ ବ୍ଲକର ମାଡ଼କାପଦର ଗ୍ରାମରେ ମେଗା ପ୍ରାଣୀ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଶତାଧିକ ଉର୍ଦ୍ଧ୍ୱ ଗାଇ, ଛେଳି, ମେଣ୍ଢା, କୁକୁଡ଼ା ଓ ବତକଙ୍କୁ ଟିକାକରଣ ଓ ଭିଟାମିନ୍ ଔଷଧ ବଣ୍ଟନ କରିବା ସହିତ ବହୁ ଲୋକଙ୍କୁ ରୋଗ ଏବଂ ନିରାକରଣ ବିଷୟରେ ବୁଝାଯାଇଥିଲା । ଏହି ପ୍ରାଣୀ ସ୍ୱାସ୍ଥ୍ୟ ଶିବିରରେ କାଲିମେଳା ପ୍ରାଣୀଚିକିତ୍ସା କାର୍ଯ୍ୟାଳୟ ପକ୍ଷରୁ ବି.ଭି.ଓ ଡ଼କ୍ଟର ଜିତେନ୍ଦ୍ର କୁମାର ମହାନ୍ତି, ଭି.ଏ.ଏସ୍ ଡ଼କ୍ଟର ଜଶୋବନ୍ତ କୁମୁଟି, ଏଲ.ଆଇ କେତକି ନାୟକ, ଏଲ.ଆଇ ଶଙ୍କର ପରିଜା, ଏଲ.ଆଇ ବିଶ୍ୱଜିତ୍ ମଣ୍ଡଳ, ଏସ୍‌ଏଲଏନ୍ ଡ଼ିଏସ୍ ସଂସ୍ଥା କାଲିମେଳା ଓ ପଡ଼ିଆ କ୍ଲଷ୍ଟରରୁ ଜୀବନଜୀବିକା ଅଧିକାରୀ କାଞ୍ଚନ ଦାସ ଯୋଗଦାନ କରିଥିଲେ । ସେହିପରି ଖଇରପୁଟ ବ୍ଲକ ପ୍ରାଣୀଚିକିତ୍ସା କାର୍ଯ୍ୟାଳୟ ପକ୍ଷରୁ ବି.ଭି.ଓ ଡ଼କ୍ଟର ତୁଷାର ମିଶ୍ର, ଡ଼କ୍ଟର ସୁଭମ୍ କୁମାର ପରିଡ଼ା ଓ ଖଇରପୁଟ କ୍ଲଷ୍ଟର ବିକାଶ ସଂସ୍ଥାର ପ୍ରମୁଖ ଅଧିକାରୀମାନେ ଯୋଗ ଦେଇ ସ୍ୱାସ୍ଥ୍ୟ ଶିବିରକୁ ସୂଚାରୁରୁପେ ଚଳାଇଥିଲେ । ଏହି ଦୁଇଟି ମେଗା ପ୍ରାଣୀ ସ୍ୱାସ୍ଥ୍ୟ ଶିବିରକୁ ଓଟିଇଏଲପି ପ୍ଲସ୍ ର ପିଓସିବି ପ୍ରିୟବ୍ରତ ଖମାରି ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ବଲାଙ୍ଗିର ସିନିୟର ନକ ଆଉଟ ଫୁଟବଲ ଟୁର୍ଣ୍ଣାମେଂଟ ଦ୍ୱାଦଶ ଦିବସ

ବଲାଙ୍ଗିର,(ପି.ଏନ): ବଲାଙ୍ଗିର ଜିଲ୍ଲା କ୍ରୀଡା ସଂସଦ ଆନୁକୁଲ୍ୟରେ ଆଜି ସୁପର ନକ୍ ଆଉଟ ଖେଳ ପଲ୍ଲିଶ୍ରୀ ଷ୍ଟାଡିୟମ ସଦାଇପାଲି ଠାରେ ସାଇଟ ସ୍ପୋର୍ଟ୍ସ ସୋସାଇଟି ୬-୦ ଗୋଲରେ ଧଣ୍ଡାମୁଣ୍ଡା କୁ ହରାଇ କ୍ୱାଟର ଫାଇନାଲକୁ ପ୍ରବେଶ କରିଛି । କ୍ରିଡା ସଂସଦର ଉପ-ସଭାପତି କୃଷ୍ଣ ଚନ୍ଦ୍ର ମିଶ୍ରଙ୍କ ତତ୍ୱାବଧାନରେ ଅନୁଷ୍ଠିତ ଖେଳରେ ଅତିଥି ଭାବରେ ବଲାଙ୍ଗିର ବ୍ଲକ ଅଧକ୍ଷ ସରିତା ବାଗ ଓ ସାଇଟ ନର୍ସିଂ ଉପାଧକ୍ଷା ଲୋପାମୁଦ୍ରା ମିଶ୍ର ଯୋଗ ଦେଇଥିଲେ । ସଂସଦର ଫୁଟବଲ ସଂପାଦକ ହେମନ୍ତ କୁମାର ବେହେରା, ବରିଷ୍ଠ ସଦସ୍ୟ ଡା. ସିଦ୍ଧେଶ୍ୱର ମିଶ୍ର, ଜିଲ୍ଲା କ୍ରୀଡାଧିକାରୀ ପରାସର ବାଗ, ପୂର୍ବତନ ବ୍ଲକ ଅଧକ୍ଷ ଗୋଲାପ ବାଗ, ପୂର୍ବତନ ଖେଳାଳି ଶ୍ରୀକାନ୍ତ ରାଉତ, କ୍ରିଡା ସଂଗଠକ ଆଦିତ୍ୟ ପଟ୍ଟନାୟକ ତଥା ଅଭିମନ୍ୟୁ ପାଣ୍ଡେ ମଂଚାସିନ ଥାଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ରେଫରି ଭାବରେ ରାଜେନ୍ଦ୍ର ସେଠ, ନରସିଂ ସ୍ୱାମୀ ନାଇଡୁ, ସୁଦର୍ଶନ ସେଠ ଓ ସଂଜିବ ମହାରଣା ଖେଳ ପରିଚାଳନା କରିଥିଲେ ।

## Ph.D Awarded



Smt. Prabina Priyadarsini Behera has qualified for the award of Ph.D degree from Utkal University on dt. 9.9.2022 for her thesis titled "Teaching Efficiency, Accountability and Leadership role of Secondary School Teachers". Smt Behera did her research under the guidance of Prof. (Dr). Laxmidhar Behera, HOD, Regional Institute of Education (RIE), Bhubaneswar (BBSR). Her thesis was highly appreciated by Prof Dr. Bishnupada Nanda, Jadavpur University, Kolkata and Prof Dr. Prasant Kumar Acharya, Rajiv Gandhi University, Itanagar, Arunachal Pradesh. Professor (Dr). B. N. Panda, RIE, BBSR and Dr. Kalpalata Patri (retired) HOD, Department of Education, B. J. B (Auto) College inspired Smt Behera for this research work.Smt. Behera is now working as an Assistant Professor at Radhanath Institute of Advanced Studies in Education (RNIASE), Cuttack, Odisha. She is the daughter of Smt. Pramila Behera and Shri. Bilas Chandra Behera of Bantunia village, 42 Mouza, Cuttack and daughter-in-law of Smt. Kanchanabala Behera and Shri Hrushikesh Behera of Mahanadivihar, CTC. She acknowledges the profuse support of her husband Er. Litesh Kumar Behera for the achievement. Smt. Behera counts the celestial blessings of Lord Jagannath for the successful completion of her research work.



ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ
PARYABEKHYAK
ପର୍ଯ୍ୟବେକ୍ଷକ



Bhubaneswar Saturday September 17, 2022 ଭୁବନେଶ୍ୱର ଶନିବାର, ସେପ୍ଟେମ୍ବର ୧୭,୨୦୨୨ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com 

# ପାରାଦୀପ ବନ୍ଦର ମାଧମରେ ଆମୋନିଆ ନାଇଟ୍ରେଟ ଆମଦାନୀ



ପାରାଦୀପ,(ପି.ଏନ): ରୁଷିଆର ନଖୋଡ଼୍କା ବନ୍ଦରରୁ ଏମ.ଭି. ରେନ୍‌ବୋ ସିମ୍ଫୋନୀ ନାମକ ଜାହାଜରେ ୮୪୮୨ ବ୍ୟାଗରେ ୭୬୩୪ ମେଟ୍ରିକ ଟନ ଆମୋନିୟମ ନାଇଟ୍ରେଟ ପଣ୍ୟ ବୋଝେଇ କରି ସେପ୍ଟେମ୍ବର ୧୬ ତାରିଖରେ ପାରାଦୀପ ବନ୍ଦରର ସିକ୍ୟୁ-୩ ବର୍ଥରେ ଲଗିଛି । ଏହି ପଣ୍ୟରେ ଆମଦାନୀକାରୀ ସଂସ୍ଥା ଆଇଡିଏଲ ଏକ୍ସପ୍ଲୋସିଭସ୍ ଲିମିଟେଡ୍ ହୋଇଥିବା ବେଳେ ଓଡିଶା ଷ୍ଟିଭେଡୋର୍ସ ଲିମିଟେଡ୍ ଏହାର ଷ୍ଟିଭେଡୋରିଙ୍ଗ୍ ଓ ହ୍ୟାଣ୍ଡଲିଙ୍ଗ୍ ଏଜେଂଟ ଏବଂ ଜିପିଆର ମେରିଟାଇମ ଏଜେନ୍ସି ଏହାର ଏଜେଂଟ ଅଛନ୍ତି । ତେବେ ଏହି ପଣ୍ୟ ଆମଦାନୀକାରି ସଂସ୍ଥା ଆଇଡିଏଲ ଏକ୍ସପ୍ଲୋସିଭ ଲିମିଟେଡ୍ ଦୀର୍ଘ ଦଶନ୍ଧି ଧରି ଭାରତର ବିଭିନ୍ନ ବନ୍ଦର ମାଧ୍ୟରେ ଏହି ପଣ୍ୟ ଆମଦାନୀ କରୁଥିବା ବେଳେ ଓଡିଶା ଓ ଏହାର ପଡୋଶି ରାଜ୍ୟ ମାନଙ୍କର ବିଭିନ୍ନ ଖଣି ଶିଳ୍ପ କାରଖାନା ପାଇଁ ଏହି ପଣ୍ୟ ପାରାଦୀପ ବନ୍ଦର ମାଧ୍ୟମରେ ପ୍ରଥମ ଥର ପାଇଁ ଆମଦାନୀ କରିଥିବାର ସୂଚନା ମିଳିଛି ।

## ଅଖିଳ ଭାରତ କଂଗ୍ରେସ କମିଟି ନେତୃମଣ୍ଡଳୀଙ୍କ ସେପ୍ଟେମ୍ବର ୧୭ ଓ ୧୮ ଦୁଇଦିନିଆ ଓଡ଼ିଶା ଗସ୍ତ କାର୍ଯ୍ୟସୂଚୀ

ଭୁବନେଶ୍ୱର ,(ପି.ଏନ): ବରିଷ୍ଠ କଂଗ୍ରେସ ନେତା ମଧ୍ୟ ପ୍ରଦେଶର ପୂର୍ବତନ ମୁଖ୍ୟ ମନ୍ତ୍ରୀ, ସାଂସଦ ଶ୍ରୀ ଦିଗ୍‌ବିଜୟ ସିଂ, ସାଂସଦ ଶ୍ରୀ ଜୟରାମ ରମେଶ, ଓଡ଼ିଶା ପ୍ରଭାରୀ ଡ. ଏ ଚେଲ୍ଲା କୁମାର, ସହ ପ୍ରଭାରୀ ଶ୍ରୀ ଜି. ରୁଦ୍ର ରାଜୁ, ଭାରତ ଯୋଡ଼ୋ ଯାତ୍ରାର ଓଡ଼ିଶା ରାଜ୍ୟ ପାଇଁ ଏଆଇସିସି ସଂଯୋଜକ ଡ. ରାଗିଣୀ ନାୟକ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସି ଆସ'। କାଲି ସେପ୍ଟେମ୍ବର ୧୭ ତାରିଖ ଶନିବାର ଦିନ ସନ୍ଧ୍ୟାରେ ଭୁବନେଶ୍ୱରରେ ପଂହଚିବେ। ଉପରୋକ୍ତ ନେତୃବୃନ୍ଦ ସେପ୍ଟେମ୍ବର ୧୮ ତାରିଖ ରବିବାର ପୂର୍ବାହ୍ନ ୯ ଘଂଟା ସମୟରେ ଭୁବନେଶ୍ୱର ରେଡକ୍ରସ ଭବନରେ ନାଗରିକ ସମାଜ ସହ ବିଚାର ବିମର୍ଷ କରିବେ। ପୂର୍ବାହ୍ନ ୧୦ ଘଟିକା ସମୟରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଶରତ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ କଂଗ୍ରେସ ଭବନ ଠାରେ ଆୟୋଜିତ ବୈଠକରେ ଭାରତ ଯୋଡ଼ୋ କାର୍ଯ୍ୟକ୍ରମ ସଂକ୍ରା'ରେ କଂଗ୍ରେସ ନେତୃବୃନ୍ଦଙ୍କ ସହ ଆଲୋଚନା କରିବେ। ଦିବା ଘ.୧୨.୫ମି. ସମୟରେ କଂଗ୍ରେସ ଭବନଠାରେ ସାମ୍ବାଦିକ ସମ୍ମିଳନୀରେ ଉଦ୍‌ବୋଧନ ଦେବେ ଓ ତାପରେ ଅପରାହ୍ନରେ ବିମାନ ଯୋଗେ ଦିଲ୍ଲୀ ପ୍ରତ୍ୟାବର୍ତନ କରିବେ ବୋଲି କଂଗ୍ରେସ ମିଡିଆ ବିଭାଗ ଅଧ୍ୟକ୍ଷ ଶ୍ରୀ ଗଣେଶ୍ୱର ବେହେରା ଏକ ପ୍ରେସ ବାର୍ତାରେ ଜଣାଇଛନ୍ତି। ସମସ୍ତ କାର୍ଯ୍ୟକ୍ରମରେ ପିସିସି ସଭାପତି।

# ରାଜ୍ୟ ସ୍ତରୀୟ ଭାଗବତ ଟୁଙ୍ଗୀ କର୍ମୀ ସମାବେଶ ଅନୁଷ୍ଠିତ

କେନ୍ଦୁଝର,୧୬।୯(ପିଏନ):ଭୁବନେଶ୍ୱର ସ୍ଥିତ ଭକଳା ମଣ୍ଡପ ନିକଟସ୍ଥ ମାଉସୀ ମା' ମନ୍ଦିର ପରିସର ମଧ୍ୟରେ ଭାଗବତ ଟୁଙ୍ଗୀ ପ୍ରଚାର ସମିତି ଓଡିଶା ତରଫରୁ ରାଜ୍ୟ ସ୍ତରୀୟ କର୍ମୀ ସମାବେଶ ରାଜ୍ୟ ସଭାପତି ନଙ୍ଗୁଳି ବାବାଙ୍କ ଆହ୍ୱାନ କ୍ରମେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକକୁ ରାଜ୍ୟ ସାଧାରଣ ସମ୍ପାଦକ ସୟ କୁମାର ଦାସ ପରିଚାଳନା କରିଥିଲେ । ଏହି ବୈଠକରେ ଓଡିଶାର ୨୧ଟି ଜିଲ୍ଲାର ସଭାପତି, ସମ୍ପାଦକ ଓ ରାଜ୍ୟ କମିଟିର ମୁଖ୍ୟ କର୍ମକ□ାମାନେ ଯୋଗ ଦେଇଥିଲେ। ବାବାଙ୍କ ନିର୍ଦ୍ଦେଶ କ୍ରମେ ମାଉସୀ ମା' ମନ୍ଦିରରୁ ଏକ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରାରେ ଆସି ଭକଳା ମଣ୍ଡପ ଟାରେ ମାନ୍ୟବର ପର୍ଯ୍ୟଟନ, ଭାଷା, ସାହିତ୍ୟ, ସଂସ୍କୃତି ଓ ଅବକାରୀ ବିଭାଗ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ତଥା ଓଡିଆ ଭାଷା, ସାହିତ୍ୟ, କଳା ଓ ସଂସ୍କୃତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ମଧୁସୁଦନ ପାଢୀଙ୍କୁ ସମିତିର ଦାବିପତ୍ର ପ୍ରଦାନ କରାଯାଇ ଓଡିଶାରେ ଥିବା ଭାଗବତ ଟୁଙ୍ଗୀ ମାନଙ୍କର ଅଭାବ ଅସୁବିଧା ସମ୍ପର୍କରେ ନବଧା ଭକ୍ତି ଓ ଜଗନ୍ନାଥ ଦାସଙ୍କ ନବାକ୍ଷରୀ ଭାଗବତକୁ ସମ୍ମାନ ଜଣାଇ ୯ ଦଫା ଦାବିପତ୍ର ଦିଆଯାଇ ସେଠାରୁ ପେରି ମାଉସୀ ମା' ମନ୍ଦିରରେ ସମସ୍ତ ଭକ୍ତ ପ୍ରସାଦ ସେବନ କରିବା ପରେ ପ୍ରତ୍ୟେକ ଜିଲ୍ଲାର ସଭାପତିମାନେ ନିଜ ନିଜ ଜିଲ୍ଲାର ଭାଗବତ ଟୁଙ୍ଗୀ ପ୍ରଚାର ପ୍ରସାର ଓ ପୁନଃଉଦ୍ଧାର କାର୍ଯ୍ୟକ୍ରମରେ ସେମାନଙ୍କ ସମ୍ମୁଖରେ ଥିବା ଅସୁବିଧା ସମ୍ପର୍କରେ ଅବଗତ କରାଇଥିଲେ । କେନ୍ଦୁଝରେ ଭାଗବତ ଟୁଙ୍ଗୀ ପ୍ରଚାର ପ୍ରସାର ସମିତି ଜିଲ୍ଲା ସଭାପତି ମନୋଜ ଦାଶ,ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ, କଟକ ଜିଲ୍ଲା ସଭାପତି ପ୍ରଫୁଲ୍ଲ ବ୍ରହ୍ମ, ବାଲେଶ୍ୱର ଜିଲ୍ଲା ସଭାପତି ରବିନ୍ଦ୍ରନାଥ ଦାସ, କୋରାପୁଟ ଜିଲ୍ଲା ସଭାପତି ଘନଶ୍ୟାମ ଦାସ, ରାଜ୍ୟ ଉପସଭାପତି ସିଦ୍ଧେଶ୍ୱର ନାୟକ (ଚୌଦ୍ୱାର), ସୁବ୍ରତ କୁମାର ରାଉତ (କେନ୍ଦ୍ରାପଡା), ମୁଖ୍ୟ ଉପଦେଷ୍ଟା ଗଗନ ବିହାରୀ ପୃଷ୍ଟି, ଉପଦେଷ୍ଟା ଗଜେନ୍ଦ୍ର ନାରାୟଣ ପାଣ୍ଡେ, ସମ୍ପାଦକ ସୁଧାଂଶୁ ଶେଖର ସାହୁ, କୋଷାଧ୍ୟକ୍ଷ ପ୍ରଶାନ୍ତ ଶେଖର ପଟ୍ଟନାୟକ, ପୁରୀ ଜିଲ୍ଲା ସଭାପତି ପ୍ରଫୁଲ୍ଲ ମହାରଣା, ବରଗଡ ଜିଲ୍ଲା ସଭାପତି ଅଶୋକ କୁମାର ପ୍ରଧାନ, ଖୋର୍ଦ୍ଧା ଜିଲ୍ଲା ସଭାପତି ଗିରିଧାରୀ ମହାପାତ୍ର, ଭଦ୍ରକ ଜିଲ୍ଲା ସମ୍ପାଦକ ରବି ନାରାୟଣ ବାରିକ, ଗାମ ଜିଲ୍ଲା ସଭାପତି ଦୟାନିଧି ବେହେରା, ରାୟଗଡା,ଅନୁଗୁଳ, ନବରଙ୍ଗପୁର,ଢେଙ୍କାନାଳ ଜିଲ୍ଲାର ସଭାପତିମାନେ ଅଂଶ ଗ୍ରହଣ କରି ନିଜ ନିଜର ମତ ପ୍ରଦାନ କରିଥିଲେ । ପରିଶେଷରେ ଉପସ୍ଥିତ ଥିବା ପ୍ରତ୍ୟେକ ଜିଲ୍ଲାର କର୍ମକ□ା ମାନଙ୍କୁ ସଂସ୍କୃତି ସାରଥୀ ସମ୍ମାନରେ ସମ୍ମାନୀତ କରାଯାଇ ସଂସ୍କୃତି ସାରଥୀ - ୨୦୨୨ର ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ପରିଶେଷରେ ଓଡିଶାର କୋଣ ଅନୁକୋଣରୁ ଆସିଥିବା ଭକ୍ତ ମାନଙ୍କ ଦ୍ୱାରା ମିଳିତ ମହାମନ୍ତ୍ର ଗାନ କରାଯାଇ ଥିବାବେଳେ ବାବା ସମସ୍ତଙ୍କୁ ସମ୍ବର୍ଦ୍ଧନା ଓ ସାଧୁବାଦ ଜଣାଇ ସଭା ସାଙ୍ଗ କରାଯାଇଥିଲା।

# ମାଇଗ୍ରାଣ୍ଟ ଆୱାର ନେସ କର୍ମଶାଳା ଅନୁଷ୍ଠିତ

ଫୁଲବାଣୀ: ଆଦିବାସୀ ଅଧ୍ୟୁଷିତ କନ୍ଧମାଳ ଜିଲାରେ ଦିନକୁ ଦିନ ଦାଦନ ସମସ୍ୟା ବଢ଼ିବାରେ ଲାଗିଛି କ୍ଷ ଲୋକେ ଗାଁ ଛାଡିକାମ ଧନ୍ଦା ଅନ୍‌ଓ୍ୱେଷଣରେ ରାଜ୍ୟବାହାରକୁ ଚ଼ାଲିଯାଉଛନ୍ତି କ୍ଷ ତେବେ ସେମାନଙ୍କୁ ସାହାଯ୍ୟ ସହଯୋଗ କରିବା ସହ ତଥ୍ୟ ସଂଗ୍ରହ ପାଇଁ ସରକାର କିମ୍ବା ପ୍ରଶାସନ ପକ୍ଷରୁ କୋ ?ଣସି ଉଦ୍ୟମ କରାଯାଉନଥିବାରୁ ଏବେ ଜିଲାର ତୁମୁଡିବନ୍ଧ ଅଂଚ଼ଳର ଏକ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଓ ସି ଆଇ ପକ୍ଷରୁ ଫୁଲବାଣୀ ଆଇଟିଡିଏ ସମ୍ମିଳନୀ କକ୍ଷ ରେ ମାଇଗ୍ରାଣ୍ଟ ଆୱାର ନେସ ଏଣ୍ଡ ଇନଫ ରମେସନ ନେଟୱାର୍କ କର୍ମଶାଳା ଅନୁଷ୍ଠିତ ହୋଇଥିଲା କ୍ଷଏଥିରେ ଓ ସି ଆଇ ମୁଖ୍ୟ ଫାଦେର ବ୍ଲାସିୟସ ଏକ୍କା କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦେଶ୍ୟ ସମ୍ପର୍କରେ ସବିଶେଷ ତଥ୍ୟ ସମ୍ପର୍କରେ ବର୍ଣନା କରିଥିଲେ ।ଅନ୍ୟ ମାନଙ୍କ ମଧ୍ୟରେ ସହକାରୀ ଶ୍ରମ ଅଧିକାରୀ ଶୁଭଦର୍ଶନୀ ନାୟକ, ବରିଷ୍ଠ ଆଇନଜୀବୀ ବିଜୟ ପଟ୍ଟନାୟକ, ବରିଷ୍ଠ ସାମ୍ବାଦିକ ତଥା ମିଳିତ ନାଗରିକ ମଞ୍ଚ ସଭାପତି ଡ଼ଃ. ଅରୂପ ଜେନା, ଓ ବରିଷ୍ଠ ସାମ୍ବାଦିକ ତଥା ପ୍ରେସ କ୍ଲବ ସଭାପତି ସୁନୀଲ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇ କନ୍ଧମାଳ ଜିଲାରେ କାମ ଧନ୍ଦା ଅଭାବରୁ ହଜାର ହଜାର ସଂଖ୍ୟାରେ ଦାଦନ ରାଜ୍ୟ ବାହାରକୁ ଯାଉଥିଲେ ବି ପ୍ରଶାସନ ନିକଟରେ କୌଣସି ତଥ୍ୟ ନାହିଁ କିମ୍ବା ସେମାନେ କୌଣସି ପଞ୍ଜିକୃତ ଠିକାଦାରଙ୍କ ମାଧ୍ୟମରେ ଯାଉନାହାନ୍ତି କ୍ଷ ଶ୍ରମ ବିଭାଗକୁ ନଜଣାଇ ନିଜସ୍ୱ ଇଚ୍ଛାରେ ଚ଼ାଲି ଯାଉଛନ୍ତି,ଫଳରେ ସେଠାରେ କିଛି ସମସ୍ୟା ହେଲେ ସେମାନଙ୍କ ପରିବାର ଆର୍ଥିକ ସହାୟତା ପାଇପାରୁ ନାହାନ୍ତି ବୋଲି ବକ୍ତା ମାନେ ମତବ୍ୟକ୍ତ କରିଥିଲେ କ୍ଷ ସେହିପରି ପଞ୍ଚାୟତ ଓ ବ୍ଲକ ସ୍ତରରେ ସଚେତନ କରିବା ଜରୁରୀ ବୋଲି କହିଥିଲେ କ୍ଷଗ୍ରାମାଞ୍ଚଳ ସ୍ତରରୁ ଅନ୍ୟ ରାଜ୍ୟକୁ ଚ଼ାଲିଯାଉଥିବା ଶ୍ରମିକ ମାନଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ ଓ ସଚେତନ ପାଇଁ ସାମାଜିକ କର୍ମୀ, ଲୋକପ୍ରତିନିଧି, ସ୍ୱେଚ୍ଛାସେବୀ ସଂଗଠନ, ଗଣ ମାଧ୍ୟମ ପ୍ରତିନିଧି, ପିଏଜି ରୁ ବଛା ବଛା ଆଗ୍ରହୀ ସଦସ୍ୟ ସଦସ୍ୟା ମାନଙ୍କୁ ନେଇ ଏକ କୋର କମିଟି ଗଠନ କରିବା ଲାଗି ନିଷ୍ପତି ହୋଇଥିଲା କ୍ଷସେହିପରି ଅନ୍ୟ ମାନଙ୍କ ମଧ୍ୟରେ ସ୍ୱାତି ସମ୍ପାଦକ ତଥା ପି ଏ ଜି ଆବାହକ ଇଂ. ହରିଶଙ୍କର ରାଉତ, ଶାନ୍ତିଓ ମୈତ୍ରୀ ମୁଖ୍ୟ ଭଗବାନ ଜେନା, ସାହାରା ଅନୁଷ୍ଠାନ ମୁଖ୍ୟ ସୁକାନ୍ତ ନାୟକ, ହାଇ ହୋପ ମୁଖ୍ୟ ପରିଚ଼ାଳକ ଲିଙ୍ଗରାଜ ପ୍ରଧାନ, ସମାଜସେବୀ ଅଶୋକ ପରିଡା,ଓ ସି ଆଇ ର ସଂଯୋଜକ ଉଲ୍ଲାସ ମୁଦୁଲି,ଅଶୋକ ପ୍ରଧାନ, ପ୍ରମୁଖ ଙ୍କ ସମେତ ବହୁ ସ୍ୱ ?ଛା ସେବୀ ସଂଗଠନ କର୍ମକର୍ତା ମାନେ ଉପସ୍ଥିତ ରହି ସୁଚ଼ିନ୍ତିତ ମତାମତ ଦେଇଥିଲେ କ୍ଷଅତିଶୀଘ୍ର କୋର କମିଟି ଗଠନ କରାଯାଇ କାର୍ଯ୍ୟ ଆରମ୍ଭ ହେବ ବୋଲି ଓସି ଆଇ ମୁଖ୍ୟ ଫାଦେର ଏକ୍କା କହିଛନ୍ତି କ୍ଷ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସମସ୍ତଙ୍କ ଅକ୍ଷନ୍ତରୀକ ସହଯୋଗ କାମନା କରିଛନ୍ତି ଏକ୍କା ।

# ବିନା ଅନୁମତିରେ କ୍ରସର ପ୍ରତିଷ୍ଠା, ଶିବମ୍ କନଡେଭ ପ୍ରାଇଭେଟ ଲିଃ କୁ ନୋଟିସ

କେନ୍ଦୁଝର,୧୬।୯(ପି.ଏନ): ଘଟଗାଁ ତହସିଲ ଢେଙ୍କିକୋଟ ରାଜସ୍ୱ ସର୍କଲ ଅନ୍ତର୍ଗତ ଖ□ଘରଠାରେ ବିନା ଅନୁମତିରେ କ୍ରସର ପ୍ରତିଷ୍ଠା ହୋଇଥିବାରୁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଂଚଳିକ କାର୍ଯ୍ୟାଳୟ ପକ୍ଷରୁ କାରଣ ଦର୍ଶାଅ ନୋଟିସ ଜାରୀ କରାଯାଇଛି। ୧୫ ଦିନ ମଧ୍ୟରେ ସନ୍ତୋଷ ଜନକ ଉ□ର ନ ମିଳିଲେ କ୍ରସର ବନ୍ଦ ପାଇଁ ନୋଟିସ ଦିଆଯିବ। ୧ ବର୍ଷ ହେବ ବିନା ଅନୁମତିରେ ଚାଲିଥିଲେ ମଧ ପ୍ରଶାସନ କାର୍ଯ୍ୟନୁଷ୍ଠାନ ଗ୍ରହଣ କରୁନଥିବାରୁ ଅସନ୍ତୋଷ ଦେଖାଦେଇଛି। ଜିଲ୍ଲା ପ୍ରଶାସନ ଠାରୁ ସାଇଟିଂ କ୍ୟାଇଟେରିଆ ସାଟିଫିକେଟ ମିଳିନଥିବାବେଳେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ନିକଟରୁ ମଧ ସିଟିଓ ବା କନସେ□ ଟୁ ଅପରେଟ ନ ନେଇ ବେଆଇନ ଭାବେ ଚାଲିଛି। ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ବିନା ଅନୁମତିରେ କ୍ରସର ପ୍ରତିଷ୍ଠା ହୋଇଥିବାରୁ ସେକ୍ସନ ୨୫ ଓ ୨୬ ଜଳ ପ୍ରଦୂଷଣ ନିରାକରଣ ଆକ୍ଟ ୧୯୭୪ ଏବଂ ବାୟୁ ପ୍ରଦୂଷଣ ଧାରା ୨୧ ପ୍ରଦୂଷଣ ନିରାକରଣ ଆକ୍ଟ ୧୯୮୧ ରେ କାର୍ଯ୍ୟାନୁଷ୍ଠାନ ନିଆଯାଇ ଉକ୍ତ କ୍ରସର କୁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଂଚଳିକ କାର୍ଯ୍ୟାଳୟ ପକ୍ଷରୁ ନୋଟିସ କରାଯାଇଛି। କେନ୍ଦୁଝର ଜିଲ୍ଲାରେ ଜାତୀୟ ରାଜପଥ-୨୦ ନିର୍ମାଣ କାର୍ଯ୍ୟ ପାଇଥିବା ଏକ ଠିକା ସଂସ୍ଥା ଶିବମ୍ କନଡେଭ ପ୍ରାଇଭେଟ ଲିଃ ଏହି କ୍ରସର ଚଳାଇଥିବା ଜଣାପଡିଛି। ଖ□ଘର ମୌଜାର ଖାତା ନଂ ୫୦,ପ୍ଲଟ ନଂ ୩୬୮ର ଏକ ଘରବାଡି କିସମରେ ୨ ଏକର ୯୦ ଡିସିମିଲ ଆଦିବାସୀ ଜମିରେ ୨୦୦ ଟିପିଏଚ କ୍ରସର ପ୍ରତିଷ୍ଠା ହୋଇଛି। ଜାତୀୟ ରାଜପଥ ୨୦ର ଅବଶିଷ୍ଟ କାମ କରୁଥିବା ଠିକାଦାରଙ୍କୁ ପଥର ଯୋଗାଇବା ପାଇଁ ପ୍ରଶାସନ ପକ୍ଷରୁ ଘଟଗାଁ ତହସିଲଦାରଙ୍କ ନାମରେ ଖଜୁରୀଜୁଆଣି ପଥର କ୍ୱାରୀ -୧ ଲିଜ୍ ଦିଆଯାଇଛି। ଜାତୀୟ ରାଜପଥ ଠିକାଦରଙ୍କ ଆବଶ୍ୟକତା ଅନୁଯାୟୀ ଶିବମ କନଡେଭ ପ୍ରାଇଭେଟ ଲିଃ କୁ ଟ୍ରାନଜିଟ ପାସ ତହସିଲ ପକ୍ଷରୁ ଇସ୍ୟୁ କରାଯାଉଛି। ଏହି ଲିଜ୍ ସୀମା ଭିତରେ ବା ଏହାଠାରୁ ୫ କିଲୋମିଟର ବ୍ୟାସାର୍ଦ୍ଧରେ କୌଣସି କ୍ରସର ପ୍ରତିଷ୍ଠା ହୋଇପାରିବ ନାହିଁ ବୋଲି ସିଆ ବା ଷ୍ଟେଟ ଏନଭାଇରନମେ□ ଇମ୍ପାକ୍ଟ ଆସେସମେ□ ଅଥରିଟି ର କଡା ନିର୍ଦ୍ଦେଶ ରହିଛି। ମାତ୍ର ସିଆ ନିୟମ ଉଲ୍ଲଙ୍ଘନ କରି ଲିଜ୍ ନିକଟରେ ମାତ୍ର ୧ କଲୋମିଟର ମଧ୍ୟରେ ଶିବମ କନଡେଭ ପ୍ରାଇଭେଟ ଲିଃ ଆଦିବାସୀ ଜମିରେ ଏକ କ୍ରସର ପ୍ରତିଷ୍ଠା କରିଛି। ଯାହାକି ତହସିଲ ପକ୍ଷରୁ ଦିଆଯାଇଥିବା ଘଟଗାଁ ତହସିଲ ପକ୍ଷରୁ ଦିଆଯାଇଥିବା ଇସି ନିୟମ ଉଲ୍ଲଙ୍ଘନ କରୁଛି। କ୍ରସର ପ୍ଲା□ ପ୍ରତିଷ୍ଠା ପାଇଁ ପ୍ରଶାସନ କୌଣସି ଅନୁମତି ପ୍ରଦାନ କରିନାହାଁନ୍ତି। କ୍ରସର ବେଆଇନ ଭାବେ ପ୍ରତିଷ୍ଠା କରି ବ୍ୟାପକ ପରିମାଣର ପଥର ଚାଲାଣ କରିଥିବା ଅଭିଯୋଗ ହୋଇଆସୁଛି। କ୍ରସର ରୁ ରୋଡ ମେ□ାଲ ଦିନରାତି ଚାଲାଣ ହେଉଥିବାବେଳେ ତାହାର ହିସାବ ସ୍ଥାନୀୟ ରାଜସ୍ୱ ନୀରିକ୍ଷକ ରଖୁନଥିବାରୁ ବ୍ୟାପକ ପଥର ଚୋରୀ ହେଉଥିବା ଅନୁମାନ କରାଯାଉଛି। ଜଙ୍ଗଲ ନିକଟରେ କ୍ରସର ହୋଇଥିବାରୁ ଜଳ ଓ ବାୟୁ ପ୍ରଦୂଷଣ ଯୋଗୁଁ ଜଙ୍ଗଲ ଜୀବଜନ୍ତୁ ପ୍ରଭାବିତ ହେଉଛନ୍ତି। କ୍ରସର ଧୂଳିଧୂଆଁ ଉକ୍ତ ଅ□ଳର ପରିବେଶ ପ୍ରଦୂଷିତ ହେଉଛି। ରାତିରେ କ୍ରସର ଲାଇଟ ଏବଂ ଶବ୍ଦରେ ଜଙ୍ଗଲ ଜୀବଜନ୍ତୁଙ୍କ ଯାତାୟତରେ ପ୍ରଭାବିତ ହେଉଛି। ଫକିର ସାହି,ପ୍ରଧାନ ସାହି ଏବଂ ପାରାବାଡି ସାହିର ୫ଶହ ରୁ ଉର୍ଦ୍ଧ ଲୋକ ରହୁଥିଲେ ହେଁ ବସ୍ତି ନିକଟରେ ନିୟମ ନ ମାନି କ୍ରସର ପ୍ରତିଷ୍ଠା ହୋଇଛି। ଘଟଗାଁ ତହସିଲଦାରଙ୍କ ଲିଜ୍ ଥିବା ଅ□ଳ ନିକଟରେ ବେଆଇନ ଭାବେ କ୍ରସର ଚାଲିଥିଲେ ମଧ୍ୟ କାହାଁକି ଚୁପ ରହିଛନ୍ତି ତାହା ସନ୍ଦେହ ଘେରରେ। ମାଇନିଂ ପ୍ଲାନ ଉଲ୍ଲଙ୍ଘନ ହୋଇ ଖଣି ଖନନ ହେଉଛି। ବଡ ବଡ ଖାଲରେ ପାଣି ଜମି ବପଦପୂର୍ଣ୍ଣ ହୋଇଛି। ଖଣି ଖନନ ସମୟରେ ୧୮ ଫୁଟରୁ କମ ଖନନ ହେବାର ନିୟମ ଥିଲେ ହେଁ ଲିଜ୍‌ଧାରୀ ୫୦ ଫୁଟରୁ ଅଧିକ ଖାଲ କରି ପଥର ଖୋଳାଯାଇଛି। ଏହାଫଳରେ ଗୃହପାଳିତ ପଶୁ ସହ ବନ୍ୟଜୀବଜନ୍ତୁ ସଙ୍କଟରେ ପଡିଛନ୍ତି। ଖଜୁରୀଜୁଆଣି ପଥର କ୍ୱାରୀ ଚ□ର୍ପାର୍ଶ୍ୱରେ ଘ□ ଜଙ୍ଗଲ ରହିଥିବାରୁ ଜଙ୍ଗଲୀ ପଶୁ ଏବଂ ପକ୍ଷୀ ପ୍ରଭାବିତ ହୋଇଛନ୍ତି। ଲଘୁ ଖଣିଜ ସମ୍ପଦ ଚୋରୀ ରୋକିବାକୁ ରାଜସ୍ୱ ବିଭାଗର ଉପରସ୍ଥ ଅଧିକାରୀ ନିୟମିତ ଯାଂଚ କରିବାର ନିର୍ଦ୍ଦେଶ ରହିଥିଲେ ହେଁ ଏହା କରାଯାଉନଥିବାରୁ ବ୍ୟାପକ ରାଜସ୍ୱ ହାନୀ ହେଉଛି। ପ୍ରଶାସନର ଅବହେଳାରୁ ବେଆଇନ ଖନନ, ଉ□ୋଳନ ଏବଂ ପରିବହନ ବଢୁଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ କାରଣ ଦର୍ଶାଅ ନୋଟିସ ଜାରୀ କରାଯାଇଥିବାବେଳେ ଏହା ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ କେବେ ଗ୍ରହଣ କରାଯିବ ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ତାଲୁକ ଆଇନ୍ ସେବା ସମିତି ଆନୁକୂଲ୍ୟରେ ଆଇନ୍ ସଚେତନତା ଶିବିର ଅନୁଷ୍ଠିତ

ଘଷିପୁରା,୧୬।୯(ପି.ଏନ):ଆନନ୍ଦପୁର ତାଲୁକ ଆଇନ୍ ସେବା ସମିତି ଆନୁକୂଲ୍ୟରେ କନକ ମରୀ ମହିଳା ମହାବିଦ୍ୟାଳୟ ଶାଳପଡା ଠାରେ ଏକ ଆଇନ୍ ସଚେତନତା ଶିବିର ବରିଷ୍ଠ ଆଇନଜୀବୀ ବାଇଧର ସେଠୀଙ୍କ ସଂଯୋଜନାରେ ଏସିଡ୍ ଆକ୍ରମଣ ସମ୍ପର୍କିତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଶେଷ କରି ଏସିଡ୍ ଆକ୍ରମଣରୁ ସୁରକ୍ଷା ତଥା ଏସିଡ୍ ଜନିତ କ୍ଷତି ଭରଣା ପାଇଁ ଆଇନରେ ରହିଥିବା ବିଧିବ୍ୟବସ୍ଥା ସମ୍ପର୍କରେ ଆଲୋଚନା ହୋଇଥିଲା । ଆୟୋଜିତ ଶିବିରରେ ମୁଖ୍ୟଅତିଥି ଭାବେ ଆନନ୍ଦପୁର ତାଲୁକ ଆଇନ୍‌ସେବା ସମିତି ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲ୍ଲା ଦୌରାଜଜ ପ୍ରଜ୍ୟୋତି ରାଉତ, ସମ୍ମାନୀତ ଅତିଥି ଭାବେ ଘଷିପୁରା ଗ୍ରାମ୍ୟ ନ୍ୟାୟାଳୟର ନ୍ୟାୟଧିକାରୀ ସୁମିତ୍ରା କୁମାରୀ ଦାସ ଯୋଗ ଦେଇଥିବା ବେଳେ ଆନନ୍ଦପୁର ବାର୍ ଆସୋସିଏସନ୍‌ର ସଭାପତି ଦୟାନିଧି ଦାଶ, ପ୍ୟାନେଲ ଲୟର ହେମରନ ବେହେରା, ଚାଇଲ୍ଡଲାଇନ୍ ସଦସ୍ୟ ଆଇନଜୀବୀ ଭାଗିରଥି ଦାଶ, ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଏସିଡ୍ ଆକ୍ରମଣର ଶିକାର ହୋଇଥିବା ପୀଡିତା ନ୍ୟାୟ ପାଇବା ପାଇଁ ସ୍ଥାନୀୟ ତାଲୁକ ଆଇନ୍ ସେବା ସମିତିର ଦ୍ୱାରସ୍ଥ ହେବାକୁ ପରାମର୍ଶ ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମରେ ତାଲୁକ ଆଇନ୍‌ସେବା ସମିତିର କର୍ମକ□ା ଓ ପାରା ଲିଗାଲ ସ୍ୱେଚ୍ଛାସେବୀମାନେ ଶିବିର ପରିଚାଳନାରେ ସହଯୋଗ କରିଥିବା ବେଳେ ମହାବିଦ୍ୟାଳୟର ଅଧ୍ୟାପିକା ଅନୁରାଧା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ଟ୍ରଲର ଓଲଟି ଜଣେ ମୃତ, ସ୍କୁଲ ଛାତ୍ରୀ ଗୁରୁତର, ଦୁର୍ଘଟଣାରେ ୨ ମୋଟରସାଇକେଲ ଚୁରମାର



ଯୋଡା,୧୬।୯(ପି.ଏନ):ଯୋଡା ଥାନା ଅନ୍ତର୍ଗତ ରଣାଶାଳ ଘାଟି ଓଭରବ୍ରିଜ୍ ତଳେ ଆଜି ଅପରାହ୍ନରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟି ଯାଇଛି । ଏନ୍‌ଏଲ-୦୧ଏଡି-୨୭୭୧ ନମ୍ବର ଏକ ଟ୍ରଲର ୫/୧୮ ସାଇଜ୍‌ର ଲୁହାପଥର ବୋଝେଇ କରି ବଡବିଲ ପଟୁ ଦ୍ରୁତ ଗତିରେ ଆସି ଭାରସାମ୍ୟ ହରାଇ ରଣାଶାଳ ଘାଟି ଡିଏଭି ସ୍କୁଲ ଜଙ୍କସନ୍ ଓଭରବ୍ରିଜ୍ ତଳେ ଓଲଟି ପଡିବା ସମୟରେ ଉକ୍ତ ସ୍ଥାନରେ ପୂର୍ବରୁ ଛିଡା ହୋଇଥିବା ବଡବିଲ ସେ□ମେରୀ ସ୍କୁଲର ଛାତ୍ରୀ ଶୃତିକ୍ରିଷ୍ଣା ଗୋପ ଓ ଅଭିଷେକ ଗୁପ୍ତା ନାମର ୨୫ ବର୍ଷର ଯୁବକ ଉପେର ଓଲଟି ପଡିଥିଲା। ଓଲଟି ପଡିବା ଯୋଗୁଁ ଟ୍ରଲରରେ ଥିବା ପାଖାପାଖି ୪୦ ଟନ୍ ଲୁହାପଥର ଦୁଇଜଣଙ୍କ ଉପରେ ଢାଳି ହୋଇଯାଇଥିଲା । ଯାହାଫଳରେ ଅଭିଷେକ ଗୁପ୍ତା ଲୁହାପଥର ତଳେ ସମ୍ପୂର୍ଣ୍ଣ ପୋତି ହୋଇଯାଇଥିବା ବେଳେ ଛାତ୍ରୀ ଜଣଙ୍କର ଅ□ା ପାଖରୁ ପାଦଯାଏଁ ପୋତି ହୋଇଯାଇଥିଲା । ଏଥି ସହିତ ଉକ୍ତ ସ୍ଥାନରେ ଥିବା ୨ଟି ମୋଟରସାଇକେଲ ଓଆର୧୪ଏଲ-୨୯୨୨, ଓଡି୦୯ଜି-୩୫୨୩ ଭାଙ୍ଗି ଚୁରମାର ହୋଇଯାଇଥିବା ଦେଖିବାକୁ ମିଳିଛି । ଖବର ପାଇ ଯୋଡା ଥାନା ଅଧିକାରୀ ଜୟନାରାୟଣ ଖଣ୍ଡାଇ ସଦଳବଳେ ଘଟଣା ସ୍ଥଳରେ ପହଂଚି ଟ୍ରଲରଟିକୁ ଜେସିବି ସାହାଯ୍ୟରେ ଉଠାଇବ ସହିତ ଲୁହାପଥର ଗୁଡିକୁ ମେସିନ୍ ସାହାଯ୍ୟରେ ଆଡେଇ ପୋତି ହୋଇ ରହିଥିବା ଦୁଇଜଣଙ୍କୁ ଉଦ୍ଧାର କରି ତୁରନ୍ତ ଟାଟା ଡାକ୍ତରଖାନାକୁ ପଠାଇ ଥିଲେ । ସେଠାରେ ଡାକ୍ତର ଅଭିଷେକ ଗୁପ୍ତାଙ୍କୁ ମୃତ ଘୋଷଣା କରିଥିବା ବେଳେ ଆହତ ହୋଇଥିବା ଛାତ୍ରୀଙ୍କର ଚିକିତ୍ସା ଜାରି ରଖିଥିବା ଜଣାପଡିଛି । ଦୁର୍ଘଟଣା ଘଟାଇଥିବା ଟ୍ରଲର ଚାଳକ କୌଶଳ କ୍ରମେ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିବା ଜଣାପଡିଛି। ଆହତ ଛାତ୍ରୀ ଜଣଙ୍କର ଘର ଯୋଡା ପୌରପାଳିକା ଅନ୍ତର୍ଗତ ୨୨ନଂ ୱାର୍ଡ ମୁଖାର୍ଜୀ ହାଟିଂରେ ହୋଇଥିବା ବେଳେ ମୃତ ଅଭିଷେକ ଗୁପ୍ତାଙ୍କ ମୂଳ ଘର ରାଉରକେଲା ଅଂଚଳର ବୋଲି ଜଣାପଡିଛି । ମୃତ ଅଭିଷେକ ଯୋଡା ସ୍ଥିତ ଝୁମ୍ପୁଡି ହାଟିଂରେ ରହି ଏକ ପରିବହନ ସଂସ୍ଥାରେ କାର୍ଯ୍ୟ କରି ଆସୁଥିଲେ । ପୋଲିସ୍ ଦୁର୍ଘଟଣା ଘଟାଇଥିବା ଟ୍ରଲର ଓ ୩ଟି ମୋଟର ସାଇକେଲ ଜବତ କରିବା ସହିତ ଅଧିକ ତଦନ୍ତ ଜାରି ରଖିଛି ।

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)
NURSERY (3+)
LKG, UKG, STD-I TO V



TUITION CLASSES
for Std I to Std V
Timing: 5 PM to 6.30 PM

FIND THE DIFFERENCE
● Surveillance through CCTV Camera ● Small Classes ● Congenial Environment ● Intimate, Safe & Secured Place ● Experienced & loving teachers ● Individual attention to each child ● Spacious Playground ● AC Activity Room ● Transport Facilities

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray